# ରଘୁଅରକ୍ଷିତ

(ଭକ୍ତିରସାତ୍ମକ ନାଟକ)

**Raghu Arakshita**


ଶ୍ରୀ ରାମଚନ୍ଦ୍ର ମହାପାତ୍ର ଏମ୍.ଏ., ଏଲ୍.ଟି., କାବ୍ୟତୀର୍ଥ

Ramchandra Mahapatra M. A., L. T., Kavyatirtha.



ପ୍ରକାଶକ :—

ପଣ୍ଡିତ ଶ୍ରୀ ଗୋପୀନାଥ ମହାପାତ୍ର, କାବ୍ୟତୀର୍ଥ

ମାର୍କଣ୍ଡେଶ୍ୱର ସାହି, ପୁରୀ

ମୂଲ୍ୟ ଠ ୧୫୯

All rights reserved

ସର୍ବସ୍ୱତ୍ୱ ସଂରକ୍ଷିତ

ଚତୁର୍ଥ ମୁଦ୍ରଣ—୧୯୫୭

ମୁଦ୍ରାକର
ଶ୍ରୀ ରାଧାନାଥ ରଥ
ସତ୍ୟବାଦୀ ପ୍ରେସ, କଟକ

# ସୂଚନା

ଏହି ଭକ୍ତି-ରସାତ୍ମକ ନାଟକର ପରିଚୟ ପ୍ରଦାନ ନିଷ୍ପ୍ରୟୋଜନ । ଏହାର କଥାବସ୍ତୁ ଉତ୍କଳରେ ସୁପରିଚିତ ଭକ୍ତକବି ୰ରାମଦାସଙ୍କ କୃତ "ଦାର୍ଢ୍ୟତାଭକ୍ତି"ରୁ ଗୃହୀତ; ତଥାପି ନାଟକ ସମ୍ବନ୍ଧରେ ଏତିକି ମାତ୍ର ବୋଲାଯାଇ ପାରେ ଯେ, ବିଷୟଟି ଉକ୍ତ ପୁସ୍ତକରୁ ଗୃହୀତ ହୋଇ-ଥିଲେହେଁ ସ୍ଥାନେ ସ୍ଥାନେ ପରିବର୍ତ୍ତିତ ଓ ପରିବର୍ଦ୍ଧିତ ହୋଇଅଛି; କେତେକ ସ୍ଥଳରେ ନୂତନ ଚରିତ୍ର-ସମାବେଶ ଦ୍ୱାରା ଅଭିନୟୋପଯୋଗୀ କରାଯାଇଅଛି ଏବଂ ସର୍ବସାଧାରଣଙ୍କ ବୋଧଗମ୍ୟ ହେବା ଭଳି ଯଥାସମ୍ଭବ ଦେଶପ୍ରଚଳିତ ସରଳ ଭାଷାରେ ଲିଖିତ ହୋଇଅଛି ।

ଏହି ନାଟକ ସର୍ବପ୍ରଥମେ ୧୧।୬।୩୪ ତାରିଖରେ ପୁରୀଜିଲ୍ଲାନ୍ତର୍ଗତ ବୀରନରସିଂହପୁର ଶାସନର ଗୌରିଶଙ୍କର ନାଟ୍ୟସଂଘ ଦ୍ୱାରା ଅଭିନୀତ ହୋଇଥିଲା । ଅନନ୍ତର କଟକ ଟ୍ରେନିଂ ସ୍କୁଲର ଛାତ୍ରମାନେ ଗଣେଶପୂଜା ଉପଲକ୍ଷରେ ଉତ୍କଳ ସାହିତ୍ୟ ସମାଜର ଶ୍ରୀରାମଚନ୍ଦ୍ର ଭବନରେ ଦୁଇ ରାତ୍ରି (୧୩।୯।୩୪ ତାରିଖ ଓ ୧୪।୯।୩୪ ତାରିଖ) ଏହା ଅଭିନୟ କରିଥିଲେ । ଏଥି ନିମିତ୍ତ ମୁଁ ବୀରନରସିଂହପୁର ନାଟ୍ୟସଂଘର ସଭ୍ୟମାନଙ୍କୁ ଧନ୍ୟବାଦ ଅର୍ପଣ କରୁଅଛି ଏବଂ ମୋର ପ୍ରିୟ ଟ୍ରେନିଂ ସ୍କୁଲର ଛାତ୍ରମାନେ ବହୁ ଆୟାସ ସହକାରେ ଏହି ନାଟକର ଅଭିନୟରେ ଯେଉଁ କୃତିତ୍ୱ ଦେଖାଇ-ଅଛନ୍ତି, ସେଥିପାଇଁ ସେମାନଙ୍କୁ, ଉକ୍ତ ସ୍କୁଲସଂଲଗ୍ନ କମର୍ସିଆଲ୍ କ୍ଲାସର ଓ ପ୍ରାଃ ମିଃ ଇଃ ସ୍କୁଲର ଯେଉଁ ଛାତ୍ରମାନେ ଏଥିରେ ଯୋଗ ଦେଇଥିଲେ, ସେମାନଙ୍କୁ ମଧ୍ୟ ଆଶୀର୍ବାଦ କରୁଅଛି ।

ମୋର କତିପୟ ବିଶିଷ୍ଟ ବନ୍ଧୁଙ୍କ ଉତ୍ସାହ ଓ ପ୍ରେରଣାରେ ଏହି ପୁସ୍ତକଟି ମୁଦ୍ରିତ କରିବାକୁ ସାହସୀ ହୋଇଅଛି । ଏଥିର ଦୋଷାଦୋଷ ସୁଧୀ ପାଠକପାଠିକାମାନେ ବିଚାର କରିବେ ।

ପରିଶେଷରେ ମୋର ପରମଭକ୍ତିଭାଜନ ଶ୍ରୀଯୁକ୍ତ ଗୋପାଳଚନ୍ଦ୍ର ପ୍ରହରାଜ ମୁଦ୍ରଣ ପୂର୍ବରୁ ନାଟକର ପାଣ୍ଡୁଲିପି ସ୍ଥାନେ ସ୍ଥାନେ ସଂଶୋଧନ କରି ଦେଇଥିବାରୁ ମୁଁ ସେ ମହୋଦୟଙ୍କଠାରେ ଚିରଋଣୀ ରହିଲି ।

ବିଶ୍ୱନାଥପୁର ଶାସନ<br>
ସାକ୍ଷୀଗୋପାଳ, ପୁରୀ<br>
ତା ୨।୨।୩୫

**ଶ୍ରୀ ରାମଚନ୍ଦ୍ର ମହାପାତ୍ର**

# ଉଦ୍‌ବୋଧନ

(ଜୟ) ଭକତ-ବତ୍ସଳ ଶ୍ରୀବତ୍ସାଙ୍କ !
ଭକତ ଅଧୀନ ଥାଅ ଚିରଦିନ
ଭକତ-ଲକ୍ଷଣ ନ ପାରି ସହି ।
ଭକ୍ତ-ଜନ-ହୃଦ-ପ୍ରେମ-ସମ୍ବଳ,
ସୁଖେ ଦୁଃଖେ ତାର ଆଶ୍ରୟସ୍ଥଳ,
ଭକତକୁ କୋଳେ ଧରିଥାଅ ଖେଳେ
କର ତାକୁ ହେଲେ ସଙ୍କଟୁ ଯାହି ।

# ସଙ୍କେତ

## ପୁରୁଷ

| | | |
|---|---|---|
| ଅରିନ୍ଦମନ ମାନସିଂହ | ପଦ୍ମପୁରର | ରାଜା |
| ବାସୁଦେବ ମହାପାତ୍ର | ,, | ମନ୍ତ୍ରୀ |
| ସୁରଥ | ,, | ମନ୍ତ୍ରିପୁତ୍ର |
| ଭୀମମଲ୍ଲ | ,, | ସେନାପତି |
| ସର୍ଦ୍ଦାର ସିଂହ | ,, | କଟୁଆଲ |
| ରଙ୍ଗିଆ, ବୁନ୍ଧଆ | ,, | ଗୁପ୍ତଚର ଦ୍ୱୟ |
| ଦୁର୍ଲ୍ଲଭ | | ସୁରଥର ତୋଷାମୋଦକାରୀ |
| କୃଷ୍ଣଚନ୍ଦ୍ର | | ହରିପୁରବାସୀ ମହାଜନ |
| ରଘୁନାଥ | | ,, ,, ପୁତ୍ର |
| ଗଙ୍ଗାଧର | | କଳାବନ୍ତପୁରର ଜନୈକ ମଧ୍ୟବିତ୍ତ ବ୍ୟକ୍ତି |
| ଧୀରପାଣି, ଚକ୍ରପାଣି, ଚନ୍ଦ୍ରପାଣି | | ଗଙ୍ଗାଧରର ପୁତ୍ରତ୍ରୟ |
| ଧନପତି | | ଛଦ୍ମବେଶୀ ସୁରଥ |
| ସାଧୁଦ୍ୱୟ, ଶବରଦ୍ୱୟ | | ଛଦ୍ମବେଶୀ ଜଗନ୍ନାଥ ଓ ବଳଭଦ୍ର |
| ବୃଦ୍ଧ ବ୍ରାହ୍ମଣ | | ଛଦ୍ମବେଶୀ ଭଗବାନ |

ସଙ୍ଗୀଗଣ, ଭିକାରୀଗଣ, ଗୁପ୍ତଘାତକଗଣ, ପ୍ରହରୀଦ୍ୱୟ, ଭୂଇଁମୂଳ, ନଗରବାସୀ, ଗ୍ରାମବାସୀ, ଜନୈକ ଗୃହସ୍ଥ, ଭିକ୍ଷୁକ, ଭୃତ୍ୟ, ବାଳକ-ବେଶୀ ଶ୍ରୀକୃଷ୍ଣ ।

## ସ୍ତ୍ରୀ

| | |
|---|---|
| ଅନ୍ନପୂର୍ଣ୍ଣା | ଗଙ୍ଗାଧରର କନ୍ୟା |
| ନୂଆବୋହୂ | ଧୀରପାଣିର ପତ୍ନୀ |
| କମଳୀ } | ଅନ୍ନପୂର୍ଣ୍ଣାର ସଖୀଦ୍ୱୟ |
| ବିମଳୀ } | |

ଗୃହସ୍ଥପତ୍ନୀ, ବନ୍ଧନଗଣ, ଶବରୀଗଣ

# ରଘୁଅରକ୍ଷିତ

## ପ୍ରଥମ ଅଙ୍କ

### ପ୍ରଥମ ଦୃଶ୍ୟ

**କକ୍ଷ**

( ଅଗ୍ରେ ସୁରଥ ତତ୍‌ପଶ୍ଚାତ୍ ତୋଷାମୋଦକାରୀ ଦୁର୍ଲ୍ଲଭର ପ୍ରବେଶ )

ସୁରଥ—ଏ କଅଣ କମ୍ ଅପମାନ ? କମ୍ ଲଜ୍ଜା ? ଅନ୍ତରଙ୍ଗ ବନ୍ଧୁ ବୋଲି ପରିଚୟ ଦେଇ, ମନ ଭୁଲାଣିଆ କଥା କହି ଶେଷରେ ଏତେଦୂର ପ୍ରତାରଣା ! ଆସୁ ସେ ବର୍ବର, ତାର କୃତଘ୍ନତାର ଯଥାଯୋଗ୍ୟ ପୁରସ୍କାର ଦଉଚି । ଦୁର୍ଲ୍ଲଭ ! ଦେଖିଲୁ ନିର୍ଲ୍ଲଜ୍ଜର ବ୍ୟବହାର ?

ଦୁର୍ଲ୍ଲଭ—ଆଜ୍ଞା ! ତା କଅଣ ଆଉ ବୁଝିବାକୁ ବାକୀ ଅଛି ? ଓହୋ ! ଲୋକଟା କେଡ଼େ ଠକ—କେଡ଼େ ଫିସାଦିଆ, କେତେ ମିଛ କହି-ପାରେ ସେ ! ମିଛ ବୋଲି ମିଛ—ଏକାବେଳକେ କଞ୍ଚା ମିଛ ! କେଉଁଠା ଦିନ ଭିତରେ କେତେ ପେଞ୍ଚ ଖେଳିଗଲା !

ସୁରଥ—କାହାସହିତ ପେଞ୍ଚ ଖେଳୁଛୁ ଜାଣି ନାହିଁ ମୂର୍ଖ, ଏହିଥର ଠିକ୍ ଜାଣିବ । ହାଃ ! ହାଃ ! ହାଃ ! ସାମାନ୍ୟ କ୍ଷୀଣକାୟ ଦୁଗ୍ଧପୋଷ୍ୟ ମୃଗଶାବକ ମହାପରାକ୍ରମଶାଳୀ ମଦମତ୍ତ କେଶରୀକୁ ଅବଜ୍ଞା କରୁଛୁ !

ଦୁର୍ଲଭ—ମତେ ଲାଗୁଛୁ ଏଥିରେ ଗୋଟାଏ କିଛୁ ଭିତରିଆ କଥା ଅଛୁ, କିଛୁ ନା କିଛୁ ରହସ୍ୟ ଅଛୁ । ନଇଲେ କଅଣ ଲୋକଟାର ଏତେ ବଡ଼ ସାହସ ହୁଅନ୍ତା !

ସୁରଥ—ଏଥିରେ ଆଉ ରହସ୍ୟ କଅଣ ? ପିତାର ଧନଲୋଭ, ପୁତ୍ର-ମାନଙ୍କର ସମ୍ମତି, ଚକ୍ରପାଣିର କୁମନ୍ତ୍ରଣା—ଏହା ଛଡ଼ା ଆଉ କଅଣ ଥାଇ ପାରେ ? କିନ୍ତୁ ଏ ଅନ୍ୟାୟର ପ୍ରତିଶୋଧ ନ ନେଲେ, ଐ ଗର୍ବ ଖର୍ବ ନ କଲେ ମୋର ଶାନ୍ତି ନାହିଁ । ପ୍ରତିଶୋଧ ନେବି—ନେବି—ନେବି ।

ଦୁର୍ଲଭ—କାହିଁକି ନ ନେବେ ! ଏ କଅଣ ଗୋଟାଏ କମ୍ କଥା, ଆଜ୍ଞା ! କମ୍ ଅପମାନ ! ଜବାବ କର—କୁହା ନାହିଁ, ବୋଲି ନାହିଁ, ଜଣା-ନାହିଁ, ଶୁଣା ନାହିଁ, କଅଣ ନାଁ ହାତଗଣ୍ଠି ପଡ଼ିଗଲା । ବର ତ ବର—ଫେର୍ ଆପଣଙ୍କ ପରି ବର—ରୂପରେ କନ୍ଦର୍ପ, ଗୁଣରେ ବୃହସ୍ପତି, ଧନରେ କୁବେର୍ ! ଆପଣଙ୍କ ଗୋଡଧୁଆ ପାଣିକି ସେ ରଘୁଆଟା ସରି ହବ ନାଁ ? ମୁଁ ତ ଶୁଣିଲାବେଳୁ ମୋ ହାଡ ଭିତର ଖାଲି ଶୂଳେଇ ହଉଛୁ । କରେ ! କଅଣ ମଗଜ ଗରମ ହୋଇ-ଗଲାଣି କି ?

ସୁରଥ—ମଗଜ ଗରମ ହୋଇଛୁ ଦୁର୍ଲଭ ! ଖୁବ ଗରମ ହୋଇଛୁ । ଧନ ଗରମ ବଡ଼ ଗରମ କି ନାଁ ! ହଉ ହଉ, ଏହି ଥର ଥଣ୍ଡା ହୋଇଯିବ ଯେ !

ଦୁର୍ଲଭ—ଆରେ ! ମନ୍ତ୍ରୀମଣିମାଙ୍କ କରାମତି ବୁଦ୍ଧି ନାହାନ୍ତି ପରା ! ଆଖି ପିଞ୍ଚାଡ଼ିଲେ ବୁଦ୍ଧି ବଣା ହୋଇଯିବ ଯେ ! ଯାହାଙ୍କ ଆଙ୍ଗି

ଅଗରେ ଏଡ଼େ ବଡ଼ ବାଇଜଣ୍ଟା ସୁରୁଖୁରୁରେ ଚଳୁଛି ତାଙ୍କ ସଙ୍ଗେ ମନାନ୍ତର ! ଫେର୍ ତାଙ୍କ ଗୁଣବନ୍ତ ପୁଅଙ୍କୁ ଏତେ ସରିକ ଅପମାନ ! ହେଁଃ ! ନଆଁ ସଙ୍ଗେ ପୁଣି ଖେଳ ! ଧରମ ଗୁଡ଼ିଲେ, କପାଳ ଫାଟିଲେ ଲୋକେ ଭଲକୁ ଭଲଆ ମଣନ୍ତି ସିନା ! ପାଣିରେ ଘର କରି ଫେର୍ କମ୍ଭୀର ସଙ୍ଗେ କଳି ।

ସୁରଥ—ଆଉ ବେଶି ଡେରି ନାହିଁ, ଦୁର୍ଲଭ ! ଏହି ଥର ବୁଝିବ ଯେ !

ଦୁର୍ଲଭ—ବଡ଼ ଦୁଃଖ ଲାଗୁଛି, ବାହାଘରଟା ଯାହା ସରିଗଲା । ତା ନ ହୋଇଥିଲେ ବେଦୀ ଉପରୁ ପରା ବରଟାକୁ ଟାଣି ଆଣି ଫୋପାଡ଼ି ଦେଇ ଥାଆନ୍ତି । କଅଣ ହବ କହିଲେ ? ଆଉ ତ ସେ କନ୍ୟା ମିଳିବ ନାହିଁ । ହେଲେ କନ୍ୟାଟିଏ କି ! ସ୍ୱର୍ଗଟିଏ ତ ! କେତକୀ ପାଖୁଡ଼ା ପରି ଗୋରା, କି ସୁନ୍ଦର ରୂପ ! କି ହସ ହସ ମୁହଁ ! କି ରସରସିଆ ଚାଣି ! କି କୋମଳ ମଧୁର ବଚନ ! ଗୁଣୁ ଣୀ ହାତ ପାହୁଲ ପକେଇଲା ପରି କି ସୁନ୍ଦର ଧୀର ଚାଲି ! ସତେ ଯିମିତି ଗୋଟିଏ ଛାଞ୍ଚରେ ଗଢ଼ା ! ସିମିତି କନ୍ୟା ଭାଗ୍ୟରେ ଥିଲେ ମିଳେ ଏକା ! ସରଗର ଅପସରାଟିଏ ତ ! ଠିକ୍ ଆପଣଙ୍କ ଲାଖି ପରା ! ଆହା ! ବାହାଘରଟା ହୋଇଥିଲେ କେଡ଼େ ଶୋଭା ପାଇଥାନ୍ତା ! ହାତ-ଦାନ୍ତରେ ସୁନା ଗୁଡ଼ଉଣୀ ହୋଇଥାନ୍ତା ପରା !

ସୁରଥ—ଦେଖିବୁ ଦୁର୍ଲଭ, ଢନେ ସୁନା ଗୁଡ଼ଉଣୀ ହବ । କିଏ କହେ ବିବାହ ହୋଇଛି ବୋଲି ? ସେପରି ବିବାହ ସମର୍ଥନ କରିବାକୁ ମୁଁ ପ୍ରସ୍ତୁତ ନୁହେ । ମୁଁ ଏ ଅନ୍ୟାୟର ପ୍ରତିଶୋଧ ନେବି । ଏ ବିବାହ-ସମ୍ବନ୍ଧ ନିଶ୍ଚେ ଭଗ୍ନ କରିବି ।

ଦୁର୍ଲଭ—ସେଇଟା ଆପଣଙ୍କୁ କଅଣ ଗୋଟାଏ ବଡ଼ କଥା ! ହେଲେ, ଜାତି, କୁଳ, ମହତ, ବନ୍ଧୁ ବାନ୍ଧବ, ସମାଜ—

—ରଘୁ ଅରକ୍ଷିତ—

**ସୁରଥ**—ସମାଜ ସ୍ୱୀକାର କରିଛୁ, କରୁ, ମୁଁ କିନ୍ତୁ ସ୍ୱୀକାର କରିବି ନାହିଁ । ମୁଁ ସେ ମହାଜନର ସର୍ବନାଶ କରିବି । ଧନଗର୍ବୀ ରଘୁଆକୁ ପଥର ଭିକାରୀ କରି ମୋର ପ୍ରତିବନ୍ଧକ ଦୂର କରିବି । ଧନାନ୍ଧ, ମଦାନ୍ଧ ରଘୁଆ ! ସୁରଥକୁ ଚିହ୍ନି ନାହୁଁ, ଏଇଥର ଭଲ କରି ଚିହ୍ନିବୁ, ଶକ୍ତି ମଧ୍ୟ ପରୀକ୍ଷା କରିବୁ । ମୋର ବିଶ୍ୱାସ, ଅନ୍ନପୂର୍ଣ୍ଣାର ଭାଇମାନେ ଗୋପନରେ ପିତାଙ୍କୁ ମତାଇ ଏ କାର୍ଯ୍ୟ କରିଛନ୍ତି । ପ୍ରତାରକ ଚକର ! ଥରେ ତୁ ମୋ ହାବୁଡ଼େ ପଡ଼ନ୍ତୁ କି !

**ଦୁର୍ଲଭ**—ଲାଜରେ ଆଉ ମୁଣ୍ଡ ଟେକି ପାରିବ ଯେ ଏଠାକୁ ଆସି ଦେଖା-ଦବ । ହେଲେ ଲୋକଟାକୁ କେତେ ହୃଦର ଆସେ । ସଂସାରରେ ଇମିତି ଅବିଶ୍ୱାସୀ, କାନକୁହା, ଖୋସାମଦିଆ ଲୋକ ଅଛନ୍ତି ବୋଲି ମତେ ତ ଜଣା ନ ଥିଲା । ଭଲ ଲୋକଟି ପରି ଉପରେ ସୁଆଦିଆ କଅଁଳ କଥାରେ ସମସ୍ତଙ୍କୁ ଭୁଲାଇ, ଭିତରେ ଭିତରେ କଅଣ ନା ମୂଳପୋଛ ! ବିଶ୍ୱାସରେ ବିଷ ଦିଏ ଯେ ତାଠୁଁ ବଳି ପାପୀ ଆଉ ଅଛି ନାଁ ?

**ସୁରଥ**—ଠିକ୍ କହୁଛୁ ଦୁର୍ଲଭ ! ଠିକ୍ କହୁଛୁ ।

( ନତ ମସ୍ତକରେ ଚକ୍ରପାଣିର ପ୍ରବେଶ ଓ ଅଭିବାଦନ )

ପ୍ରତାରକ ! ବିଶ୍ୱାସଘାତକ ! କଳଙ୍କ ! ଏଠାକୁ କାହିଁକି ? ଦୂର୍ ହୋ ମୋ ସମ୍ମୁଖରୁ ! ଏହି ମୁହୂର୍ତ୍ତରେ ଏ ସ୍ଥାନ ପରିତ୍ୟାଗ କର । ତୋର ଉପସ୍ଥିତିରେ ମୋ ଗୃହ କଳୁଷିତ ହେଉଛି । ତୋତେ ଦେଖିଲାକ୍ଷଣି ମୋର ହୃତ୍‌କମ୍ପ ହେଉଛି । ତୋ ପରି ହୀନ ନରାଧମକୁ ବିଶ୍ୱାସ କରି ମୋର ବେଶ୍ ଶିକ୍ଷା ହୋଇଛି । ଯାଃ, ଦୂର୍ ହୋ !

[ରାଗରେ ଠେଲିଦେବା]

**ଚକ୍ର**—କ୍ଷମାକର, ବନ୍ଧୁ ! ଅକାରଣରେ ଭର୍ତ୍ସନା କର ନାହିଁ; ଲଜ୍ଜା ଦିଅ ନାହିଁ ।

—ରଘୁଅରକ୍ଷିତ—

ସୁରଥ—କ୍ଷମା ! ହାଃ ! ହାଃ ! ଯା—ସେହି ବର୍ବର ରଘୁଆର ପଦତଳେ କ୍ଷମା ଭିକ୍ଷା କରିବୁ, ଯା ।

ଚନ୍ଦ—ବୃଥା କଟୁକଥା କହି ହୃଦୟର ଜ୍ୱାଳା ବଢ଼ାଅ ନାହିଁ, ବନ୍ଧୁ !

ସୁରଥ—କିଏ ତୋର ବନ୍ଧୁ ? ତୁ ଯେ ମୋର ପରମ ଶତ୍ରୁ ।

ଚନ୍ଦ—କାହିଁକି, କି ଅପରାଧ କରିଛି ? ଶତ୍ରୁର କାର୍ଯ୍ୟ କରିଥିଲେ ମୋତେ ଦଣ୍ଡ ଦିଅ, ମୁଁ ତାହା ଗ୍ରହଣ କରିବାକୁ ପ୍ରସ୍ତୁତ । ଆଗେ କାରଣ ବୁଝି ପରେ ଯାହା ଇଚ୍ଛା କର । ଶୁଣ ବନ୍ଧୁ ! ମୋର ଅନୁପସ୍ଥିତିରେ—ଅଜ୍ଞାତରେ—

ସୁରଥ—ଚୁପ୍ କର, ମିଥ୍ୟାବାଦି ! ଭାବିଛୁ ସୁରଥ ତୋ ତୋଷାମଦରେ ତା ଅଟଳ ପ୍ରତିଜ୍ଞା ବିସ୍ମୃତ ହୋଇଯିବ ? ହାଃ ! ହାଃ ! ଧୂର୍ତ୍ତ ! ଆଜଯାଏ ସୁରଥର ସୌମ୍ୟମୂର୍ତ୍ତି ଦେଖି ଆସିଥିଲୁ । ଏଣିକି ତାର ଭୀମମୂର୍ତ୍ତି ଦେଖିବାକୁ ପ୍ରସ୍ତୁତ ହୋ ।

ଦୁର୍ଲଭ—ଆପଣ ମାନମହତକୁ ଜଗି ଏ ସ୍ଥାନରୁ ଚାଲିଯାଆନ୍ତୁ, ଚନ୍ଦବାବୁ ! ନଇଲେ ବଡ଼ ଅପମାନ ପାଇବେ ।

ଚନ୍ଦ—ମୋ ପ୍ରାର୍ଥନା ଶୁଣିବ ନାହିଁ, ବନ୍ଧୁ ?

ସୁରଥ—ମିଥ୍ୟାବାଦୀ, ପ୍ରତାରକର କୌଣସି କଥା ଶୁଣିବାକୁ ମୁଁ ଇଚ୍ଛା କରୁନାହିଁ । ଯା, କହୁଛି ।

ଚନ୍ଦ—ହଉ, ଯାଉଛି, କିନ୍ତୁ ଏତିକି କହି ବିଦାୟ ନଉଛି—ମୁଁ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ । ପୁନରପି ସାକ୍ଷାତ କରିବାର ଅନୁମତି ଯେପରି ପାଏଁ ।

(ପ୍ରସ୍ଥାନ)

ଦୁର୍ଲଭ—ଓହୋ ! ରାଗିଯିବାରୁ ଆପଣଙ୍କ ମୁହଁଟା ରଙ୍ଗ ପଡ଼ିଗଲାଣି ।

ସୁରଥ—ରାଗି ନାହିଁ; ଦୁର୍ଲଭ ! ରାଗର ସମୟ ଆସୁଛି । ଦେଖିବୁ ମୋର କୋପମୂର୍ତ୍ତି କିପରି ପ୍ରଳୟ କାଳର ସଂହାରରୂପ ଧାରଣକରି ରଘୁଆର ସର୍ବନାଶ ସାଧନ କରିବ । ମୋ କୋପବହ୍ନିରେ ରଘୁଆର ସବୁ

ସୁଙ୍, ସବୁ ଆଶା ପୋଡ଼ି ଛାରଖାର ହୋଇଯିବ । ମୁଁ ଏଥର ସବୁ ଆୟୋଜନ କରୁଛି । ଆଉ ବେଶୀ ବିଳମ୍ବ ନୁହେ, କେବଳ ସୁଯୋଗକୁ ଅପେକ୍ଷା ।

ଦୁର୍ଲଭ—ଆପଣଙ୍କୁ ଅପୂର୍ବ କଅଣ ? ମନେ କଲେ ତ ଘଡ଼ିକେ ରାଜକଣ୍ଟାଯାକ ଓଲଟେଇ ଦେଇପାରିବେ ।

ସୁରଥ—(ଅର୍ଦ୍ଧ ସ୍ୱଗତ) ଯାଏଁ, ମୋ କୋପବହ୍ନିର ଇନ୍ଧନ ସଂଗ୍ରହ କରେଁ । (ପ୍ରକାଶ୍ୟେ) ଆ, ଦୁର୍ଲଭ ! (ସ୍ୱଗତ) ଅନ୍ନପୂର୍ଣ୍ଣା ! ତୋ ପାଇଁ ଏ ଜୀବନ—

(ସୁରଥ ଓ ତତ୍‌ପଶ୍ଚାତ୍ ଦୁର୍ଲଭର ପ୍ରସ୍ଥାନ)

---

## ଦ୍ୱିତୀୟ ଦୃଶ୍ୟ

### ମହାଜନ ଗୃହର ଅଦୂରବର୍ତ୍ତୀ କ୍ରୀଡ଼ାଭବନ

(ସଙ୍ଗୀଗଣ ସହ ରଘୁନାଥ ପଶାକ୍ରୀଡ଼ାରତ)

୧ମ ସଙ୍ଗୀ—ବାଃ ! ବାଃ, ଖେଳ ତ ପାଚିଲା ବୋଲି ଜାଣ (ପଶାକାଠି ଗଡ଼ାଇ) ଏଇ ଦେଖ; କାଠି ବୋଲି ମାନୁଛି କି ନାହିଁ, ଦେଖିଲ ?

୨ୟ—ଆଚ୍ଛା ! ଆଚ୍ଛା, (କାଠି ଗଡ଼ାଇ) କେତେ ରେ ? ଏଇ ଦେଖ, ପୁଅବାର ତେର । (ପଶାପାଲିରେ ତେର ଗଣି ବିପକ୍ଷର ଗୋଟିକୁ ମାରିବା )

୩ୟ—କେମିତି ପାହାର ! ଏଇ ପାହାରଟା ଏକା କେତେକାଳକୁ ମନେଥିବ । ଦେ ରଘୁଭାଇ ? ଗଡ଼େଇବୁଟି ।

ରଘୁ—(ନୀରବରେ କାଠି ଗଡ଼େଇଦେବା )

ଅନ୍ୟ—ପନ୍ଦର ରେ ! (କାଠି ଗଡ଼ାଇବା )
୧ମ—ହେଲ ନାହିଁ ! ହେଲ ନାହିଁ ! ( କାଠି ଗଡ଼ାଇ) ସତର ରେ ! !
ବାଃ ! ବାଃ ! ସ୍ଥା ନାଁ ଯେ କାଠି ।
୨ୟ—ଯାଃ, ଘରକୁ ବାହାର ଯା ( କାଠି ଗଡ଼ାଇବା ଓ ଘର ଗଣିବା)
୧ମ—ଦେ, ରଘୁଭାଇ ! ତୁ ସେ ଗୋଟିଟାକୁ ବେଇଗି ମାର ଦବୁଟି ।
(ରଘୁକୁ ଅନ୍ୟମନସ୍କ ଦେଖି) ଏ କଣ ? ତୁନିଟି ହୋଇ ବସିଲୁ
ଯେ ? କଅଣ ଭାବୁଛୁ ?
ଅନ୍ୟ—ଭାବିବେ ଆଉ କଣ ? ଦିନରାତି ପ୍ରେମମୟୀଙ୍କ ପ୍ରେମଚିନ୍ତା । ଦେଖୁ-
ନାହଁ, କେତୋଟା ଦିନ ଭିତରେ ରଘୁଭାଇ ଆମର କେମିତି ଆଠ-
ପଣ ଶୁଖିଗଲେଣି ।
ରଘୁ—( ହସିବା )
୨ୟ—ବାନ୍ଧବୀ ଆମର ଫେର ଆସିବେ ନାହିଁ ଯେ ଏଥିପାଇଁ ଏତେ ଚିନ୍ତା
କାହିଁକି ? ନଇଲେ ଗୋଟାଏ ଭିତରିଆ ଖବର, କି ଗୋଟାଏ ଚର
ପଠାଇ ଦେବା ।
୧ମ—(କାଠି ରଘୁ ହାତକୁ ବଢ଼ାଇଦେଇ) ନେ ମ ଗଡ଼ା, କେତେ ଭାବୁଛୁ !
ରଘୁ—( ହସିବା ଓ କାଠି ଗଡ଼ାଇବା )

( ଗୀତ ଗାଇ ଜନୈକ ଭିକ୍ଷୁକର ପ୍ରବେଶ; ରଘୁ ଓ
ତାହାର ବନ୍ଧୁଗଣ କ୍ରୀଡ଼ାରତ )

ଗୀତ

ଭିଖାରୀ ଆସି ଡାକେ ଦୁଆରେ
ଭିକ୍ଷା ଦିଅ ଗନ୍ଧବାସୀ ।
କେହି ନାହିଁ ଦୁଃଖେ କହିବାକୁ ଆହା, ସାହା ଏକା ଭବେ ସେହି ଚକ୍ରବାହା
ଯାଇଛୁ ସରବ, ଭାଙ୍ଗିଛୁ ଗରବ, ଉପବାସୀ ଦିବା ନିଶି । ୧ ।
ଉଦର ଜ୍ୱାଳାରେ ଅଙ୍ଗ ଯାଏ ପୋଡ଼ି, କ୍ଷଣେ କ୍ଷଣେ ମୋର ଚେତା ଯାଏ ବୁଡ଼ି
ଅନ୍ଧାର ଘୋଟଇ, ଦିଗ ନ ଦିଶଇ, କଣ୍ଠାଗତ ପ୍ରାଣରାଶି । ୨ ।

—ରଘୁଅରକ୍ଷିତ—

ଭିକ୍ଷୁକ—ବାବାମାନେ ! ଏ ଭିଖାରୀଟାକୁ ଗଣ୍ଡେ କିଛି ମିଳୁ ?

୨ୟ—ଏଠାରେ କିଛି ମିଳିବ ନାହିଁ, ଆଉ କେଉଁଠି ଦେଖିବୁ ଯା; (କାଠି ଗଡ଼ାଇବା)

ଭିକ୍ଷୁକ—ପେଟ ପୋଡ଼ି ଯାଉଛି ବାବା ! ମନା କର ନା ।

ରଘୁ—(ନୀରବରେ ପୂର୍ବବତ୍ କାଠି ଗଡ଼ାଇବା )

୩ୟ—ଓଃ ! ଏ ତ ବଡ଼ ଗୋଳମାଳ କଲା ! (କାଠିଧରି) ଆରେ ଓଲୁ ! ଏ କଅଣ ଭିକ ମିଳିବା ଥାନ ? (କାଠି ଗଡ଼ାଇବା)

ଭିକ୍ଷୁକ—ଭିଖାରୀର ଏ ଦୁନିଆରେ ଥାନ ଅଥାନ କଅଣ, ବାବା !

୧ମ—ଓଃ ! ! ଦୁନିଆଟା ସତେ ଯେପରି ସ୍ପାର କରିକଶିଆ ! ପହଞ୍ଚିଗଲେ ଆଣ୍ଟୁଳି ଆଣ୍ଟୁଳି ଟଙ୍କା କାଉଡ଼ି ଢାଳି ଦେବେ ! ଯାଃ ! ଯାଃ ! କେତେ ରଙ୍ଗରେ କଥା କହୁଛି ! (କାଠି ଗଡ଼ାଇବା )

ଭିକ୍ଷୁକ—ବାବା ! ଭୋକରେ ପେଟ ଜଳୁଛି, ପାଦ ଚଳୁ ନାହିଁ । ବହୁତ ଆଶା କରି ଆସିଚି ବାବା ! ବହୁତ ଆଶା କରି ଆସିଚି । ନିଆଶ୍ରୀଟାକୁ ନିଆଶା କର ନା, ବାବା ।

୨ୟ—ଆରେ ଏଟା ତ ଭାରି ବଦମାସ୍ ! ଆବେ ! ଏଠି କଅଣ ତୋ ବାପ-ଦାଦାଙ୍କ ଗଣ୍ଡି ପୋତା ହୋଇଛି ? (କାଠି ଗଡ଼ାଇବା ଓ ଘର ଗଣିବା)

ଭିକ୍ଷୁକ—ନାଇଁ ବାବା ! ମୋର କେହି ନାଇଁ । ଆପଣମାନେ ମୋ ବାପ ଦାଦା—ମୋର ଭରସା ବାବା ! ଆପଣମାନେ ବଡ଼ଲୋକ, କୋଟି ଐଶ୍ୱର୍ଯ୍ୟ ଭୋଗ କରୁଚନ୍ତି । ମୁଁ ପରା ଗରିବଟାଏ । ପେଟ ବିକଳରେ ବାରଦୁଆର ମାଗି ବୁଲୁଚି ! ମନା କରନ୍ତୁ ନାଇଁ, ବାବା !

୧ମ—ଓଃ, ଖେଳ ପାଚିବା ବେଳଟାରେ ଏଥିରୁ ଗୋଟେ କୁଆଡ଼ୁ ଆସି ସବୁ ମଉଜ ମାଟି କରିଦେଲା ।

ଭିକ୍ଷୁକ—ବାବା ! ମତେ ଗଣ୍ଡେ ପକେଇ ଦିଅ, ମୁ ଯାଏଁ । ଆପଣମାନଙ୍କ ଖେଳରେ ବାଧା ଦେବି ନାଇଁ ।

— ରଘୁଅରକ୍ଷିତ —

୨ୟ—ରଘୁଭାଇ ! ଏଟାକୁ ତ ନ ତଡ଼ିଲେ ଖେଳ ହବ ନାହିଁ । ଦରୁ-
ଆନକୁ ଡାକ ।
୩ୟ—ହଁ, ହଁ, ଦରୁଆନକୁ ଡାକ । ନଇଲେ ଚଳିବ ନାହିଁ ।
ରଘୁ—ଦରଓ୍ୟାନ ! !
ଦରଓ୍ୟାନ—(ପ୍ରବେଶ କରି) ହୁକୁର !
୨ୟ—ଏଟାକୁ ଏଠୁ ଧକ୍‌କା ଦେଇ ବାହାର କରି ଦେ ତ !
ଦର—ଆଜ୍ଞା ! ଗୃଲ୍ ବେ ଗୃଲ୍ (ଭିକ୍ଷୁକକୁ ଟାଣିବା)
୩ୟ—ସେମିତ ନୁହେଁ, ସେମିତ ନୁହେଁ । ଧକ୍‌କା—ଧକ୍‌କା, ତଣ୍ଟିଆ—
ତଣ୍ଟିଆ ।
ଦର—(ତଥାକରଣ)
୨ୟ—ନାହିଁ, ନାହିଁ, ଦ ଗାଲରେ କଷିକରି ଦ ଥାପଡ଼, ପିଠିରେ ଦିଧା
ପୁଞ୍ଜାଏ ଦପୁଞ୍ଜା ଖୋବ ଦେ ।
ଦର—(ତଥାକରଣ ଓ ସମସ୍ତଙ୍କର ହାସ୍ୟ)
ଭିକ୍ଷୁକ—ମରିଗଲି ବାବା ! ମରିଗଲି, ରକ୍ଷାକର, ମୋର ଭିକ ଲୋଡ଼ା
ନାଇଁ ।

(ଦରଓ୍ୟାନ ସହିତ ଭିକ୍ଷୁକର ପ୍ରସ୍ଥାନ)

୩ୟ—ଓଃ ! ଖେଳଟା ଜମି ଆସିଥିବେଳକୁ କୁଆଡୁ ଗୋଟେ ଅମଙ୍ଗଳିଆ
ଆସି ମଉଜଟା ମାଟି କରିଦେଲା ।
୧ମ—ଖାଲି ମାଟି ତ ନୁହେ ? ଏକାବେଳକେ ପଣ୍ଡ କରିଦେଲା ।
୨ୟ—ଯେତେ କହ, ରଘୁଭାଇଙ୍କ ବାହାଘର ଦିନ ଖେଳଟା ଯିମିତ ଜମି
ଥିଲା, ଆଜି ଖେଳଟା ସିମିତ ଜମିଲା ନାହିଁ ।
୧ମ—ସାଙ୍ଗ ବାହାଘର ଦିନ ଜାଣିକରି ତ ଗୋଟେ ଖେଳ ହୋଇଥିଲା,
ସେ ଦିନ କ ମାହେନ୍ଦ୍ର ଯୋଗରେ ବସିଥିଲି କେଜାଣି ଡାକିଦେଲେ
କାଠି ଓ' କରୁଥିଲା ।

—ରଘୁଅରକ୍ଷିତ—

ଅସ୍ତୁ—ହଉ, ହଉ ! ଗଡ଼ାଅ ଗଡ଼ାଅ ଦେଖିବା କରାମତ ।
(ଅଦୂରେ ନରହତ୍ୟାର ଚିତ୍କାର ଶୁଣାଗଲା) ମରଗଲି ! ମରଗଲି ! !

ରଘୁ—କାହାର କାତର ଧ୍ୱନି ଶୁଣାଗଲା ? ଦରଓ୍ୱାନ ! ଦରଓ୍ୱାନ !
( ଜଣେ ଭୃତ୍ୟର ବ୍ୟଗ୍ରତା ସହିତ ପ୍ରବେଶ)

ଭୃତ୍ୟ—ସାଆନ୍ତେ ! ଗୋଟେ ଲୋକ କୁଆଡ଼ୁ ଦୌଡ଼ି ଆସି ଦରଓ୍ୱାନକୁ ଗୋଟାଏ ବଡ଼ ଛୁରିରେ ଭୁଷିଦେଇ ଅନ୍ଧାରରେ କୁଆଡ଼େ ଛପିଗଲା । କେହି ତାକୁ ଧରପାରଲେ ନାହିଁ ।

ରଘୁ—ଏଁ ! ଦରଓ୍ୱାନକୁ ହତ୍ୟା କଲା ?

ଭୃତ୍ୟ—ହଁ, ସାଆନ୍ତେ !

୧ମ—ଚାଲ ତ ଦେଖିବା !

(ସମସ୍ତଙ୍କର ପ୍ରସ୍ଥାନ, ବିପରୀତ ଦିଗରୁ ରଙ୍ଗିଆ ଓ ବୁଦ୍ଧିଆ ଗୁପ୍ତଚର ଦ୍ୱୟଙ୍କର ସନ୍ତ୍ରଭାବେ ଧୀରେ ଧୀରେ ପ୍ରବେଶ)

ବୁଦ୍ଧିଆ—ଘାତକଟାର ଭାଇ ଭାରି ସାହସ ! ଏକା ଗୋଟିକେ ଲୋକଟାକୁ ନିକାଶ କରଦେଲା !

ରଙ୍ଗିଆ—ଆରେ ଯା ! କଲା କଅଣ ? ଅସଲ କାମରେ ତ ହାତ ଦେଇ ପାରଲା ନାହିଁ । ପ୍ରାଣ ବିକଳରେ ପଳେଇଲା । ଚାଲ୍, ଚାଲ୍, ସୁରଥ ବାବୁଙ୍କ ପାଖକୁ ବେଇଗି ପଳାଇବା । ଆଚ୍ଛା ! ତୁ ତାଙ୍କ ଆଗରେ କଅଣ କହିବୁ କହିଲୁ ?

ବୁଦ୍ଧିଆ—କାହିଁକି ? ଯାହା ଦେଖିଲି, ଯାହା ଶୁଣିଲି, ଗୋଟି ଗୋଟି ସବୁ କହିବି ।

ରଙ୍ଗିଆ—ଦୂର୍ ମୂର୍ଖ ! ଖାଲି ସେତିକି କହିଲେ ହବ ? ଇସ୍ତାଡ଼ୁ ସିସ୍ତାଡ଼ୁ ପାଞ୍ଚ ପଦ ମିଛ ସତ କରି ଯୋଡ଼ିଯାଡ଼ି କହିବା ନା, ଯିମିତି ସେ ଖୁସ୍ ହୋଇଯିବେ ! ଚାଲ୍, ଏଠୁ ପଳାଇ କଅଣ କଅଣ କହିବା ବାଟରେ କଥାବାର୍ତ୍ତା ହେବା । ଏଠେଇଁ କାହା ହାବୁଡ଼େ ପଡ଼ିଗଲେ ଆମ କଥା ସରିଯିବ ଯେ ! ଆ, ଝଟ୍ ପଳେଇ ଆ—

[ଉଭୟଙ୍କର ପ୍ରସ୍ଥାନ]

---

## ତୃତୀୟ ଦୃଶ୍ୟ

### ଉଦ୍ୟାନର ଏକ ନିଭୃତାଂଶ

( ଅନ୍ନପୂର୍ଣ୍ଣା ଏକାକୀ ଉପବିଷ୍ଟା)

ଗୀତ

ସୋହାଗେ ଚନ୍ଦ୍ରମା ଯେବେ ଜ୍ୟୋସ୍ନା ଦିଏ ଢାଳି
କୁମୁଦିନୀ ସୁଖ-ସିନ୍ଧୁ ପଡ଼ଇ ଉଛୁଳି !
ଦିବାକରେ ଦେଖି ପାଶେ
କମଳିନୀ କେତେ ହସେ
ମଳୟ ପରଶେ ଜାଗେ କୋକିଳ-କାକଳି । ୧ ।
କଲ୍ଲୋଳିନୀ ପ୍ରେମେ ରସି
କାନ୍ତ ସଙ୍ଗେ ଯାଏ ମିଶି
ଆବେଗଭରା ପରାଣ ନ ପାରେ ସମ୍ଭାଳି । ୨ ।

ଅନ୍ନ—(ଗୀତାନ୍ତେ) କେଡ଼େ ସୁନ୍ଦର, କେଡ଼େ ସୁଖକର, ବଗିଚାର ଏହି ନିକାଞ୍ଚନିଆ ଥାନଟି ! ଏଠି ଲୋକମାନଙ୍କର ଗହଳି ନାହିଁ, ଘରର ଜଞ୍ଜାଳ ନାହିଁ, ସଂସାରର ଛନ୍ଦ, କପଟ ନାହିଁ, ଜନପ୍ରାଣୀ କେହି ନାହାନ୍ତି । ଏଠି କେଡ଼େ ନିଶ୍ଚିନ୍ତରେ ପଦ୍ମ ଫୁଟିଛି, କି ସୁନ୍ଦର ଭାବରେ କଇଁ ହସୁଛି, କେଡ଼େ ମଧୁର ସ୍ୱରରେ କୋକିଳ ଗାଉଛି । ଏ ଥାନଟି

ଗ୍ରାମ କୁଆଡ଼େ ଯିବାକୁ ମୋର ତ ଜମାରୁ ମନ ହେଉ ନାହିଁ । ଏ ନଗ୍ରଟିଆ ଥାନଟି ନ ଥିଲେ ମୋ ଦନ ସରୁ ଥାଆନ୍ତା କମିତ କେଜାଣି ? ଆହା ! ତାଙ୍କୁ ଗ୍ରାମ ଅହିଲ ଦନୁ ମତେ ଏ ସଂସାରରେ ଆଉ କଛୁ ଭଲ ଲଗୁନାହିଁ । ଆଖି ଆଗରେ ସବୁବେଳେ ତାଙ୍କର ମୋହନମୂର୍ତ୍ତିଟି ଦଶିଯାଉଛୁ, କାନ ପାଖରେ ତାଙ୍କର ମଧୁର ସ୍ୱରଟି ବାଜିଯାଉଛୁ । ଖାଲି ମୋର ଶରୀରଟା ଯିନା ଏଠି ପଡ଼ିଛୁ, ମନପ୍ରାଣ ତ ଦନରାତ ତାଙ୍କରିଠି ଲାଗିରହିଛୁ । ଆଉ ତ ସାଙ୍ଗସାଥି ଭଲ ଲଗୁନାହାନ୍ତି । ମୋର ସେ ମାଟିଘର, ସେ କଣ୍ଢେଇ ଖେଳ ଏବେ ବିଷ ପରି ଲଗୁଛୁ । ମନ ହେଉଛୁ ସବୁବେଳେ ଏକୁଟିଆ ବସିଥାଆନ୍ତି, ମୋ ପାଖକୁ କେହି ନ ଆସନ୍ତେ କି ! ଏହି ବଗିଚାରେ ଏକୁଟିଆ ବୁଲୁଥାଆନ୍ତି, ମୋ ସାଙ୍ଗରେ ଆଉ କେହି ନ ଥାନ୍ତେ କି ! ଫୁଲ ତୋଳି ନଜ୍ଜନରେ ବସି ମାଳା ଗୁନ୍ଥନ୍ତି, କେହି ନ ଦେଖନ୍ତେ କି ! ପ୍ରାଣ ଖୋଲି ଗୀତ ଗାଆନ୍ତି, କେହି ନ ଶୁଣନ୍ତେ କି ! ମୁଁ କେତେ ବଦଳି ଗଲଣି । ଛି ! ସଖୀମାନେ ଜାଣିପାରଲେ ହସିବେ, ପରହାସ କରବେ । କହିବେ, ଏଇଟା ବାମ୍ଭଣୀ ହୋଇଗଲାଣି । ମୁଁ ତ ଲାଜରେ ମଣ୍ଡ ଟେକି ପାରବ ନାହିଁ ।

( ଚନ୍ତାମଗ୍ନା )

(କମଳୀ ଓ ବିମଳୀର ପ୍ରବେଶ)

ଗୀତ

କମଳୀ—(ଆଗୋ) ଶରଦ-ଚନ୍ଦ୍ରମା-ମୁହିଁ !

ବିଜନେ ତୁ ବସି ନୂଆ ପ୍ରେମେ ରସି

କାହା ପଥେ ଅଛୁ ଚକତେ ଚାହିଁ ।

କଏ ସେ ପ୍ରେମିକ ଜାଣେ କି କୁହୁକ

ସାର ଦେଲି ତୋର ମହତ ବିବେକ ।

କପଟୀ କପଟେ ବାନ୍ଧି ଦେଲା ଆଣ୍ଟେ, ଝୁରି ଝୁରି କଣ୍ଠା ହେଲୁଣି ତୁହି ।

(ଶ୍ୟାମ ଗଲା ପରି ହେଲୁଣି ତୁହି ।)

— ରଘୁନାଥ ରକ୍ଷିତ —

ବିମଳୀ— ବହୁତ ସୁନ୍ଦର ଜାଣେ ସେ ନାଗର
କର୍ଣ୍ଣମୂଳେ ଫୁଙ୍କି ଦେଲା କି ମନ୍ତ୍ରର ।
ନବ ଦୀକ୍ଷା ପାଇ, ସଖି ! ହେଲୁ ବାଇ ନିଜ ପର ବୁଦ୍ଧି ଦେଲୁ ହଜାଇ ।
(ସବୁ ସୁଖ ଛାଡ଼ିଦେଲୁ ତା ପାଇଁ ।)

କମଳୀ—ମରୁଆ ! ଏଠି ଏକୁଟିଆଟି ବସିଛ କିଆଁ ମ ? ଆସ ଫୁଲ ତୋଳିବା ।

ବିମଳୀ—ନାହିଁ ମ ମଲ୍ଲି । ଚାଲ ପୋଖରୀକୁ ଗାଧୋଇ ଯିବା ଆଉ ପହଁରିବା ।

ଅନ୍ନ—ନାଇଁ ତୁମ୍ଭେମାନେ ଯାଅ, ମୁଁ ଟିକିଏ ଏଠି ବସେ ।

କମଳୀ—କାହିଁକି ମ ? କଅଣ ହେଲା କି ?

ଅନ୍ନ—ହବ ଆଉ କଅଣ ? ମୋର ଏଇଲାଗେ କୁଆଡ଼େ ଯିବାକୁ ମନ ହଉ ନାହିଁ ।

କମଳୀ—କିମିତି ମନ ହେବ କହିଲ ? ତମ ମନ ଏବେ କଅଣ ଆଉ ତମର ହୋଇ ଅଛି ଯେ ? ତାକୁ ପରା ଜଣେ କିଣି ନେଲାଣି !

ବିମଳୀ—ହିଁ ଲୋ ହିଁ ! ଆଗ ମନ କଅଣ ଏବେ ଆଉ ଅଛି କି ? ଏକାବେଳକେ ପରା ନୂଆ ପାଲଟି ଗଲାଣି ।

ବାହାଘର ହଉ ହଉ ତ ଏତେ
ଶାଶୁଘର ଗଲେ ନ ହବ କେତେ ?

କମଳୀ—ସତେ ମରୁଆ ! ତମେ ଏଡ଼େ ବେଇଗି କିମିତି ବଦଳି ଗଲ ମ ?

ବିମଳୀ—କଅଣ ଏକାବେଳକେ ଆମକୁ ସବୁ ପର କରି ଦେଲ ? ଆଗେ ଆମକୁ ଦଣ୍ଡେ ନ ଦେଖିଲେ ଝୁରି ହଉଥାଅ, ଏବେ ଘନେ-ହେଲେ ତ କାହିଁ ଆମକୁ ଡାକୁ ନାହଁ, କି ଆମ ସାଙ୍ଗେ ମିଶୁ ନାହଁ । ଆମେ ସବୁ କି ଦୋଷ କଲୁ ମ ?

— ରଙ୍କୁ ରକ୍ଷିତ —

ଅନ୍ନ—ମୁଁ କଅଣ ତମମାନଙ୍କୁ ଦୋଷ ଦେଉଛି ? ମୁଁ ତ କହିଲି ଖେଳିବାକୁ, ବୁଲିବାକୁ ମୋର ଏବେ ଆଉ ମନ ହଉ ନାହିଁ ।

କମଳୀ—ଆଉ କଅଣ ମନ ହଉଛି କହିଲ ?

ଅନ୍ନ—ମନ ହଉଛି ସବୁବେଳେ ଏକୁଟିଆ ବସି ଥାଆନ୍ତି, ମୋ ପାଖକୁ କେହି ନ ଆସନ୍ତେ କି !

କମଳୀ—ଆଉ ଖାଲି ସେଇ ଆସୁଥାଆନ୍ତେ, ନାଁ ?

ସେଇ ଏକା ଆସନ୍ତୁ, ଆମେ ଯାଉଛୁଁ ।

ବିମଳୀ—କିଏ ସ ?

କମଳୀ—ଯେ ମନ କିଣି ନେଇଛନ୍ତି । ଯାହାଙ୍କୁ ସଖି ଆମର ଦିନରାତି ବସି ସୁମରୁଛନ୍ତି ।

ବିମଳୀ—ଯାଃ, ତୋର ଖାଲି ସବୁବେଳେ ଥଟ୍ଟା । ସେ କଅଣ ସେ କଥା କହୁଛନ୍ତି ?

କମଳୀ—କହିବେ କଅଣ ? ତାଙ୍କ ମନ, ତାଙ୍କ କଥାରୁ ତ ସବୁ ଜଣା ପଡ଼ି-ଯାଉଛି । ଚାଲ ଗୋ ସହି ! ଆମେ ଏଠି ରହିଲେ ତାଙ୍କୁ ବଡ଼ ଅଡୁଆ ଲାଗୁଛି । ସେ ପରା ଏକୁଟିଆ ବସି ଚଉରେଶ୍ୱରଙ୍କ ନାଁ ଜପିବେ । ଚାଲ ।

ବିମଳୀ—ଧନ୍ୟ ସେ ହୃଦଚୋରା ଚଉରେଶ୍ୱର !

କମଳୀ—ଆଲୋ ! ଜାଣି ନାହୁଁ କି, ପ୍ରେମଡ଼ୋରଟି ସରୁ ସିନା ? ହେଲେ ଭାରି ଟାଣ । ଚୁମ୍ବକପଥର ପରି ସେ ପରା କଲିଜା ଭିତରକୁ ଟାଣି ଧରିଥାଏ ! ସେ ଫାଶରେ ପଡ଼ିଲେ ଆଉ କି ମୁକୁଳି ହୁଏ ?

ବିମଳୀ—ହଉ, ଥାଅ ଗୋ ସହି ! ଥାଅ, ଆମେ ବାହାର ଯାଉଛୁଁ ।

କମଳୀ—ଏଥର ନିଶ୍ଚିନ୍ତରେ ବସି ଭାବୁଥାଅ ।

(ଉଭୟଙ୍କର ପ୍ରସ୍ଥାନ)

ଅନ୍ନ—ସତ ତ, କି ମଧୁର ସେ ପ୍ରେମ-ଫାଶ; କି କୁହୁକ ଲଗାଇ ଦିଏ ସେ ?

(ଚିନ୍ତାମଗ୍ନ)

—ରଘୁଉରକ୍ଷିତ—

( କଣ୍ଢେଇପେଡ଼ି ଧରି ସ୍ନାନ ଖାଇ ଚନ୍ଦ୍ରପାଣିର ପ୍ରବେଶ )

ଚନ୍ଦ୍ର—ଅପା ! ହେଇଟି ତୋ କଣ୍ଢେଇପେଡ଼ି ଆଣିଛୁ । ଆ, କଣ୍ଢେଇ ଖେଳ ଖେଳିବା । ଦେଖିଲୁ ତୁ ମତେ ଯଉଁ କଣ୍ଢେଇ ଝିଅଟି ଦେଇଥିଲୁ, ତା ପାଇଁ ମୁଁ କେମିତି ପାଟକନା ଆଣିଛୁ । ଅଇଲୁ ମୋ କଣ୍ଢେଇଟିକୁ ଏ ପାଟଲୁଗା ଖଣ୍ଡି ପିନ୍ଧେଇ ଦେଲୁ ! କଲେ ଅପା ! ହେ ଅପା ! ଅପା ମ ! ଆଲୋ ! ତତେ ଏବେ କଅଣ ଶୁଭୁ ନାହିଁ କଲେ ?

ଅନ୍ନ—( ଈଷତ ବିରକ୍ତିରେ ) କଅଣ କରେ ? ଇମିତି ଉଚ୍ଛନ୍ନ ହଉଛୁ କୁଆଁ ? ମଣିଷକୁ ଟିକଏ ବସେଇ ଉଠେଇ ଦେଲୁ ନାହିଁ !

ଚନ୍ଦ୍ର—( ହସି ) ଆଲୋ ଅପା ! ତୋ ବାହାଘର ଦିନ ମୁଁ କଣ କରିଥିଲି ଜାଣିଛୁ ? ତତେ କହିବି ବୋଲି ପାଞ୍ଚେ, ପୁଣି ପାସୋରି ପକାଏ । ମୁଁ ତୋ ବାହାଘର ଦିନ କଅଣ କରିଥିଲି ଶୁଣିବୁ ?

ଅନ୍ନ—( ଆଗ୍ରହରେ ) କଅଣ ? କହୁ ନାହୁଁ ?

ଚନ୍ଦ୍ର—ବୁଝିଲୁ ଅପା ! ତୋ ବାହାଘର ଦିନ ମୋ କଣ୍ଢେଇ ବାହାଘର ହୋଇଥିଲା । ମୁଁ ବିଚାରିଲି ତୋ ବାହାଘର ଗୁମୁଣ୍ଡିଆ, ବାଜା, ରୋଷଣି, ହଲଚଲି, ହାତୀ, ଘୋଡ଼ା, ପାଲିଙ୍କି, ସବାରି, ସବୁଥିରେ ତୋର ଅଧେ ଭାଗ, ଆଉ ମୋ କଣ୍ଢେଇଝିଅର ଅଧେ ଭାଗ । ବୁଝିଲୁ ? ବାହାବେଦୀରେ ତୋ ହାତଗଣ୍ଠି ପଡ଼ିଲାବେଳେ ମୋ କଣ୍ଢେଇଝିଅର ବି ହାତଗଣ୍ଠି ପଡ଼ିଲା ।

ଅନ୍ନ—( ସ୍ୱଗତ ) ବାହାଘର ! କେଡ଼େ ସୁନ୍ଦର, କେଡ଼େ ସୁଖକର ସେ ହାତଗଣ୍ଠି ! କେଡ଼େ ମଧୁର ସେ ପରଶ !

ଚନ୍ଦ୍ର—ତତେ ଯିମିତି ଶାଶୁଘରୁ ଆଣିଛନ୍ତି, ମୁଁ ସିମିତି ମୋ କଣ୍ଢେଇଝିଅକୁ ତା ଶାଶୁଘରୁ ଆଣିଛୁ । ପୁଣି ଆଉ କେତେ ଦିନ ଗଲେ ସେ

ତା ଶାଶୁଘରକୁ ଯିବ । କଣ୍ଢେଇ-ବର ତାକୁ କେତେ ଗେଲବସର କରିବ, କେତେ ପାଖରେ ବସେଇବ, ତା ସାଙ୍ଗରେ ହସ କଉତୁକ ହେବ, ମୋ କଣ୍ଢେଇଟିଅଟି ଖୁବ ଅଲଅଲରେ ରହିବ । ବୁଝିଲୁ ଅପା !

ଅନ୍ନ—( ସ୍ୱଗତ ) ମିଳନରେ ହିଁ ଜଗତରେ ସୁଖ ।

ଚନ୍ଦ୍ର—ଆ ମଁ ଅପା ! ମୋ କଣ୍ଢେଇଟିଅକୁ ପାଟଶାଢ଼ୀ ପିନ୍ଧେଇ ଦେ ମଁ ? ଅପା ! ସେ ଶାଶୁଘର ଗଲାଦିନ ତାକୁ ସଜବାଜ କରିଦେବୁ, ଏଁ ?

ଅନ୍ନ—( ସ୍ୱଗତ ) ଶାଶୁଘର ! ଜଗତରେ ନାରୀର ସ୍ୱର୍ଗ, ନାରୀର ବାଞ୍ଛିତ ।

ଚନ୍ଦ୍ର—ବାଃ, ବେଶ୍ ତ ! ମୁଁ ଖରଟଙ୍କ ପରି ବକି ଯାଉଥାଏ କି, ତୁ ଆମର ଗୁମ୍‌ମାରି ବସିଆ ! ଆଚ୍ଛା, ଅପା ! କଥା କହୁନୁ କାହିଁକି ? ଜାଲେ ! କଅଣ ପିନ୍ଧେଇ ଦବୁ ନାହିଁ କି ? ହଉ ତେବେ ମୁଁ ଯାଉଚ । କମଳୀ ନଇଲେ ବିମଳୀ ଅପା ପାଖକୁ ଯିବ । ତାଙ୍କ ଆଗରେ ତୋ ଗୁଣତକ ବଖାଣିବ ।

ଅନ୍ନ—( ନିଃଶ୍ୱାସ ପକାଇ ) ହଉ ଆଣ୍, ପିନ୍ଧେଇ ଦଉଛି ।

ଚନ୍ଦ୍ର—ବାଃ ରେ ! ଏ ମେଲା ଥାନଟାରେ ପିନ୍ଧେଇବୁ କି ? କିଏ ଜାଣେ ମୋ ଝିଅକୁ ଦେଖି ପକେଇବ ? ଶାଶୁଘର ଯିବା ଝିଅକୁ କଣ କିଏ ପଦାରେ ଦେଖେ ? ସେ ଲୁଚି ଲୁଚି ଥାଏ ନା । ତୁ କେମିତି ଏବେ ପଦାକୁ ବାହାରୁ ନାହୁଁ । କେତେବେଳେ ଏ ବଗିଚାର ଗଛଗହଳିଆ ଥାନରେ, କେତେବେଳେ ଘର କୋଣରେ ଲୁଚି ଲୁଚି ରହୁଚୁ । ସେମିତି ମୋ କଣ୍ଢେଇଟିଅ ଲୁଚି ଲୁଚି ରହିବ ନା । ଚାଲ୍ ଗମ୍ଭୀର ଘରେ ପିନ୍ଧେଇ ଦବୁ ଯେ କେହି ଦେଖିପାରିବେ ନାହିଁ ।

ଅନ୍ନ—ହଉ ଚାଲ୍ ।

( ଅନ୍ନପୂର୍ଣ୍ଣା ସହିତ କଣ୍ଢେଇ ପେଡ଼ି ନେଇ ଚନ୍ଦ୍ରପାଣିର ପ୍ରସ୍ଥାନ )

—ରଘୁଅରକ୍ଷିତ—

## ଚତୁର୍ଥ ଦୃଶ୍ୟ

### ଦରବାର ଗୃହ, ସଜ୍ଜିତ ଆସନ

(ସୋଦ୍ବେଗେ ସୁରଥର ପ୍ରବେଶ)

ସୁରଥ—କାହିଁ ? ଏତେବେଳଯାଏ ଜଣେ ହେଲେ ତ ଫେରଲେ ନାହିଁ ? ଗୃହୁଁ ଗୃହୁଁ ଦରବାର ବେଳ ତ ହୋଇଆସିଲା; ଆଉ ଉପାୟ କଅଣ ? ତେବେ କଅଣ ସର୍ଦ୍ଦାର ସିଂହ ଅବହେଳା କଲା ? ନା, ସେ ତ ସେପରି ଲୋକ ନୁହେଁ । ତା ଛଡ଼ା ପୁରସ୍କାରର ଆଶା ମଧ୍ୟ ଦେଇଥିଲି । ତାହାହେଲେ କଅଣ ଗୁପ୍ତଚର ଦୁଇଟା ଧରା ପଡ଼ିଲେ ? ରଙ୍ଗିଆ ବୁଦ୍ଧଆ ଗୁଇନ୍ଦାଙ୍କ ଓସ୍ତାଦ୍‌, ତାଙ୍କୁ ଧରିବା ତ ସହଜ କଥା ନୁହେଁ । ତେବେ କଅଣ ହେଲା ? ଅନ୍ତତଃ କେତେ ଜଣ ସାକ୍ଷୀ ନ ଦେଲେ କଥାଟା ପକେଇବ କେମିତି ? ପ୍ରମାଣ ବା ହେବ କପରି ? ଓଃ ! ଧନକୁ ଧନ ଯେ ବିଳମ୍ବ ହୋଇଯାଉଛି !

(ଅନ୍ତରାଳରୁ ଦରବାର-ସମୟସୂଚକ ଧ୍ୱନି ଶ୍ରବଣ କରି) ଓଃ ! ! କଣ କରୁଛି ଏବେ ! (ବ୍ୟଗ୍ରେ ପ୍ରସ୍ଥାନ)

[ଜୋରରେ ଦରବାର ବାଦ୍ୟ ବାଜି ଉଠିଲା । ଅଗ୍ରେ ବେତ୍ରଧାରୀ ପ୍ରହରିଦ୍ୱୟ, ତତ୍‌ପଶ୍ଚାତ୍‌ ରାଜା ଅରିଦମନ ମାନସିଂହ, ତତ୍‌ପଶ୍ଚାତ୍‌ କ୍ରମାନ୍ୱୟରେ ବୃଦ୍ଧ ମନ୍ତ୍ରୀ ବାସୁଦେବ ମହାପାତ୍ର, ସେନାପତି ଭୀମ ମଲ୍ଲଙ୍କର ପ୍ରବେଶ ଓ ଆସନ ଗ୍ରହଣ । କିଛିକାଳ ସ୍ୱାଗତ ସଙ୍ଗୀତ ଅନ୍ତରାଳରୁ ଶୁଣାଗଲା, ପରେ ବନ୍ଦୀଗଣଙ୍କର ପ୍ରବେଶ---ଗୀତ ଓ ନୃତ୍ୟ]

ଗୀତ

ଜୟ ରାଜେଶ୍ୱର କ୍ଷତ୍ରିୟପ୍ରବର ପଦ୍ମପୁର ମୌଳିମଣ୍ଡନ
କରୁଣାବତ୍ସଳ ଜୟ ଲୋକପାଳ ଅରିର ଗରବଗଞ୍ଜନ ।
ଦେଶେ ଦେଶେ ରାଜେ ତବ ଯଶରାଶି
ଜ୍ଞାନେ, ଧର୍ମେ, ଦାନେ ସୁପ୍ରଭା ବିକାଶି,
ମର୍ତ୍ତ୍ୟ ତଳାତଳେ କି ଅବା ଅମରେ ଦେଖି ରୂପ ବିଶ୍ୱମୋହନ ।୧

—ରଘୁଅରକ୍ଷିତ—

ଆଣିଛୁ ଯତନେ ସୁମନ ସମ୍ଭାର
ଦେନାହେଉ ବାରେ ଭକ୍ତି ଉପହାର,
କବା ଅଛୁ ଦେବୁଁ ଶ୍ରୀପଦ ପୂଜକୁଁ ଆଶ୍ରିତେ ଦିଅ ହେ ଶରଣ । ୨ ।

( ଗୀତାନ୍ତେ ବନ୍ଦୀଗଣଙ୍କର ପ୍ରସ୍ଥାନ ।

ମନ୍ତ୍ରୀ—ମହାରାଜ ! ରାଜ୍ୟସଂକ୍ରାନ୍ତ କେତେକ ବିଷୟ ଛାମୁରେ ଆବେଦନ କରିବାର ଅଛି, ଆଦେଶ ହେଲେ ଜଣାଇବି ।

ରାଜା—କି ଆବେଦନ ? କହ—

ମନ୍ତ୍ରୀ—ଶଙ୍କରପୁର ଭୂଇଁମୂଳ ରାଜସ୍ୱ ଦେଇ ନ ଥିବାରୁ ଦୁଇ ଜଣ ପାଇକ ପଠାଇ ତାହାକୁ ଡକାଇ ଆଣିଛି । ଭୂଇଁମୂଳ ବାହାରେ ଅପେକ୍ଷା କରିଛି, ଛାମୁରୁ ଆଜ୍ଞା ହେଲେ ହାଜର କରାଇବି ।

ରାଜା—କଅଣ ? ଭୂଇଁମୂଳ ଏ ପର୍ଯ୍ୟନ୍ତ ରାଜସ୍ୱ ଦେଇ ନାହିଁ ? ତାକୁ ହାଜର କରାଅ ।

ମନ୍ତ୍ରୀ—ପ୍ରହରୀ ! ଭୂଇଁମୂଳକୁ ହାଜର କରାଅ ।

ପ୍ରହରୀ—ଆଜ୍ଞା ! (ପ୍ରସ୍ଥାନ)

ରାଜା—ଭୂଇଁମୂଳ କଅଣ କହୁଛି ?

ମନ୍ତ୍ରୀ—ସେ ବର୍ତ୍ତମାନ ଟଙ୍କା ଦେବାକୁ ଅକ୍ଷମ । କିଛି ସମୟ ପ୍ରାର୍ଥନା କରୁଛି ।

ରଜା—ସମୟ ? ନା, ଆଉ ସମୟ ଦିଆଯିବ ନାହିଁ ।

ମନ୍ତ୍ରୀ—ହରିପୁରର ମହାଜନ ତାହାର ସମସ୍ତ ପାଉଣା ଟଙ୍କା ପାଇବା ନିମନ୍ତେ ବାରମ୍ବାର ନିବେଦନ କରୁଅଛି ।

ରାଜା—ତାର ସମୁଦାୟ ଟଙ୍କା କେତେ ?

ମନ୍ତ୍ରୀ—ଦୁଇ ବାବଦକୁ ପ୍ରାୟ ଦଶ ଲକ୍ଷ ଟଙ୍କା ।

ରାଜା—ତୁମ୍ଭେ ମହାଜନକୁ କି ଉତ୍ତର ଦେବାକୁ ସ୍ଥିର କରିଛ ?

ମନ୍ତ୍ରୀ—ବର୍ତ୍ତମାନ ରାଜକୋଷରେ ଟଙ୍କାର ଅଭାବ, ଭୂଇଁମୂଳ ଟଙ୍କା ଦେବାକୁ ଅକ୍ଷମ । ଏ ଅବସ୍ଥାରେ ଅଧୀନ କୌଣସି ଉତ୍ତର ସ୍ଥିର କରି ନ ପାରି ଛାମୁରୁ ଆଦେଶ ଅପେକ୍ଷା କରିଛି ।

—ରଘୁଅରକ୍ଷିତ—

(ପ୍ରହରୀ ସହିତ ଭୂଇଁମୂଳର ପ୍ରବେଶ ଓ ପ୍ରଣାମ)

ରାଜା—ଭୂଇଁମୂଳ ! ତୁମ୍ଭଙ୍କୁ ଦୁଇ ଦିନ ମଧ୍ୟରେ ସମସ୍ତ ଟଙ୍କା ଦାଖଲ କରିବାକୁ ହେବ ।

ଭୂଇଁମୂଳ—ଶ୍ରୀମୁଙ୍କ ଆଜ୍ଞା ଅବଜ୍ଞା କରିବାକୁ କାହାର ଶକ୍ତି ଅଛି ? ମହାରାଜ ! ଥରେ ପ୍ରଜାମାନଙ୍କ ଅବସ୍ଥା ପ୍ରତି ଦୃଷ୍ଟିପାତ କରନ୍ତୁ । ଦେଶବ୍ୟାପୀ ଦୁର୍ଭିକ୍ଷରେ ପ୍ରପୀଡ଼ିତ ପ୍ରଜାଗଣ ଜୀବନଯାତ୍ରା ନିର୍ବାହ କରିବାକୁ ସମ୍ପୂର୍ଣ୍ଣ ଅସମର୍ଥ । ଏପରି ଅବସ୍ଥାରେ ସେମାନେ ରାଜସ୍ୱ ଦେବାକୁ ଅକ୍ଷମ । ଅଧୀନକୁ କିଛି ସମୟ ହୁକୁମ ଦେଲେ ଅଧୀନ ଆସନ୍ତା ସଂକ୍ରାନ୍ତି ସୁଦ୍ଧା ସମୁଦାୟ ଟଙ୍କା ରାଜସରକାରରେ ଦାଖଲ କରିବ ।

ରାଜା—ନାଁ, ନାଁ, ତୁମର ଏପରି ଓଜର ଶୁଣାଯିବ ନାହିଁ ।

ଭୂଇଁମୂଳ—ଗରିବ ପ୍ରଜାମାନେ ବଡ଼ ବିପନ୍ନ ମହାରାଜ !

ରାଜା—ଆଚ୍ଛା, ଯାଅ, ଯେ କୌଣସି ପ୍ରକାରେ ପନ୍ଦର ଦିନ ମଧ୍ୟରେ ଟଙ୍କା ଦାଖଲ କର ।

ଭୂଇଁମୂଳ—ଆଜ୍ଞା !

(ପ୍ରଣାମ କରି ପ୍ରସ୍ଥାନ)

(ସର୍ଦ୍ଦାର, ବୁଢ଼ଆ ଓ ରଙ୍ଗିଆ ସହ ସୁରଥର ପ୍ରବେଶ ଓ ସମସ୍ତଙ୍କର ଅଭିବାଦନ)

ସୁରଥ—ମହାରାଜ ! ମହାରାଜ ! ମୋର ଧୃଷ୍ଟତା ମାର୍ଜନା କରିବେ । ରାଜ୍ୟରେ ଘୋର ଅତ୍ୟାଚାର, ଭୟଙ୍କର ବିଦ୍ରୋହର ସୂତ୍ରପାତ ହେଲଣି । ଏଥିକୁ ଶ୍ରୀମୁଙ୍କର ଯାହା ଆଜ୍ଞା ହେବ ।

ସେନାପତି—(ହଠାତ୍ ଦଣ୍ଡାୟମାନ ହୋଇ ଓ ତରବାରି କୋଷମୁକ୍ତ କରି) ଅତ୍ୟାଚାର ! ବିଦ୍ରୋହ ! (ତରବାରି କୋଷବଦ୍ଧ କଲେ)

ରାଜା—କି ଅତ୍ୟାଚାର ? କିଏ ବିଦ୍ରୋହ କରିଛି ?

ସୁରଥ—( ସର୍ଦ୍ଦାର ପ୍ରଭୃତିଙ୍କୁ ଲକ୍ଷ୍ୟ କରି ) ଏମାନଙ୍କ ମୁଖରୁ ସମସ୍ତ ଅବଗତ ହୋଇପାରିବେ, ମହାରାଜ !

ରାଜା—କହ ସର୍ଦ୍ଦାର ! କିଏ ବିଦ୍ରୋହ କରିଛି ?

ସର୍ଦ୍ଦାର—ଆଜ୍ଞା—ମହିମା—ତୁମ୍ଭେ !

ବୁଢ଼ିଆ
ରଙ୍ଗିଆ } (ଭୀତ ଭାବରେ) ହ-ଜୁ-ର, ମା-ବା-ପ ! !

ରାଜା—କହ, କିଛି ଭୟ ନାହିଁ ।

ସର୍ଦ୍ଦାର—ମହିମା ! ଧର୍ମାବତାର ! କଅଣ କହିବି ! ହରିପୁର ମହାଜନ ପୁଅ ରଘୁ ବାହାହେଲା ଦିନୁ ତାକୁ ଧର୍ମ ଛାଡ଼ିଲାଣି ।

ସୁରଥ—( ରୋଷକଷାୟିତ ନେତ୍ରରେ ସର୍ଦ୍ଦାରକୁ ଚାହିଁବା )

ରାଜା—ପରିଷ୍କାର କରି କହ ।

ସର୍ଦ୍ଦାର—ଆଜ୍ଞା ! ରଘୁ ପ୍ରଜାମାନଙ୍କୁ ମେଳ କରି ତା ବାପାକୁ ରଜା କରିବ ଓ ନିଜେ ଯୁବରାଜ ହେବ ବୋଲି ଯୋଗାଡ଼ କରୁଛି । ପ୍ରଜାମାନେ ଧନଲୋଭରେ ତା ପିଚ୍ଛ ଧରିଲେଣି ।

ସେନାପତି—ତୁମ୍ଭେ ନିଜେ ଶୁଣିଛ ?

ସର୍ଦ୍ଦାର—ଆଜ୍ଞା ହଁ । ପଚାରନ୍ତୁ, ଏ ଦୁହେଁ ନିଜ କାନରେ ସବୁ ଶୁଣି ଆସିଛନ୍ତି । (ବୁଢ଼ିଆ ଓ ରଙ୍ଗିଆ ପ୍ରତି) କହିରେ ଡରୁଛ କାହିଁକି ?

ରଙ୍ଗିଆ
ବୁଢ଼ିଆ } ଆ-ଜ୍ଞା ! ହ-ଜୁ-ର ! ମା-ବା-ପ ! ସତ କଥା ।

ରାଜା—(ହସି) ମନ୍ତ୍ରି ! ଏମାନେ କଅଣ କହୁଛନ୍ତି ?

ମନ୍ତ୍ରୀ—ମହିମା ! କଥାଟା କିଛି ବିଚିତ୍ର ନୁହେଁ । ଲୋକଟାର ସେପରି ଧନ ଗର୍ବ ନ ଥିଲେ ଏଡ଼େ ସାହସରେ ତୁମ୍ଭଙ୍କ ପାଖକୁ ଟଙ୍କା ପାଇଁ ନିଜେ ନ ଆସି ପତ୍ର ପଠାଇଥାଆନ୍ତା ! ଏ ସମ୍ବାଦ ସତ୍ୟ ହେଲା ପରି ଜଣା-ଯାଉଛି । ସେନାପତି ଅନୁସନ୍ଧାନ କରି ଏହାର ପ୍ରତିକାର ବିଧାନ କରନ୍ତୁ ।

—ରଘୁଅରକ୍ଷିତ—.

ରାଜା—ଠିକ୍ କହୁଛ । ସେନାପତି ! ସର୍ଦ୍ଦାର ସିଂହଙ୍କୁ ପଠାଇ ପିତାପୁତ୍ରଙ୍କୁ ବନ୍ଧେଇ ଆଣ । ଏହିକ୍ଷଣି ମୁଁ ସେମାନଙ୍କୁ ଉଚିତ ଶାସ୍ତି ଦେବି ।

ସୁରଥ—ମୋର ଗୋଟିଏ ପ୍ରାର୍ଥନା ଅଛି; ମହାରାଜ ! ଏ ଭାର ମୋ ଉପରେ ତୁମ୍ଭେ ଅର୍ପଣ କରନ୍ତୁ ।

ରାଜା—ଉତ୍ତମ । ତୁମ୍ଭେ ଅନୁସନ୍ଧାନ କରି ଏ ସମ୍ବାଦ ଆଣିଛ, ତୁମ୍ଭେ ଏହାର ପ୍ରତିକାର ବିଧାନ କରି ନିଜ ବୁଦ୍ଧି ଓ ବୀରତ୍ୱର ପରିଚୟ ଦିଅ । ଆବଶ୍ୟକ ହେଲେ ସର୍ଦ୍ଦାର ସିଂହଙ୍କୁ ସଙ୍ଗରେ ନେଇପାର ବା ସେନାପତିଙ୍କ ସହିତ ପରାମର୍ଶ କରିପାର ।

ସୁରଥ—ଯେ ଆଜ୍ଞା !

( ସର୍ଦ୍ଦାର, ରଙ୍ଗିଆ ଓ ବୁଦ୍ଧିଆ ସହିତ ସୁରଥର ପ୍ରସ୍ଥାନ )

ରାଜା—ଦେଖିଲ ସେନାପତି ! ସୁରଥର ଏ ରାଜ୍ୟ ପ୍ରତି କେତେଦୂର ମମତା । ମୋ ପ୍ରତି କିପରି ପ୍ରଗାଢ଼ ଭକ୍ତି । ତାହାର ଏହି ସୁଗୁଣ ଯୋଗୁଁ ମୁଁ ତାହାକୁ ଅତ୍ୟନ୍ତ ସ୍ନେହ କରେ । ତୁମ୍ଭେ କଅଣ ଏହି ଉଦୟମାନ ଯୁବକର ଭବିଷ୍ୟତ ମଙ୍ଗଳମୟ ଅନୁମାନ କରିପାରୁ ନାହିଁ ?

ସେନାପତି—ଆଜ୍ଞା, ମହାରାଜ ! ସୁରଥ ବାବୁଙ୍କର କାର୍ଯ୍ୟ ଦେଖିଲେ ତାହାଙ୍କୁ ପ୍ରଶଂସା ନ କରି ରହି ହୁଏ ନାହିଁ ।

ରାଜା—ମନ୍ତ୍ରି ! ସେ ମହାଜନର ସମସ୍ତ ଟଙ୍କା ବର୍ତ୍ତମାନ ଜବଦ ରଖା-ଯାଉ । ସୁରଥ ଫେରୁ; ତା ପରେ ବିଚାର ।

ମନ୍ତ୍ରୀ—ଯଥାଆଜ୍ଞା, ମହାରାଜ !

(ଦରବାର ଅବସାନସୂଚକ ବାଦ୍ୟ ଅନ୍ତରାଳରୁ ଶୁଣାଗଲା, ରାଜା ସିଂହାସନ ତ୍ୟାଗ କରିବା ସଙ୍ଗେ ସଙ୍ଗେ ପାତ୍ରମନ୍ତ୍ରୀ ପ୍ରଭୃତି ରାଜକର୍ମଚାରୀ-ଗଣ ସ୍ୱ ସ୍ୱ ଆସନ ତ୍ୟାଗକଲେ ଏବଂ ରାଜାଙ୍କୁ ଅନୁସରଣ କରି ପ୍ରସ୍ଥାନ କଲେ )

---

—ରଘୁଅରକ୍ଷିତ—

## ପଞ୍ଚମ ଦୃଶ୍ୟ

### ରାଜପଥର ଏକପାର୍ଶ୍ୱ

( ବୁଦ୍ଧଆ ଓ ରଙ୍ଗିଆର ପ୍ରବେଶ )

ରଙ୍ଗିଆ—କି ବେ ! ତୋତେ କଅଣ ମିଳିଲା ?

ବୁଦ୍ଧଆ—ଯା ବେ ! ମିଳିଲା ତ ଯାହା ଗୁଡ଼, ଧରା ପଡ଼ିଗଲେ ଆମ କଥା ସରିଯିବ ଯେ ! ସେ ସିନା ବଡ଼ ଲୋକ, ମନ୍ତ୍ରିପୁଅ, ତାଙ୍କୁ ଗୁଣଖୁଣି ମାଫ୍; ଆମେ ଯେ ଗରିବ ମୁଣ୍ଡ, ଆମର ଆଉ କଅଣ ବାକି ରହିବ ? ବୁଝିଲୁ, ଏ ଖାଲି ଜଳନ୍ତା ନିଆଁ ଅଣ୍ଟିରେ ପୂରାଇବା କଥା ।

ରଙ୍ଗିଆ—ତୁଟା ନିହାତି ଅକର୍ମଣିଲା, ତୁଚ୍ଛା ଛେରୁଆଟାଏ, ତୋ ହାତରେ ଶାଗ ସିଝିବ ନାହିଁ । କିରେ ! ସାହସ ବାନ୍ଧିଲେ ସିନା ମରଦ ପୁଅ । ଆରେ ଆମର ତ ମହତ ଆସ୍ଥା, ସୁରଥ ସାଆନ୍ତ ଆମର ସାହା, ସେ ତ ଆମ ପଛକୁ ଅଛନ୍ତି, ଭଲ ମନ୍ଦ ବେଳକୁ ତାଙ୍କୁ ଯାଇ ଧରିବା, ଆମର ଫେର ଡର କାହାକୁ ରେ ?

ବୁଦ୍ଧଆ—କହୁଚୁ ସିନା ! କଥାଟା ପ୍ରଘଟ ହୋଇଗଲେ ତୁ କଅଣ ମନେ କରୁଚୁ ସେ ପିଠିରେ ପଡ଼ିବେ ? ସେତେବେଳେ ଆମ ଉପରେ କୋରଡ଼ା ମାଡ଼ ବସିବ ସିନା ! କେହି ପଚାରିବେ ନାହିଁ ଟି ! ମୋ କଥା ସିନା ଏଇଲାଗେ ଗଡ଼ଉଚ, ସେତେବେଳେ ବାଝିବ ଯେ ! ହେଲେ, ସେତେବେଳକୁ ନେଡ଼ି ଗୁଡ଼ କହୁଣୀକୁ ବୋହି ଯାଇଥିବ ।

ରଙ୍ଗିଆ—ଆରେ ଓଲୁ ! ତାଙ୍କ କାମଟା ହାସଲ ହୋଇଗଲେ ସେ ଆମକୁ ଖରି ସୁଖ ପାଇବେ । ମନ୍ତ୍ରୀ ତ ବୁଢ଼ା ହେଲେଣି । କାମକୁ ପାରୁ ନାହାନ୍ତି, ଇସ୍ତଫା ଦେବେ ବୋଲି ଶୁଣାଯାଉଛି । ଏଥର, ତ ସୁରଥ ସାଆନ୍ତେ ହେବେ ମନ୍ତ୍ରୀ---ଆମେ ତ ମାରିବା ହେଣ୍ଟି ।

— ରଘୁଅରକ୍ଷିତ —

ବୁଦ୍ଧିଆ—ଆଉ କାମଟା ଯେବେ ଫସ୍‌କିଯାଏ ତେବେ ? ମାର ମାର ଭଣ୍ଡାଣିଆକୁ ମାର । ମରିବା ଆମେ, ଘର ଦୁଆର ଉଚ୍ଛନ୍ନ ହେବ, ପିଲା ମାଇପେ ଗଡ଼ି ମରିବେ । ଇମିତି ଅବସ୍ଥା ହେବାଠୁଁ ଶାଗ ପେଜ ଖାଇ ଘରେ ସୁନାପୁଅ ହୋଇ ରହିବା ଭଲ । ଏ ରଜା ଘାଜୋଡ଼ା କଥାରେ ଆମ ଗରିବଗୁରୁବାଙ୍କର ପଶିବା ଭଲ ନୁହେ । ମତେ ଏସବୁ କାମ ଭଲ ଲାଗୁନାହିଁ ଏକା । ! ଦେ ଭାଇ, ମୋ ଭାଗ ଡିକ ଦେଇ ଦେ, ମୁଁ ମୋ ଘର ପୁଅ, ଭଲରେ ଭଲରେ ଘରକୁ ଫେରିଯାଏ । ମୋର ଏତେ ପଙ୍କରେ ଗୋଡ଼ ପୂରାଏ କିଏ ?

ରଙ୍ଗିଆ—କି ବେ ! ତୋର ଗୋଟେ ଭାଗ କଅଣ ରେ ? ଅସଲ କାମ ବେଳକୁ ପଛଉଚୁ, ଭାଗ ନେଲା ବେଳକୁ ଆଗ । ଟଙ୍କା ପଇସାଗୁଡ଼ାକ କଣ ମୋଫତ ପଡ଼ିଚ କି ?

ବୁଦ୍ଧିଆ—କଅଣ ହେଲା, ଭାଗ ଦବୁ ନାଇଁ ? ତେବେ ଡାକି ଆଣିଥିଲୁ କାହିଁକି ବେ ? ମୁଁ କଅଣ ଆପେ ଆପେ ଧାଇଁ ଆସୁଥିଲି କି ?

ରଙ୍ଗିଆ---ତୋତେ କିଏ ଡାକିଥିଲା ବେ ? ବଳେ ବଳେ ପଶି ଚଲାକି ଦେଖାଉଚୁ । ବଡ଼ି ବଡ଼ି କଥା କହୁଚୁ !

ବୁଦ୍ଧିଆ—ଭାଗ ଦବୁ କି ନାଇଁ ? ଭଲ ଗତି ଥିଲେ ସଫା ସଫା କହି ଦେ, ନଇଲେ ମୋତେ ଚହ୍ନିଚୁ ଟି ?

ରଙ୍ଗିଆ—ଏଁ, ଡରଉଚ ! ସତେ ଯିମିତି ହାକିମ ଟେ ! ନାଃ, ମୁଁ ଭାଗ ଫାଗ କିଚ୍ଛୁ ଜାଣେ ନା; ଯେ ଯାହା ପାଇଚ, ସେତକ ତାର ।

ବୁଦ୍ଧିଆ—ହେଁ ! ଏଡ଼େ କଥା ! ଦେବ ଠେଙ୍ଗାଏ ଯେ !

( ଠେଙ୍ଗା ଉଞ୍ଚେଇବା )

ରଙ୍ଗିଆ—ଏଡ଼େ ବହପ ! ଛୁଇଁଲୁ ଦେଖି ମୋ ଦେହ, ଯେବେ ତୋ ମୁଣ୍ଡ ଛତୁ ଫୁଟେଇ ନ ଦେଇଚୁ, ତେବେ ମୁଁ ବାପର ପୁଅ ନୁହେ ।

—ରଘୁଅରକ୍ଷିତ—

( ଉଭୟେ ପରସ୍ପରକୁ ପ୍ରହାର କରିବାକୁ ଉଦ୍ୟତ ହେଉଥିବା ବେଳେ ଜନୈକ ନଗରବାସୀର ପ୍ରବେଶ )

ନ:ବା—ହାଁ ! ହାଁ ! ! ଏ କଣ ! ଏ କଣ ! ମୁହଁରେ କଥାବାର୍ତ୍ତା କର, ମାମଲତ ଠେଙ୍ଗା ବାଡ଼ିଯାଏ ଯାଉଛି କାହିଁକି ?

ବୁଢ଼ିଆ—ଆହେ ଦେଖ ହେ ! ମତେ ଏ ଭାଗ ଦଉ ନାଇଁ । କାହିଁକି ? ମୁଁ କଅଣ କାମ କରି ନାଇଁ ?

ନ:ବା—କଅଣ ? ଭାଗ କଅଣ ? କାମ କଅଣ ? କି ଭାଗ ? କି କାମ ?

ବୁଢ଼ିଆ—ଆହେ ! ମୁଁ ଘରେ ଶୋଇଥିଲି, ମତେ ଡାକି ଆଣି—

ରଙ୍ଗିଆ—( ବାଧା ଦେଇ ) ଚୁପ୍, ଚୁପ୍ ବେ !

ବୁଢ଼ିଆ—ଦେ, ତେବେ ମୋ ଭାଗ ଦେ । ନଇଲେ ସବୁ କଥା ପଦାରେ ପକେଇ ଦେବି । ମୋତେ ଲଗା ଅଛି ନା ପଘା ଅଛି ।

ରଙ୍ଗିଆ—ହଉ ଆ ! ଭାଗ ଦେବି—ଆ ! ତୁ ଆଉ ପାଟି ତୁଣ୍ଡ କରନା ଭଲା !

( ବୁଢ଼ିଆକୁ ଟାଣି ଟାଣି ନେଇ ରଙ୍ଗିଆର ପ୍ରସ୍ଥାନ )

ନ:ବା—ଏ ଦୁଇଟାଙ୍କ କଥା ତ କିଛି ବୁଝାଗଲା ନାହିଁ । ଭାଗ ଗୋଟେ କଅଣ ? ତେବେ ଏମାନେ କଅଣ ଚୋର ? ନା ଡକେଇତ ? ନା ଖଣ୍ଟ ? ଆହା ! କାହାର ସର୍ବନାଶ କରିଛନ୍ତି କେଜାଣି ? ଓହୋ ! ଯାହା ହଉ, ପ୍ରଭୁଙ୍କ ଦୟାରୁ ଏ ଗରିବ ବିଚରାର ପ୍ରାଣ ରହିଗଲା । ଯେବେ ମୋ ଠେଇଁ ସ୍ୱାଙ୍କର ଟିକିଏ ଶୁଭଦୃଷ୍ଟି ପଡ଼ିଯାଇଥାଆନ୍ତା, ତେବେ ତ ମୋ କଥା ସରିଥିଲା ! ଓହୋ ! ଆଜି ଗୋଟେ ମାରକ ଦଶା—ଶନିସପ୍ତା ଥିଲା, ଭଲରେ ଭଲରେ ଘାଟିଟା କଟିଗଲା ।

( ପ୍ରସ୍ଥାନ )

## ଷଷ୍ଠ ଦୃଶ୍ୟ

### ମହାଜନ ଦ୍ୱାରର ସମ୍ମୁଖ ଭାଗ (ତୋରଣ)

( ସମୟ—ଅର୍ଦ୍ଧରାତ୍ର, ଅମାବାସ୍ୟା ଅନ୍ଧକାର, ନିଶା ଗରଜୁଛି, ।।କାଶରେ ଖଣ୍ଡେ କଳାମେଘ ଘୋଟିଆସୁଛି । ମହାଜନ ଦ୍ୱାର ସମ୍ମୁଖ-।ଗରେ ମିଂକ ମିଂକ ହୋଇ ଆଲୁଅଟିଏ ଜଳୁଛି । ଏହି ସମୟରେ 'କେତେ ଜଣ ଲୋକ ହାତରେ ନିଆଁ ହୁଲା ଧରି ଭିତରେ ପ୍ରବେଶ କଲେ । ।ହିଁ ବୃହୁଁ ମହାଜନ ଗୃହଦାହ ଆରବ୍ଧ ହେଲା )

( ସୁରଥର ପ୍ରବେଶ )

।ରଥ—ବାଃ ! ବାଃ ! କି ସୁନ୍ଦର ଜଳୁଛି ! ହାଃ ! ହାଃ ! ମୋର କୋପବହ୍ନି ଏଇଥର ଶାନ୍ତ ! ଜ୍ୱଳ, ଜ୍ୱଳ ଅଗ୍ନି ! ତୁମ୍ଭର ସର୍ବଗ୍ରାସୀ ଲେଲିହାନ ଜିହ୍ୱା ବିସ୍ତାର କରି ଆହୁରି ଉଦ୍ଦୀପ୍ତ ହୋଇ ଉଠ, ମୋତେ ଭାରି ସୁନ୍ଦର ଦିଶୁଛି । ମୋତେ ବଡ଼ ଭଲ ଲାଗୁଛି । (କିଛିକ୍ଷଣ ପରେ) ହାଃ ! ହାଃ ! ରଘୁନାଥ ଚିହ୍ନିଲୁ ? ସୁରଥର ସିଦ୍ଧିସାଧନା ପଥରେ ପ୍ରତିଦ୍ୱନ୍ଦୀ ହେଲେ କି ପରିଣାମ ଭୋଗିବାକୁ ହୁଏ, ବର୍ତ୍ତମାନ ବୁଝିଲୁ ? ହୁଁ ! ! ବଡ଼ ସାହସ ବଢ଼ି ଯାଇଥିଲା । ( ଇତସ୍ତତଃ ହୋଇ ) ଲୋକଗୁଡ଼ାଙ୍କୁ ଧନ-ସମ୍ପତ୍ତି ଲୁଟି କରି ନେବାକୁ କହିଥିଲି । କାହିଁ ? କାହାରି ତ ଦେଖା ନାହିଁ । ଗଲେ କୁଆଡ଼େ ? ଯାଏଁ ଦେଖେ ।

( ବ୍ୟଗ୍ରେ ପ୍ରସ୍ଥାନ )

( ଏହି ସମୟରେ କେତେ ଜଣ ଲୋକ ମୁଣ୍ଡରେ ବାକ୍‌ସ ପେଟରା ।ଭୃତି ଧରି ମହାଜନ ଗୃହରୁ ବାହାରି ପ୍ରସ୍ଥାନ କଲେ—ଅନ୍ତରାଳରୁ ।ବଳାର କ୍ରନ୍ଦନଧ୍ୱନି; ଭୟଙ୍କର ଚିତ୍କାର ଶୁଣାଗଲା—ଉତ୍କ୍ଷିପ୍ତ ।।ୟ ରଘୁନାଥର ପ୍ରବେଶ । )

।ଘୁ—ଏ କଅଣ ? କଅଣ ହେଲା ? ( ପୁନରପି ଚିତ୍କାର ଧ୍ୱନି ଶୁଣାଗଲା ) ଓଃ ! ଓଃ ! ସବୁ ଯେ ଛାରଖାର ହୋଇଗଲା ! ବାପା ! ବାପା !

—ରଘୁଅରକ୍ଷିତ—

ଆରେ ! ଆରେ ! ମା ଶୋଇବା ଘରେ ଯେ ନିଆଁ ଲାଗିଗଲାଣି ।
ମା !! ମା !! (ବ୍ୟଗ୍ରେ ପ୍ରସ୍ଥାନ, ପରେ ଜଣେ ଘାତକର ଅନୁଗମନ)

( ସର୍ଦ୍ଦାର ସିଂହର ପ୍ରବେଶ )

ସର୍ଦ୍ଦାର—ସବୁ ହେଲା । ରଘୁଆଟା ଏତେବେଳଯାଏ ହାବୁଡ଼େ ପଡ଼ିଲା ନାହିଁ, କଅଣ କରିବି ?

( ସୁରଥର ପୁନରପି ପ୍ରବେଶ )

ସୁରଥ—ସର୍ଦ୍ଦାର ! ରଘୁଆ ଧରାପଡ଼ିଛି ?

ସର୍ଦ୍ଦାର—ଆଜ୍ଞା, ସେହି କଥା ଭାବୁଛି, କେତେ ଖୋଜିଲିଣି, ପାଉ ନାହିଁ । ତେବେ ଜଣେ ଘାତକ ତା ପିଛା ଲଗେଇ ଦେଇଥିଲି, ସେ ଏ ପର୍ଯ୍ୟନ୍ତ ଫେରି ନାହିଁ ।

ସୁରଥ—ନାଁ, ନାଁ, ଆହୁରି ଖୋଜ, ଯାଅ ।

( ଉଭୟଙ୍କର ପ୍ରସ୍ଥାନ )

( କିପରିତ ଦିଗରୁ ଅର୍ଦ୍ଧଦଗ୍ଧ ପିତାଙ୍କୁ ସ୍କନ୍ଧରେ ବହନ କରି ରଘୁନାଥର ପ୍ରବେଶ )

ରଘୁ—( ପିତାଙ୍କୁ ଶୁଆଇ ତାଙ୍କ ମସ୍ତକ ଜାନୁ ଉପରେ ରଖି ) ବାପା !

ମହାଜନ—ଓଃ, ଦେହ ମୁଣ୍ଡ ଜଳିଯାଉଛି—ରଘୁ ! ଓଃ ! କାହିଁ ଏ ଅକାଳକାଣ୍ଡ ପଡ଼ିଲା ! ଓଃ ! ମୋର ସବୁ ସରିଗଲା, ଜୀବନ ବାହାରିଯାଉଛି । ଓଃ !

ରଘୁ—ତୁନି ହୁଅ, ବାପା ! ବ୍ୟସ୍ତ ହୁଅ ନାହିଁ । ଏଁ, ଏଁ, କଅଣ କରିବି ?

ମହା—କିଏ ସେ ଘରବୁଡ଼ା ? ତାର କଣ ମଙ୍ଗଳ ହେବ ? ଓଃ ! ଓଃ !

ରଘୁ—କଅଣ ହେଉଛି, ବାପା ?

ମହା—ଓଃ ! ସର୍ବାଙ୍ଗ ପୋଡ଼ିଯାଉଛି ! ଓଃ ! କି ଜ୍ୱାଳା ! ଦେହ ଭିତରଟା ଯେ ଛୁଣ୍ଡି ପଡ଼ୁଛି ! ରଘୁ ! ଭାରି କଷ୍ଟ ହେଉଛି ! ଓଃ !

( ଛଟପଟ ହେବା )

— ରକ୍ତଅକ୍ଷିତ —

ରଘୁ—ବାପା ! ବାପା !

ମହା—ରଘୁ ! ବଡ଼ ଶୋଷ, ପାଣି—ପାଣି ! ଟିକଏ—ଦେ ! ମୋ ତୋଟି ଶୁଖିଯାଉଛି ।

ରଘୁ—ହଉ, ବାପା ।

( ଉପାଧାନରେ ପିତାଙ୍କ ମସ୍ତକ ସ୍ଥାପନ କରି ରଘୁର ସସବ୍ୟସ୍ତେ ପ୍ରସ୍ଥାନ )

ମହା—ଓଃ ! ଓଃ ! ଭଗବାନ ! ଭଗବାନ ! ନାରାୟଣ !

ରଘୁ—(ଜଳପାତ୍ର ସହିତ ପ୍ରବେଶ କରି ) ହେଇଟି ବାପା ! ପାଣି ନିଅନ୍ତୁ ।

ମହା—ନାଃ ! ନାଃ ! ପାଣି ଲୋଡ଼ା ନାହିଁ । ତୋ ମାଆଙ୍କୁ ଟିକଏ ଡାକିଦେ । ମୋ ଯିବା ବେଳ ହୋଇ ଆସିଲାଣି ।

ରଘୁ—(ସ୍ୱଗତ) କଅଣ କହିବି ? ପିତା ଅନ୍ତିମ ଶଯ୍ୟାରେ, କେଡ଼େ କାତର ହୋଇ ମାଆଙ୍କୁ ଖୋଜୁଛନ୍ତି । କିପରି କହିବି ? ନ କହିଲେ ଯେ ବାପାଙ୍କ ମନର ଗୋଟିଏ ଅଭିଳାଷ ଅପୂର୍ଣ୍ଣ ରହିଯିବ ।

ମହା—ନୀରବ ରହିଲୁ କାହିଁକି, ବାପା ? ଯା, ମାଆଙ୍କୁ ତୋର ଡାକିଦେ। ପ୍ରାଣ ଗଲାବେଳେ ଥରେ ଦେଖି ଥାଏଁ ।

ରଘୁ—ବାପା ! ବାପା ! (ନୀରବ)

ମହା—ରଘୁ ! ତୁ ଡେରି କଲେ ଆଉ ଯେ ତାକୁ ଦେଖିପାରିବି ନାହିଁ ।

ରଘୁ—ବାପା, କଅଣ କହିବି ? ମାଆଙ୍କୁ ମୋର କାହୁଁ ପାଇବି ? ମାଆ ମୋର ଆଉ ଏ ଜଗତରେ ନାହାନ୍ତି । କିଏ ଜଣେ ମାଆଙ୍କୁ ମୋର ଗୋଟେ ଘରେ ଶିକୁଳି ଲଗାଇ ବନ୍ଦ କରିଥିଲା । ମାଆ ମୋର ସେହି ଘରେ—ଓଃ ! ! ଉଦ୍ଧାର କରି ପାରିଲି ନାହିଁ ।

ମହା—ପୋଡ଼ିଗଲା ! ପୋ-ଡ଼ି-ଗ-ଲା-ର-ଘୁ ! ଓଃ !

(ଛଟପଟ ହେବା ଓ ଊର୍ଦ୍ଧ୍ୱ ଶ୍ୱାସ ବୋହିବା)

ରଘୁ—ବାପା ! ବାପା !

**ମହା**—ଓଃ ! ଓଃ ! ଓଃ ! (ମୃତ୍ୟୁ)

ରଘୁ—ଏ କଅଣ ? ବାପା ! ବାପା !

(ପିତାଙ୍କ ବକ୍ଷ ଉପରେ ଢଳି ପଡ଼ିବା)

[ ଛୁରିକା ହସ୍ତେ ଗୁପ୍ତଘାତକ ଧୀରେ ଧୀରେ ପ୍ରବେଶ କରି ରଘୁକୁ ବଧ କରିବାକୁ ଉଦ୍ୟତ ହେଉଥିବାବେଳେ ରଘୁର ଜନୈକ ପ୍ରହରୀ ପଶ୍ଚାତ୍‌ଭାଗରୁ ହଠାତ୍ ପ୍ରବେଶ କରି ଛୁରିକା ହରଣପୂର୍ବକ ଉକ୍ତ ଛୁରିକାରେ ଘାତକଙ୍କୁ ଭୟ ପ୍ରଦର୍ଶନ କଲାବେଳେ ]

## ଯବନିକା ପତନ

—ରଙ୍ଗରକ୍ଷିତ—

# ଦ୍ୱିତୀୟ ଅଙ୍କ

## ପ୍ରଥମ ଦୃଶ୍ୟ

(ଦଗ୍ଧଗୃହର ଭସ୍ମରାଶି ଉପରେ ଶ୍ରାନ୍ତ, ଶ୍ରୀହୀନ, ରୁକ୍ଷ, ମଳିନବେଶ ରଘୁନାଥ ବିଷଣ୍ଣ ବଦନରେ କପୋଳଦେଶରେ କରତଳ ସ୍ଥାପନ କରି ଉପବିଷ୍ଟ । କେତେବେଳେ ପାଉଁଶ ମୁଠାଏ ହାତରେ ଧରି ସାଶ୍ରୁ ନେତ୍ରରେ ତାହାକୁ ଚାହିଁ ରହୁଛନ୍ତି, କେତେବେଳେ ହୃଦୟବିଦାରିଣୀକାରୀ ଗମ୍ଭୀର ଦୀର୍ଘ ନିଶ୍ୱାସ ନିକ୍ଷେପ କରୁଛନ୍ତି, କେତେବେଳେ ମୁକ୍ତ ନୀଳାକାଶକୁ ଚାହିଁ କଅଣ ଗୁଡ଼ାଏ ଭାବୁଛନ୍ତି । ଚକ୍ଷୁ ଲୋତକରେ ଛଳ ଛଳ, ହୃଦୟ ବ୍ୟାକୁଳତା ପୂର୍ଣ୍ଣ )

(ପ୍ରଥମ ପ୍ରହରୀର ପ୍ରବେଶ)

୧ମ ପ୍ରହରୀ—ହଜୁର ! ଏଇ ପାଉଁଶଗଦା ଉପରେ ଆଉ କେତେବେଳ ଯାଏ ଇମିତି ବସିରହିବେ ? ଆସନ୍ତୁ ! ଆହା ! ଆପଣଙ୍କର ଏ ରୂପ ଦେଖିଲେ ପ୍ରାଣ ଭିତରଟା ଯେ କଲବଲ ହୋଇଯାଉଛି ।

ରଘୁ—ପ୍ରହରି ! ପ୍ରହରି ! ମୋର ଦଶା କଅଣ ହେଲା ? (ଦୀର୍ଘ ନିଃଶ୍ୱାସ ପକାଇ) ଓହୋ କି ହତଭାଗା ମୁଁ ! କି କୁକ୍ଷଣରେ ଜନ୍ମ ମୋର ! ଗୋଟାଏ ରାତି ଭିତରେ ମୋର ସୁନାର ସଂସାର ପୋଡ଼ି ଚୂନା ହୋଇଗଲା ! ଆହା ! ବାପା ବୋଉଙ୍କୁ ମୋର ବଞ୍ଚାଇ ପାରିଲି ନାହିଁ । ଆଉ ଏ ପୋଡ଼ା ପ୍ରାଣରେ କି ଫଳ ? ଅନ୍ନ ! ଅନ୍ନ ! ଏ ହତଭାଗା ଲାଗି ତୋର ଦଶା କଅଣ ହେବ ? ଓଃ ! (ପୁନରପି ଦୀର୍ଘ-ନିଃଶ୍ୱାସ ପକାଇ) ବାପା ! ବାପା ! ମାଆ ! ମାଆ ! କାହିଁ ଗଲ ? କି ଦୁଃଖ ! କି କଷ୍ଟ ! ହାୟ ବିଧାତା ! ଶେଷକୁ କଅଣ ମୋ କପାଳରେ ଏଇୟା ଲେଖିଥିଲୁ ?

୧ମ ପ୍ରହରୀ—ଆଉ କାହିଁକି ସେ ଗତ କଥାଗୁଡ଼ାକ ଭାଳୁଛନ୍ତି ? ଆସନ୍ତୁ, ନ ଖାଇ ନ ପିଇ ଯେ ଆପଣଙ୍କ ଶ୍ରୀଅଙ୍ଗ ଶୁଖି କଳାକାଠ ହୋଇଗଲାଣି, ଦିଓଟି କିଛି ଖାଇ ଟିକିଏ ଶୀତଳ ହୁଅନ୍ତୁ ।

ରଘୁ—ଖାଇବି ? ଆଉ କଅଣ ଖାଇବି ? ମୋର ଖାଇବା କଥା ତ ସରିଗଲାଣି । ଓଃ ! ପ୍ରହରି ! କାହାର ଭାତଥାଳୀରେ ଧୂଳି ପକାଇଥିଲି, ଆଜି ତାରି ଫଳ ଭୋଗୁଛି । (ପୁନରପି ଦୀର୍ଘନିଃଶ୍ୱାସ ନିକ୍ଷେପ)

(ଦ୍ୱିତୀୟ ପ୍ରହରୀର ପ୍ରବେଶ)

୨ୟ ପ୍ରହରୀ—ହଜୁର ! ଗାଁ ଗାଁ ବୁଲି ଆସିଲି, ଘର ଘର ପଶି ସମସ୍ତଙ୍କୁ ଜଣାଇଲି, ଜଣେ ହେଲେ କେହି ମୋ ମୁହଁକୁ ଚାହିଁଲେ ନାହିଁ । ମନ୍ତ୍ରିପୁଅ ସମସ୍ତଙ୍କୁ ହାତ କରି ନେଲେଣି ।

ରଘୁ—ସୁରଥ ! ସୁରଥ ! ତୁ ମୋର କଅଣ କଲୁ ? ମତେ ଏପରି ହୀନ ଅବସ୍ଥାରେ ପକାଇ, ମୋର ସର୍ବନାଶ କରି ସୁଦ୍ଧା ତୁ ତୃପ୍ତ ହୋଇନାହୁଁ ? ତୋର ବିଷାକ୍ତ ନିଃଶ୍ୱାସରେ ସମୁଦାୟ ଅଞ୍ଚଳଟା ବିଷମୟ କରି ଦେଲୁଣି ? ଅତ୍ୟାଚାରର ଭୟ ଦେଖାଇ ଧନବଳରେ ତୁ ସମସ୍ତଙ୍କୁ ମୁଷ୍ଟିବନ୍ଧ କରି ନେଇଛୁ—ଜଗତକୁ ବଶୀଭୂତ କରିପାରିଛୁ ! ମୋର ଧନ ନାହିଁ; ମୋର ଶକ୍ତି ନାହିଁ ବୋଲି ମୁଁ ସିନା ଆଜି ଦାଣ୍ଡର ଭିକାରୀ !

୨ୟ ପ୍ରହରୀ—ଆଜ୍ଞା ! ଫେରି ଶୁଣିଲି—ଘର ଘର ପିଟି ହୁକୁମ ହୋଇଛି, କେହି ଆପଣଙ୍କୁ ଆଶ୍ରା ଦେବେ ନାହିଁ ।

ରଘୁ—ପ୍ରହରି ! ମୋର ବାପା ଯାଇଛନ୍ତି, ମା ଯାଇଛନ୍ତି, ଧନ ଯାଇଛି, ଆଉ ମତେ ଆଶ୍ରା ଦେବ କିଏ ?

୧ମ ପ୍ରହରୀ—କାହିଁକି, ଆପଣଙ୍କ ଦାନାଖିଆ ଏ ଗରିବ ଚାକର ଦିହେଁ ତ ଅଛନ୍ତି—ଆଉ ତାଙ୍କର ତ ଖଣ୍ଡେ ଖଣ୍ଡେ କୁଡ଼ିଆ ଅଛି । ଆସନ୍ତୁ, ଆଉ ସେ ପୋଡ଼ା କାଠ, ଅଳିଆ, ଧୂଳିମାଟିରେ ବସନ୍ତୁ ନାହିଁ ।

—ରଘୁ ଉଠିଲେ—

ରଘୁ—ଏହି ଧୂଳି ମାଟି ତ ମୋର ଏଣିକି ଆଶ୍ରା ପ୍ରହରି ! ଦିଅ ମୋତେ ବିଦାୟ ଦିଅ । ପ୍ରହରି ! ତୁମ ଦୁହିଁଙ୍କର ଉପକାର ଏ ଜୀବନରେ ସୁଝିପାରିବି ନାହିଁ ।

୧ମ ପ୍ରହରୀ—ଏ କଅଣ କହୁଛନ୍ତି ?

ରଘୁ—ନା, ପ୍ରହରି ! ଆଉ ତୁମମାନଙ୍କର ଗଳଗ୍ରହ ହୋଇ ଏ ନିର୍ଲଜ୍ଜ ଜୀବନ ଧାରଣ କରିବି ନାହିଁ । ମୋ ଲାଗି ତୁମମାନଙ୍କ ଜୀବନ ବିପନ୍ନ ହେବ ସିନା ! ଆଉ ବିଳାଅ ନାହିଁ, ପ୍ରହରି ! ମତେ ଆନନ୍ଦରେ ବିଦାୟ ଦିଅ, ମୁଁ ଏଥର ମୋର ବାଟ ଦେଖେଁ ।

(ରଘୁନାଥର ପ୍ରସ୍ଥାନ)

(ରଘୁନାଥ ଯେଉଁ ଦିଗକୁ ଗମନ କଲେ ପ୍ରହରୀ ଦୁହେଁ ସେହି ଆଡ଼କୁ କାତର ଦୃଷ୍ଟି ନିକ୍ଷେପ କରି ଅଶ୍ରୁ ବିସର୍ଜନ କଲେ । )

**ପଟ ନିକ୍ଷେପ**

## ଦ୍ୱିତୀୟ ଦୃଶ୍ୟ

### ଗଙ୍ଗାଧର ଗୃହର ଅଳିନ୍ଦ

[ବିଷାଦଗ୍ରସ୍ତ, ଚିନ୍ତାମଗ୍ନ ବୃଦ୍ଧ ଗଙ୍ଗାଧର ଘନ ଘନ ନିଶ୍ୱାସ ପକାଇ କପାଳରେ ହାତମାରି ପ୍ରବେଶ କଲେ]

ଗଙ୍ଗାଧର—କଅଣ ଶୁଣୁଛି ? ସତେ କଅଣ—? ଅନ୍ନ ! ଅନ୍ନ ! ହା ଅନ୍ନ ! ତୋ ଦଶା କଅଣ ହେବ ? ତୋ ଦିନ ସରିବ କିପରି ? ମୁଁ ଯେ କିଛି ଭାବି ପାରୁ ନାହିଁ । ମା ମୋର ! ପିତା ହୋଇ ତୋର ଏ ଦୁଃଖ ଦେଖି ଧୈର୍ଯ୍ୟ ଧରି ରହିବି କିପରି ? ତୋ ମା ମୃତ୍ୟୁଶଯ୍ୟାରେ ଶୋଇ ମୋହର ହାତରେ ତୋତେ ସମର୍ପି ଦେଇଗଲା । କେତେ

କଷ୍ଟ ସହି ତୋତେ ନିଜ ହାତେ ମଣିଷ କରିଥିଲି—କଣ ଏଇସବୁ ଶୁଣିବାକୁ, ଏଇସବୁ ଦେଖିବାକୁ ? ଜୀବନର ସଂଙ୍ଗୀନି ମୋର ! ଏ ବୃଦ୍ଧ ବୟସରେ, ଏ ଭଗ୍ନ ବକ୍ଷଖଣ୍ଡି ତୋହର ସୌଭାଗ୍ୟ-ଜଳରେ ଭସାଇ ଦେଇ କେତେ ସୁଖସ୍ୱପ୍ନ ଦେଖୁଥିଲି—କେଡ଼େ ଆନନ୍ଦରେ ବିଭୋର ହୋଇଥିଲି । ଓଃ ! ବିଧାତା ସହିଲା ନାହିଁ । ମୋର ଉପରେ ଏ ବୃଦ୍ଧ ଅସହାୟ ଅବସ୍ଥାରେ ଅକାଳ ଚଡ଼କ ପକେଇଲା ! ମୋର ଆଲୁଅ ଘର ଅନ୍ଧାର କରିଦେଲା ! ଆହାଃ ! କି କଷ୍ଟ ! ପ୍ରାଣରେ କି ଦାରୁଣ ଆଘାତ ! ଓଃ ! ଛାତି ଫାଟିଯାଉଛି । ପ୍ରଭୋ ! ପ୍ରଭୋ ! କେଡ଼େ ନିର୍ଦ୍ଦୟ ତୁମ୍ଭେ । ନାଃ, ଆଉ ଠିଆହୋଇ ପାରୁନାହିଁ । ମୋ ମୁଣ୍ଡ ବୁଲେଇ ଦଉଛି ! (କିଛି କ୍ଷଣ ପରେ ନୀରବ ରହି ଓ ଊର୍ଦ୍ଧ୍ୱକୁ ଦୃଷ୍ଟି ନିକ୍ଷେପ କରି) ଏ କଅଣ ହେଲା ? ଏ କଅଣ ହେଲା ? ଏ ଅନ୍ଧାର ଘୋଟିଆସିଲା କୁଆଡ଼ୁ ? ଓଃ ! କି କଟିକଟିଆ ଅନ୍ଧାର ! (କିଛି କ୍ଷଣ ପରେ) କିଏ ସେ ? କାହା ମୁଖ ମୋ ଆଗରେ ଝଲସି ଯାଉଛି ? କିଏ ? କିଏ ? ଧୀର ବୋଉ ! ଧୀର ବୋଉ ! ଏଁ ! ଏଁ ଅନ୍ନବୋଉ !! ଏ କଅଣ ? ଏ କଅଣ ? ତୁମେ ଯେ କାନ୍ଦୁଛ ? ଅହା ! ମା' ପ୍ରାଣ ପରା ! ଦଶମାସ ଗର୍ଭରେ ଧାରଣ କରିଥିଲ ପରା ! କାନ୍ଦିବ ନାହିଁ ! କାନ୍ଦ, କାନ୍ଦ, ଅନ୍ନବୋଉ ! ଆହୁରି କାନ୍ଦ । ତୁମ୍ଭ କାନ୍ଦରେ ବସୁଧା ଫାଟିଯାଉ—ଶତ ଶତ ଝଡ଼ ତୋଫାନ ବହିଯାଉ—ସହସ୍ର ବଜ୍ରପାତ, ଉଲ୍କା ବୃଷ୍ଟି ହେଉ—ସମୁଦ୍ରରୁ ଶହ ଶହ ଲହରୀ ଗର୍ଜନ କରି ଉଠିଆସୁ—ବିଶ୍ୱରେ ମହାପ୍ରଳୟ ଉପସ୍ଥିତ ହେଉ । କାନ୍ଦ, କାନ୍ଦ ।

(ଅନ୍ନର ପ୍ରବେଶ)

ଅନ୍ନ—ବାପା ! କିଏ କାନ୍ଦୁଛି ? କାହା ସଙ୍ଗେ କଥା କହୁଛ ?

ଗଙ୍ଗା—(ନୀରବ ଓ ଊର୍ଦ୍ଧ୍ୱ ଦୃଷ୍ଟି).

ଅନ୍ନ—ବାପା ! ବାପା ! କଥା କାହିଁକି କହୁ ନାହଁ, ବାପା !

— ରଘୁଅରକ୍ଷିତ —

ଗଙ୍ଗା—କାନ୍ଦ କାନ୍ଦ, ଏ କାନ୍ଦଣା ତ ବନ୍ଦ ହେବାର ନୁହେଁ ।
ଅନ୍ନ—[ପିତାଙ୍କ ହସ୍ତଧାରଣ କରି ] କଅଣ ଗୁଡ଼ାଏ ବକୁଛ ? ବାପା !
ଗଙ୍ଗା—[ଚମକିପଡ଼ି, ସ୍ନେହରେ କନ୍ୟାକୁ କୋଳକୁ ଆଉଜାଇ ଓ ତାହାର ଗଣ୍ଡସ୍ଥଳରେ ହାତ ବୁଲାଇ) ମା ମୋର ! ଅନ୍ଧର ଲଉଡ଼ି ମୋର !
ଅନ୍ନ—ବାପା ! ତମ ମୁହଁ ଶୁଖିଛି କାହିଁକି ? ଆଖି ଛଳ ଛଳ ଦିଶୁଛି କିଆଁ ? କଅଣ ହୋଇଛି ?
ଗଙ୍ଗା—କିଛି ହୋଇ ନାହିଁ, ମା !
ଅନ୍ନ—ବାପା କିଏ କାନ୍ଦୁଥିଲା ? କାହା ସଙ୍ଗେ ତୁମେ କଥା କହୁଥିଲ ?
ଗଙ୍ଗା—ହିଁ ହିଁ, ନା-ନାଁ, କିଏ କାହିଁକି କାନ୍ଦିବ ! କଅଣ ଗୋଟାଏ ସିମିତି କହି ଦେଇଥିବି ।
ଅନ୍ନ—ମତେ ବାଆଁରଉଚ କାହିଁକି, ବାପା ! ମୁଁ ତ ଶୁଣିଛି—ତମେ କଅଣ କହୁଥିଲ ।
ଗଙ୍ଗା—( ନୀରବ ଓ ଊର୍ଦ୍ଧ୍ୱଦୃଷ୍ଟି )
ଅନ୍ନ—(ପୁନରପି ପିତାଙ୍କ ହାତ ଧରି) ବାପା ! କଅଣ ଭାବୁଛ, କହିବ ନାହିଁ ?
ଗଙ୍ଗା—କାହିଁ ? କିଛି ତ ଭାବୁ ନାହିଁ, ମା ! ହିଁ, ହିଁ ଭାବୁଛି—ତୋର ଭବିଷ୍ୟତ ଅନ୍ନ ! ନାଃ, ନାଃ, କିଛି ନୁହେ, କିଛି ନୁହେ । ମୁଁ ମିଛରେ ସିମିତି କହିଦେଲି ।
ଅନ୍ନ—ବାତୁଳ ପରି କଅଣ ଗୁଡ଼ାଏ ବକି ଯାଉଛ; ବାପା !
ଗଙ୍ଗା—ତୋ ବୋଉ ! ! ନାଃ, ନାଃ, କିଛି ନୁହେଁ —କିଛି ନୁହେଁ, ମିଛ ମିଛ !
ଅନ୍ନ—କଅଣ କିଛି ନୁହେ ? କଅଣ ମିଛ ?
ଗଙ୍ଗା—ମିଛ, ମିଛ, ସବୁ ମିଛ !

— ଯବନିକା —

ଅନ୍ନ—କହିବ ନାହିଁ ? ମତେ ଭଣ୍ଡାଉଛ ବାପା ! ମୋ ପାଖେ ଛଳନା କରୁଛ ?

ଗଙ୍ଗା—ଛଳନା, ଛଳନା—ନା, ନା, ସେ ଯେ ଜୀବନ୍ତ ସତ୍ୟ ।

ଅନ୍ନ—ସତ ? କଅଣ ସତ ? କହ ବାପା ! ତମ ଗୋଡ଼ ଧରୁଛି ।

(ପାଦ ଧରିବା)

ଗଙ୍ଗା—(କନ୍ୟାକୁ ଉଠାଇ) କହିଲି ପରି ମା ! ତୋ ଭବିଷ୍ୟତ ଭାବୁଥିଲି ।

ଅନ୍ନ—ମୋ ଭବିଷ୍ୟତ ! ନାଁ ନାଁ, ମୋ କପାଳେ ଯାହା ଥିବ । ତୁମେ ଏବେ ଏଇ କଥାକୁ ଏତେ ଭାବୁଛ କାହିଁକି ?

ଗଙ୍ଗା—କପାଳ ! କପାଳ ସବୁ କରେ ଅନ୍ନ ! (କିଛି କ୍ଷଣ ପରେ) ଅନ୍ନ ବୋଉ ! ଅନ୍ନ ବୋଉ !

ଅନ୍ନ—ମୋ ବୋଉକୁ ଏତେ କାହିଁକି ଆଜି ମନେ ପକାଉଛ ବାପା !

ଗଙ୍ଗା—ତୋ ବୋଉ ! ଆହା ! କେଡ଼େ ଭାଗ୍ୟବତୀ ! ସେ କି ଆନନ୍ଦରେ ହସି ଖେଳି ଚାଲିଗଲା—ଆଉ ସବୁ ଦୁଃଖ ଭୋଗ କରିବାକୁ ରଖିଗଲା ମତେ ! (ଅନ୍ନକୁ କୋଳକୁ ଆଉଜାଇ) ଅନ୍ନ ! ମାତୃଶୂନ୍ୟା ଅଲିଅଳୀ ଝିଅ ମୋର ! ମାଆ ନାହିଁ ବୋଲି ମନରେ ତୋର ଭାରି କଷ୍ଟ ହେଉଥିବ ନାଁ ?

ଅନ୍ନ—ବାପା ! ତମକୁ ଦେଖି ସବୁ ଦୁଃଖକଷ୍ଟ ଭୁଲି ଯାଇଛି । ତମେ ମୋର ବୋଉ—ମୋର ବାପା—ମୋର ସବୁ ।

ଗଙ୍ଗା—ମା ମୋର ! ବୋଉମୁହଁ ତୋର ମନେ ନ ଥିବ । ତା ମୁହଁ-ଖଣ୍ଡି ଠିକ୍ ତୋହରି ପରି । ଦେଖୁ ନାହୁଁ ? ଆହା ! କାନ୍ଦ କାନ୍ଦ ସେ ଚାନ୍ଦ ମୁହଁଟି କଳା ପଡ଼ିଗଲାଣି ।

ଅନ୍ନ—(ସ୍ୱଗତ) ବାପାଙ୍କର ତ ଇମିତି ଭାବନା କେବେ ଦେଖା ନ ଥିଲା ? ଆଜି କଅଣ ହେଲା ? (ପ୍ରକାଶ୍ୟେ) ବାପା ! ଘରକୁ ଚାଲ ।

[ହାତ ଧରି ଟାଣିବା]

—ଯବନିକା—

ଗଙ୍ଗା—ଘରକୁ ? ଆଉ କି ଘର ମା ? ଘର ସେ ଭାଙ୍ଗିଗଲା, ଅନ୍ନୁ !

ଅନ୍ନ—କାହାଘର ଭାଙ୍ଗିଗଲା, ବାପା ?

ଗଙ୍ଗା—ମୋ ଘର—ତୋ ଘର—ତା ଘର— । ନାଁ ନାଁ ଭାଙ୍ଗିବ କାହିଁକି ?

ଅନ୍ନ—କଅଣ ଗୁଡ଼ାଏ ବକୁଛ ବାପା ? ନାଁ, ତମେ ଘରକୁ ଚାଲ ।

(ଗଙ୍ଗାଧର ନୀରବରେ ଦଣ୍ଡାୟମାନ, ଅନ୍ନ ତାହାଙ୍କୁ ଟାଣି ଟାଣି ଭିତରକୁ ନେଇଗଲା । ବିପରୀତ ଦିଗରୁ ଧୀରପାଣି ଓ ଚନ୍ଦ୍ରପାଣିର ପ୍ରବେଶ)

ଧୀର—ନା, ନା, ଅସମ୍ଭବ ! ମୁଁ ଏଥିରେ କଦାପି ରାଜି ହେବ ନାହିଁ ! ତୋର ଯାହା ଇଚ୍ଛା କର, ମତେ ଆଉ ଲୋକହସା କରନା ଭଲା !

ଚନ୍ଦ୍ର—ଥରେ ବିଚାର କରି ଦେଖ ! ମୋ କଥା ରଖ ଭାଇ !

ଧୀର—କଥା ପର କଥା ସେ ରଖିବ ? ଜାଣୁ ଜାଣୁ ଜାତି, କୁଳ, ମାନ, ମହତ୍ତ୍ୱ, ମର୍ଯ୍ୟାଦା ଲୋପ କରିବାକୁ ମତ ଦେବି କିପରି ?

ଚନ୍ଦ୍ର—ରଖ ତମ ଜାତି କୁଳ ମାନମର୍ଯ୍ୟାଦା । ମୋ ଭଉଣୀ ବଡ଼ ନା କୁଳ-ମର୍ଯ୍ୟାଦା ବଡ଼ ? ଭଉଣୀକୁ ଭସେଇ ଦେଇ ମାନମର୍ଯ୍ୟାଦା ରକ୍ଷା-କରିବା ଏ କେଉଁ ଧର୍ମ, କେଉଁ ନ୍ୟାୟ ?

ଧୀର—ତା ସତ; କିନ୍ତୁ ବାପା ଶୁଣିଲେ ଆମକୁ କଅଣ କହିବେ ?

ଚନ୍ଦ୍ର—କହିବେ କଅଣ ? ତାଙ୍କର ଏଥିରେ ବା କଅଣ ଅଛି ? ସେ ତ ବୁଢ଼ା ହେଲେଣି—ତାଙ୍କର ମାଳି ଭଲ କି ସେ ଭଲ । ଆମେ ତ ଆଉ ପିଲା ନୋହୁଁ ? ଆମର ତ ଭଲ ମନ୍ଦ ଜ୍ଞାନ ହେଲାଣି । ଏଣିକି ସଂସାର ଆମ ହାତରେ । ଆମେ ଯାହା କରିବା, ଯେପରି କରିବା, ସବୁ ସେପରି ହେବ ।

ଧୀର—ତୁ ଚନ୍ଦ୍ର ! ଲୋକେ କହିବେ କଅଣ ? ନିନ୍ଦା ଅପବାଦରେ ଦାଣ୍ଡରେ ମୁଣ୍ଡ ଟେକିପାରିବା ନାଁ ?

— ଯବନିକା —

ଚକ୍ର—ନିନ୍ଦା ଅପବାଦ ତ ଦୂରର କଥା । ଦେଖିବ, ଲୋକେ ଭୟରେ ଆମକୁ ପାଟି ଫିଟାଇ ପାରିବେ ନାହିଁ ।

ଧୀର—ଅନ କଅଣ ପିଲା ହୋଇଛି ? ସେ କଅଣ କିଛି ବୁଝିପାରିବ ନାହିଁ ?

ଚନ୍ଦ୍ର—ଅନର ଅଜ୍ଞାତରେ ସବୁ ହୋଇଯିବ । ସେ ଭାର ମୋ ଉପରେ । ମୁଁ ତାର ସବୁ ବନ୍ଦୋବସ୍ତ କରିଦେବି ।

ଧୀର—ଭଉଣୀର ସ୍ୱାମୀ ଯଦି ଫେରନ୍ତି, ତେବେ କଅଣ ଆଉ ବାକି ରହିବ, ଚକ୍ର ?

ଚକ୍ର—ହୁଁଃ ! ! ତୁମେ କଅଣ ମନେ କରୁଛ ସେ ଆଉ ଫେରିବେ ? ମୁଁ ଭଲରୂପେ ଜାଣେ ସେ ଦୃଢ଼ ପ୍ରତିଜ୍ଞା କରି ଦେଶ ଛାଡ଼ିଛନ୍ତି । ସେତିକି ନୁହେଁ, ସୁରଥ ବାବୁ ସବୁଆଡ଼େ ଖୋଜେଇଲେଣି । ତାଙ୍କର ପତ୍ତା ମିଳୁ ନାହିଁ । ବୋଧହୁଏ ଆଉ ଜୀବନରେ ନାହାନ୍ତି ।

ଧୀର—ଆରେ ! ସେକଥା ତୁଣ୍ଡରେ ଧର ନା ଭଲା ! ଓଃ !

ଚନ୍ଦ୍ର—ସେକଥା ମନରେ ପଡ଼ିଲେ ପ୍ରାଣ ଭିତରଟା ଯେ କି ବିକଳ ହୋଇ ଉଠୁଛି, ଭାଇ ! ତା ଆଉ କଅଣ କହିବି ? ତୁମେ କଅଣ ଅନ୍ନର ସୁଖ ଦେଖିବାକୁ ଚାହୁଁ ନାହିଁ ?

ଧୀର—ଅନ୍ନ ଭଉଣୀ ନୁହେଁ, ମୋ ପ୍ରାଣ ।

ଚକ୍ର—ଯାହାକୁ ଏତେ ସ୍ନେହ କର, ତା ଦୁଃଖ ଆଖିରେ ଦେଖି ପ୍ରାଣ ଧରି ରହିବ କିପରି ? ତାହାର ସୁଖରେ ସିନା ଆମର ସୁଖ ।

ଧୀର—ତା ସତ । ଅନ୍ନ ମୋର ଅନାଥା ହେବ ଏ କଷ୍ଟ ଆଖିରେ ଦେଖିବି କିପରି ? ଓଃ ! ଅସହ୍ୟ, ଅସହ୍ୟ !

ଚନ୍ଦ୍ର—ନିଶ୍ଚୟ, ନିଶ୍ଚୟ ! ଭାଇ ଆମେ—ଏକା ମା ପେଟର ସନ୍ତାନ, ଏକା ରକ୍ତ, ଏ ଦୁଃଖ ଦେଖି ବଞ୍ଚିବା କିପରି ? ଏତିକି ବେଳୁ ପ୍ରତିକାର ନ କଲେ ପଛରେ ପସ୍ତେଇବାକୁ ପଡ଼ିବ ସିନା ! ଯାଏଁ, ତେଣେ ସବୁ ବ୍ୟବସ୍ଥା କରି ଆସେଁ । [ପ୍ରସ୍ଥାନୋଦ୍ୟତ]

—ରଘୁଅରକ୍ଷିତ—

ଧୀର—ଚନ୍ଦ ! ଚନ୍ଦ ! ଶୁଣିଯା । ବାପା ଗୃହର କର୍ତ୍ତା; ଅରେ ତାଙ୍କୁ ପଗ୍ଭରି ଦେବା ଉଚିତ ।

ଚନ୍ଦ—ତୁମେ ତ ବଡ଼ଭାଇ—ପିତା ସମାନ, ଆଉ ବାପାଙ୍କୁ ପଗ୍ଭରିବାରେ ଆବଶ୍ୟକ କଅଣ ? (ପ୍ରସ୍ଥାନ)

ଧୀର—କଅଣ କରିବ ! ଏ ଅବସ୍ଥା ତ କିଛି ବୁଝି ନାହିଁ । ଓଃ ! ଗୁରୁତର ସମସ୍ୟା ! ଏକ ଦିଗରେ ସ୍ନେହର ପ୍ରବଳ ଆକର୍ଷଣ, ଅନ୍ୟ ଦିଗରେ ସମାଜର ଭୀଷଣ ଆପତ୍ତି—ଘୋର ପ୍ରତିବନ୍ଧକ । ବଡ଼ ଜଟିଳ ! ବଡ଼ ଜଟିଳ ! ମୁଁ ଯେ କିଛି ଠିକ୍ କରି ପାରୁ ନାହିଁ ।

(ଧୀରେ ଧୀରେ ପ୍ରସ୍ଥାନ)

[ଅନ୍ୟ ଦିଗରୁ କୁଣ୍ଢାଇ ଝିଅଟିକୁ ହାତରେ ଧରି ଚନ୍ଦ୍ରାଣିର ପ୍ରବେଶ]

ଗୀତ

ସୁନା ଝିଅଟି ମୋର କେଡ଼େ ସୁନ୍ଦର !
ତା ପାଇଁ ଆଣିଛି ମୁଁ ଘରଗୁଁ ବର ।
ମୋ ଝିଅ ରୂପ ତୋରି — କୁଆଇଁ ଦିହ ଗୋରି
ଝିଅ ଜଆଇଁ ମୋର ଗଳାର ହାର । ୧ ।
ଦୁହିଁଙ୍କ କରି ଗେଲ — ଖେଳିବ କେତେ ଖେଳ
ପାଟପତନୀ ଆଣି, ଦେବ ଅପାର । ୨ ।

ଚନ୍ଦ୍ର—ଅପା ଯେ ଦିନ ମନଦେଇ କଣ୍ଢେଇ ଝିଅକୁ ଲୁଗା ପିନ୍ଧେଇଲା ନାଇଁ । ଅପାଟା ଏବେ ଭାରି ଚଗଲା ହେଲାଣି । କାଲି ରାଗରେ ମୋ ଝିଅକୁ ଗୃପୁଡ଼ାଏ ପକେଇଲା; ମୁଁ କେତେ କାନ୍ଦିଲି । ନାଁ, ନାଁ ଅପା ଭାରି ଭଲ କରିଛି । ମାଡ଼ ନ ଖାଇଲେ ଝିଅ ମୋର ଗୁଣର ହବ କେମିତି ? ଗୁଣ ଥିଲେ ସିନା ଶାଶୁଘରେ ସମସ୍ତେ ଆଦର କରିବେ ! ଅପା ମୋର ବେଶ୍ କରିଚ—ଆଉ କରିଚ । ମୋ ଅପା

ଘର ଫେର କିଏ ହେବ ? ସେ ମତେ ଯିମିତି ଦେଖିପାରେ, ମୋ ସୁନା ଝିଅକୁ ବି ସିମିତି ଦେଖିପାରେ । ମୋ ଅପାର ବାଛବିଚାର ନାହିଁ । ଆପଣା ପର ଭେଦାଭେଦ ନାହିଁ । ନୂଆବୋହୂଟା ଭାରି ହିଂସିକୀଟାଏ ! ମୋ ଅପାକୁ ସେ ଏବେ ଜମାରୁ ଦେଖି ପାରୁ ନାହିଁ, ସବୁବେଳେ ତା ସାଙ୍ଗେ ଲଗଉଚି, ତାକୁ କନ୍ଦାଉଚି, କିଛି କଥା ନ ଥିଲେ କଣ୍ଢାବାଡରେ ଲୁଗା ପକେଇ ଅପା ସାଙ୍ଗେ କଳି କରୁଚି । ଅପାର ଗୁଇ ପଡ଼ିଲେ ତା ନାହ୍ନି ତେଉଁଚି । ସତେ ଯିମିତି ଅପା ତାର ଶହେ ଷାଠିଏ ଖାଇଚି ! ସେଥିପାଇଁ ମୁଁ ପରା ଜମାରୁ ନୂଆବୋହୂ ପାଖ ମାଡୁନାହିଁ—କି ମୋ ଝିଅକୁ ଏବେ ତା ହାତକୁ ଆଉ ଦଉ-ନାହିଁ । ସେଟା ଅମଙ୍ଗୁଳୀଟାଏ । କାଲେ ମୋ ଝିଅର ଅମଙ୍ଗଳ ହେବ । (ପ୍ରସ୍ଥାନ)

---

## ତୃତୀୟ ଦୃଶ୍ୟ

ଜନୈକ ଗୃହସ୍ଥ ଗୃହର ସମ୍ମୁଖଭାଗ

[କ୍ରୋଧାନ୍ୱିତ ଗୃହସ୍ଥ ଦ୍ୱାର ଉନ୍ମୁକ୍ତ କରି ଘରୁ ବାହାରି ଆସି]

ଗୃହସ୍ଥ—ଯାଃ, ଆଉ ପାରିବି ନାହିଁ । ସଂସାରରେ ଘରକରିବା କି ଝିକ୍-ମାରି ! ମଣିଷ କି ଦୁର୍ଯୋଗରେ ଘର ସଂସାର ବାନ୍ଧିବାକୁ ଯାଇଥିଲି କେଜାଣି ? ଜୀବନଟାଯାକ ଖାଲି ଦହଗଞ୍ଜରେ କଟିଲି । ଲୋକେ ଘରଦୁଆର କରି, ପୁଅମାଇପ ଘେନି କି ସୁଖରେ ହସି ଖେଳି ସମୟ କଟାଉଛନ୍ତି, ମୋ କପାଳକୁ କେଉଁଠୁ ଗୋଟାଏ ଚଣ୍ଡୀ ଜୁଟିଛି କେଜାଣି ? ଦିନରାତି ହଇରାଣ ହରକତ କରି ମାରିଲି ! ମୁଣ୍ଡଝାଳ

ଲୁଣ୍ଠରେ ମାରି ସବୁବେଳେ ଖଟି ଖଟି ମାସ ଶେଷକୁ ୨୦ ଟା କି ୨୫ଟା ଟଙ୍କା ପାଇବ ଯେ, ସ୍ତ୍ରୀର ଫେର୍ ବାର ଫରମାସ୍ କହିଲେ ନ ସରେ । ଆଜି ଫୁଲଧଡ଼ିଆ ପାଟଶାଢ଼ୀ ଆଣିଦିଅ, କାଲି କମକୁଟ ଚମ୍ପାକଢ଼ିଆ ମାଳି ଦିଅ, ଇମିତି କେତେ ଯେ ବରାଦ ଚାଲିଛି କହି ବସିଲେ ମହାଭାରତ ପୋଥିଟାଏ ହେବ । ହଉ, ହେଲା । ହୁକୁମ ମୁତାବକ ସବୁ ତ ଗୋଡ଼ତଳେ ଆଣି ହାଜର କଲ । ଭଲ ଟିକିଏ ମଣିଷ ହୁଅ । ଆପଣା ଅବସ୍ଥାକୁ ଚାହିଁ କାମଦାମ କରି ଚଳ । ନାଁ ତା ହେବ ନାହିଁ ! ଚାକର ରହିବ, ଚାକରାଣୀ ରହିବ, ରାଣୀ ଆମର କୁଟା ଖଣ୍ଡିକ ଦିଖଣ୍ଡ କରିବେ ନାହିଁ । ବେଶ ପହରଣ, ଚହଟଚକ୍କଣ ହୋଇ ମହଣ ପାଢ଼ିଆ, ଅଭର ଟୋପି ମାରି ଦୋଳା ପଲଙ୍କରେ ଶୋଇ ଦୋଳି ଖେଳୁଥିବେ । ଯୋଉଁ ସୁନ୍ଦର ରୂପ !! ସେଥିରେ ପୁଣି ଦିନ ଭିତରେ ଦଶ କି ପନ୍ଦରଥର ଦର୍ପଣଟାଏ ଧରି ମୁହଁ ପୋଛୁ ହଉଥିବ—ଟିକିଲି ଚାନ୍ଦକଲା ମରୁଥିବ । ସେଥିକରେ ହେଲେ କଅଣ ସମ୍ଭଳା ପଡ଼ୁଛି ? ରାଣୀଙ୍କର ଗୁଣ କଅଣ କମ୍ କି ? ରାଢ଼ପଣ ତ ସେଇଠି ସରିଛି । କେହି ଚାକର ଚାକରାଣୀ ତ ତା ଜାଳାରେ ରହି ପାରିଲେ ନାହିଁ । ଆରେ ବାବୁ, ଯେତେହେଲେ ଚାକର ଚାକରାଣୀ ତ ମଣିଷ । ତାଙ୍କର ତ ଫେର୍ ଦିହ ପା—ପେଟ ପିଠି ଅଛି । ସେ କଥାକୁ ଟିକିଏ ହେଲେ ବିଚାର ଥାଆନ୍ତା ! ସବୁବେଳେ ସେଗୁଡ଼ାକ ସାଙ୍ଗେ ବକର ବକର ହଉଥିବ—ତାଙ୍କୁ ବସେଇ ଉଠେଇ ଦେବ ନାହିଁ—କି ତାଙ୍କ ଖାଇବା ପିନ୍ଧିବା କଥା ଜମାରୁ ବୁଝିବ ନାହିଁ । ଏଥିରେ ପର ପୁଅ ଝିଅ ଭଲା କାହିଁ ମୁଣ୍ଡପୋଡ଼ା ପଡ଼ି ରହିବେ ? କାହିଁକି ଅବା ମନ ଲଗେଇ ପାଞ୍ଚ କାମ କରିବେ ? ଗୋଟାକୁ ଗୋଟା ଯେ କେତୋଟା ଚାକର ଚାକରାଣୀ ଗଲେଣି, ତାର ଠିକଣା ନାହିଁ । ମୁଁ ଏବେ କେତେ କେଉଁଠୁ ଖୋଜିଆଣି ରାଣୀଙ୍କ ପାଖରେ ଯୋଗେଇବ ? ଏଣେ ରାନ୍ଧୁଣିଆଟିଏ ନ ହେଲେ ରୋଷେଇବାସ ବନ୍ଦ ।

—ରଘୁଅରକ୍ଷିତ—

ଯାଆନ୍ତାଣି ଆମର ମସଲ ବାଟିବେ ନାହିଁ—ପଖାଳ ବାଢ଼ିବେ ନାହିଁ—ଅଚ୍ଛଟଛଟରେ ନୋଟେ ପାଣି କୂଅରୁ କାଢ଼ିବେ ନାହିଁ—କି କିଛି କାମରେ ଟିକିଏ ହଲିବେ ନାହିଁ; କାଲେ ଶ୍ରୀଅଙ୍ଗକୁ ବାଧି-ଯିବ ! କଣରେ କୋଉଁ ବାଶେଲୀଚଣ୍ଡୀ ବିଜେ କରିଛନ୍ତି କେଜାଣି ଟିକିଏ ଦୟା କରି ଯାହା କେବେ କେବେ ହାଣ୍ଡିଟା ଚୂଲି ଉପରକୁ ନଉଛନ୍ତି; ତା ବି ବେଳେ ବେଳେ ମତେ କରିବାକୁ ପଡ଼େ । ମତେ ଫେର୍ ହୁକୁମ ହବ—ଯା, ଖଇ ଗାଲି ଦେ, ପୁଅ ଝିଅଙ୍କୁ ଖୁଆଇ ଦେ—ଛୁଆଙ୍କୁ କାଖେଇ ବୁଲାଇ ଆଣ୍ । ଯା ଦେଖି ଦେଖି, ସହି ସହି ଢକ୍‌ଦାର ହୋଇଗଲିଣି । ମନ ହଉଛି ଏ ଘର ଗୁଣ୍ଡି କୁଆଡ଼େ ପଳାନ୍ତି ହେଲେ, ଯା ଦାଉରୁ ଖଲାସ ପାଆନ୍ତି ।

(ମଳିନବେଶୀ ରଘୁନାଥର ପ୍ରବେଶ)

ରଘୁ—ବାବୁ ! ଭୋକରେ ମୋ ହଂସା ଉଡ଼ିଯାଉଛି । ମୁଠାଏ ତୋରାଣି ପିଇବାକୁ ଦିଅନ୍ତୁ ଭଲା । ଆପଣଙ୍କର ଧରମ ହବ ।

ଗୃହସ୍ଥ—ଆରେ, ଯାଃ ! ମୋ ଅବସ୍ଥା ତୋର ଚଣ୍ଡାଲଠୁଁ ହୀନ, ମୁଁ ଫେର୍ ଯାକୁ ତୋରାଣି ଦଉଛି ।

ରଘୁ—କାହିଁକି ? ବାବୁ ! ଭଗବାନ ଆପଣଙ୍କର କେଉଁ କଥାରେ ଊଣା କରିଛନ୍ତି ଯେ, ଆପଣ ଏପରି କହୁଛନ୍ତି । ମୋତେ ଟିକେ ତୋରାଣି ଦେଲେ ଆପଣଙ୍କର କଅଣ ସରିଯିବ ?

ଗୃହସ୍ଥ—ଆରେ ! ତୋତେ କଅଣ କହିବି ? ଗୁଡ଼ାକରଟିଏ ନାହିଁ ବୋଲି କାଲିଠାରୁ ଘରେ ଚୂଲି ଲଗି ନାହିଁ । ଆଉ ତୋତେ ତୋରାଣି ଦେବି କାହୁଁ ?

ରଘୁ—କଅଣ କହିଲେ ବାବୁ ? ଆପଣଙ୍କର ଗୁଡ଼ାକର ଲୋଡ଼ା ଅଛି ?

ଗୃହସ୍ଥ—ହଁ, ଗୋଟାଏ ଯୋଗାଡ଼ କରି ଦେଇ ପାରିବୁ କି ? ତତେ ବକସିସ୍ ଦେବି । ଯା, ଗଉଡ଼ଟିଏ କି ଭଣ୍ଡାରିଟିଏ ଖୋଜିଆଣି ଦେଲୁ ଭଲ !

—ରଘୁଅରକ୍ଷିତ—

ରଘୁ—କାହିଁକି ବାବୁ ! ମତେ ରଖିବେ ?

ଗୃହସ୍ଥ— ତୋତେ ? ତୁ କି ଜାତି ?

ରଘୁ—ଆଜ୍ଞା ! ମୁଁ ଜାତିରେ କରଣ ।

ଗୃହସ୍ଥ—ତୁ ଗୁକର କର ପାରବୁ—ଘର ପାଇଟିପଣ ସବୁ କର ପାରବୁ ?

ରଘୁ—ହଁ ଆଜ୍ଞା ! ବେଶ୍ ପାରବ । ମତେ ରଖନ୍ତୁ । ମୁଠିଏ ଖାଇବାକୁ ଆଉ ଖଣ୍ଡିଏ ପିନ୍ଧିବାକୁ ଦେଲେ ଆପଣଙ୍କ ଘରେ ପଡ଼ିଥିବ । ଯାହା କହିବେ ତା କରିବ ।

ଗୃହସ୍ଥ—ସତେ ? ଆଚ୍ଛା, ତେବେ ଟିକିଏ ଦୂରଗୁଡ଼ିଆ ହୋଇ ଠିଆ ହୋ । ମୁଁ ଆମ ଘରଆଡ଼େ ଯାଆନ୍ତାଣୀଙ୍କି ଟିକିଏ ଡାକେ । ରାଣୀଙ୍କ ମନକୁ ପାଇଲେ ତ ସବୁ କଥା । (ଦ୍ୱାର ପାଖକୁ ଯାଇ ଏବଂ ନିଜ ସ୍ତ୍ରୀଙ୍କୁ ଉଦ୍ଦେଶ୍ୟ କରି ) ହଇ ହେ ! ଟିକିଏ ଏଆଡ଼କୁ ଆସିବ କି ? ଗୋଟିଏ ଗୁକର ଟୋକା ଆସିଛି ! ଆସିଲ; ଦେଖ, ମନକୁ ପାଇଲେ ରଖ । ଓହୋ ! ଗୁକର ଗୁକର ବୋଲି ମତେ ଜଳେଇ ପୋଡ଼େଇ ମାରୁଥିଲ; ଏବେ ନିଅ, ମୁଁ ଖଲାସ ।

[ ଗୃହସ୍ଥ ପତ୍ନୀଙ୍କର ପ୍ରବେଶ ]

ଗୃ: ପତ୍ନୀ—ଓହୋ ! ମ୍ୟାଙ୍କୁ ଜଳେଇ ପୋଡ଼େଇ ମାରୁଥିଲି ! ମଲି ମୋର ! ଗୁକର ନ ହେଲେ ମୁଁ କଅଣ ଦିନରାତି ଖଟି ଖଟି ମରିବି ? ମୁଁ କଅଣ ଏ ଘରର ପୋଇଲୀ କି ?

ଗୃହସ୍ଥ—ନାହିଁ, ପୋଇଲୀ ନୁହଁ—ଯାଆନ୍ତାଣୀ ! ମୁଁ କଅଣ ମନା କରୁଛି ତୁମେ କାମ କରୁ ନାହିଁ ବୋଲି ? ହଉ, ଭଲ ହେଲା । ଏଥର ତମେ ନିଶ୍ଚିନ୍ତ, ମୁଁ ବି ନିଶ୍ଚିନ୍ତ । ହେଲେ ଏଣିକି ଟିକିଏ ସାବଧାନରେ ଚଳ ।

ଗୃ: ପତ୍ନୀ—ମଲି ମୋର ସାବଧାନରେ ଚଳିବି ନାଁ, ଗୁକରକୁ ଡରିବି ନା କଅଣ ?

—ରଘୁଅରକ୍ଷିତ—

ଗୃହସ୍ଥ—ରାଗ ନାଁ, ଏ ଟୋକାଟି କରଣ ଘରର ପିଲା । ଆମ ଜାତପୁଅ, ବଡ଼ ଭଲ ହୋଇଛି । ଟିକିଏ ଦେଖି ଶୁଣି ତା ସଙ୍ଗେ ବ୍ୟବହାର କରିବ । ଇଲାଗେ ପରା ନୂଆଁଭୁଆ, ହନା କେତେ ଚଲାଇ ନେଲେ, ତାକୁ ସବୁକାମ ଆରେଇ ଯିବ ଯେ ! ହଉ, ଏଥର ବୋଷେଇ ଗଣ୍ଡିଏ ହଉ ।

ଗୃ: ପତ୍ନୀ—ଆରେ ହେ ! ଯାଆଡ଼କୁ ଆସଲୁ—ମୁଁ ତୋ ରୂପ ଟିକିଏ ଦେଖେଁ । (ରଘୁ ନିକଟକୁ ଆସିବାରୁ ତାକୁ ଗୃହିଁ) ମଲା ମୋର ! ଏ ତ ଗୋଟେ ବାବୁଭୟା ପିଲା ପରି ଦିଶୁଛି । ଏଇଟା କଅଣ ଗୃକିରି କରିବ ମଁ ?

ରଘୁ—ମା ! ଆପଣ ଯାହା ହୁକୁମ ଦେବେ, ମୁଁ ତାହା ସବୁ କରିବି ।

ଗୃ: ପତ୍ନୀ—ପାରିବୁ ? ହଉ ତେବେ ଯା—ସକାଳୁ ବଡ଼ପୁଅର ଅଇଁଠା ପଡ଼ିଛି, ଯା ଅଇଁଠା ନିକ କରି ପୋଛିପାଛି ଗୋବର ଲଗେଇ ଦବୁ । ଥାଳୀ ଗିନା ପାଉଁଶରେ ମାଜିମୁଜି ସଫା କରି ଧୋଇଧାଇ ଦବୁ । ଦେଖ୍, ମୋ ଘର ଥାଳୀ ଗିନା ଦର୍ପଣ ପରି ଝଟକୁ ଥାଏ । ଯିମିତି ଅସୁନ୍ଦର ନ ଦିଶେ, ମଳାଧୂଳି ନ ଲାଗେ । ଆଉ ଶୁଣ୍ ସାନ ପୁଅଟା ବାନ୍ତି କରିଛି, ଯା ପୋଛିଦବୁ । ଗୃଲ୍, ତୋ କାମସବୁ ତୋତେ ବତେଇ ଦିଏଁ ଯେ ପଛକେ ତୋ ସଙ୍ଗେ ବଜର ବଜର ହବାକୁ ପଡ଼ିବ ନାହିଁ ।

(ଗୃହସ୍ଥ ପତ୍ନୀଙ୍କର ପ୍ରସ୍ଥାନ ଓ ତତ୍ପଶ୍ଚାତ୍ ରଘୁନାଥର ପ୍ରସ୍ଥାନ)

ଗୃହସ୍ଥ—ଓହୋ ! ମଣିଷ କିଛି ଧନ ପାଇ ଗୃକିରିଆ ଜାଲାରୁ ରକ୍ଷା ପାଇଲା । ଟୋକାଟି ବେଶ୍ ବିନୟୀ । ହେଲେ ଯୁଆ ଦାଉରେ ଯେ ବେଶି ଦିନ ରହିପାରିବ, ବିଶ୍ୱାସ କରି ହେଉ ନାହିଁ । ଦେଖାଯାଉ କଅଣ ହଉଛି !

( ପ୍ରସ୍ଥାନ )

—ରଙ୍ଗ ଅରକ୍ଷ ତ—

# ଚତୁର୍ଥ ଦୃଶ୍ୟ

## ସୁରଥର କକ୍ଷ

( ସୁରଥ ଚକିତ ଭାବରେ କକ୍ଷ ମଧ୍ୟରେ ପ୍ରବେଶ କଲେ

ସୁରଥ—ଗୋଟାଏ ମସ୍ତବଡ଼ ଭୁଲ୍ କରି ପକେଇଛୁ । ରଘୁଆଟାକୁ ପ୍ରାଣରେ ନ ମାରି ତାକୁ ହାତ ମୁଠାରୁ ଛାଡ଼ିଦେଇ ନିଶ୍ଚିନ୍ତ ରହିବା ଉଚିତ ହୋଇ ନାହିଁ । ମନେ କରିଥିଲେ ତାକୁ ଧରାଇ ଆଣି ଶୂଳୀରେ ଚଢେଇ ପାରିଥାନ୍ତି; ତେବେ ତ ଏ ଗଣ୍ଡଗୋଳ, ଏ ଆଶଙ୍କା କିଛି ନ ଥାନ୍ତା । ନାଃ ! ଏ ମୋର ବୃଥା ଆଶଙ୍କା ! ସେ ତ ବର୍ତ୍ତମାନ ଦେଶ ଛାଡ଼ି ପଥର ଭିକାରୀ ହୋଇ ବୁଲୁଛି, ତାର ବା କି ଶକ୍ତି ? କିନ୍ତୁ କେହି ଯଦି ତାକୁ ସାହାଯ୍ୟ କରେ ? ସାହାଯ୍ୟ ! ଏପରି କିଏ ଅଛି ଯେ ମୋ ଶକ୍ତି ବିରୁଦ୍ଧରେ ଦଣ୍ଡାୟମାନ ହେବ ? ତେବେ ଭୟ ହରିପୁରର ପ୍ରଜାମାନଙ୍କୁ--ସେମାନେ ଯଦି ରହସ୍ୟଟା ପ୍ରକାଶ କରିଦିଅନ୍ତି ? ତାର ପ୍ରତିକାର ମଧ୍ୟ କରିଛୁ ।

( ସର୍ଦ୍ଦାର ସିଂହର ପ୍ରବେଶ ଓ ପ୍ରଣାମ )

କି ସମ୍ବାଦ ? ସର୍ଦ୍ଦାର !

ସର୍ଦ୍ଦାର—ଆଜ୍ଞା ! କଥାଟା ବଡ଼ ଭୟଙ୍କର ହୋଇ ଉଠିଥିଲା । କିନ୍ତୁ ଠିକ୍ ବେଳେ ଆପଣ ଲକ୍ଷ ଦିଅନ୍ତିଛନ୍ତି । ବିଧାତା ସାହା ହୋଇ ନ ଥିଲେ ଏ ଦୁର୍ଯୋଗ—ଏ ମହାପ୍ରଳୟରୁ ଆଉ ରକ୍ଷା ମିଳିଥାଆନ୍ତା !

ସୁରଥ—କଣ ହୋଇଥିଲା କି ? ପ୍ରଜାମାନେ କଅଣ ମେଳି କରିବାକୁ ତିଆରି ହୋଇଥିଲେ ?

—ରଘୁଅରକ୍ଷିତ—

ସର୍ଦ୍ଦାର—ଆଜ୍ଞା ! ମେଳି ବୋଲି ମେଳି, ଘରେ ଘରେ ନିଆଁ ଜଳୁଥିଲା । ଗୋଠ ମାଡ଼ିଲେ ଖଣ୍ଡିଆ ମାଡ଼ିଲା ପରି ଘରକଣର ମାଇପେ, ଛୁଆ ପିଲା ବି ଏ ମେଳିରେ ମାଡ଼ି ଯାଇଥିଲେ । ଭାଗ୍ୟକୁ ମୁଁ ଯାଇ ପହଞ୍ଚି-ଗଲି ସିନା ! ନଇଲେ ସେମାନେ ମହାରାଜାଙ୍କ ଗୁମୁଜକୁ ସେହିଦିନ ପରା ଯାଇ ଗୁହାରି କରିଥାଆନ୍ତେ ! ସବୁ ଗୁମର ପଦାରେ ପଡ଼ି-ଥାଆନ୍ତା । ଆଉ କଣ ବାକୀ ରହିଥାନ୍ତା !

ସୁରଥ—ବାଃ, ସର୍ଦ୍ଦାର ! ଧନ୍ୟ ତୁମ ସାହସ !

ସର୍ଦ୍ଦାର—ଆଜ୍ଞା ! ସେକଥା କଅଣ କହିବି ? ମତେ ଦେଖିଲା କ୍ଷଣି ପ୍ରଜା-ଗୁଡ଼ାକ ରୁଣ୍ଡ ହୋଇ ମୋ ଚାରିଆଡ଼େ ଘେରିଗଲେ—ଭାରି ଗୋଳ-ଗୋଳ କଲେ । ସେଗୁଡ଼ାଙ୍କର ଚାରିଦାଉଡ଼ିକଟା ଅବସ୍ଥା ଦେଖି, ପାଟି ତୁଣ୍ଡ ଗର୍ଜନ ଶୁଣି, ମୁଁ ବିଚାରିଲି ମୋ ସମାଧି ସେହିଠାରେ ହୋଇଯିବ ପରା ! ହେଲେ କଅଣ କହିବି ? ଆପଣଙ୍କ ବଳରେ ବଳୁଆ ଏ ଗୁହାର ଲୋକ ସେତେବେଳେ କପରି ଶହ ଶହ ଲୋକଙ୍କ ମେଳି ଭାଙ୍ଗିଦେଲା, ତା ଦେଖିଥିଲେ ଆପଣ କାବା ହୋଇଥାନ୍ତେ । ମୋର ସେହି ପ୍ରଚଣ୍ଡ ରୂପ ଦେଖି ପ୍ରଜାଗୁଡ଼ାକ ଏତେ ଦୂର ଡରି ଗଲେ ଯେ, ସମସ୍ତେ ପଳେଇ ଯାଇ ଯେଝା ଘରେ ଲୁଚିଲେ ।

ସୁରଥ—ବାଃ, ତା ପରେ !

ସର୍ଦ୍ଦାର—ତା ପରେ ସବୁଆଡ଼ ତୁନ୍‌ତାନ୍ । ଭୁଆ ବରାଡ଼ି ଡରରେ ଗାଈଆ ମୂଷାଗୁଡ଼ାକ ହେଲାଭଳି, କେହି ଆଉ ମୋ ପାଖକୁ ଆସିବାକୁ ସାହସ କଲେ ନାହିଁ ।

ସୁରଥ—ତେବେ କେହି କିଛି ତୁମ୍ଭଙ୍କୁ କହି ନାହାନ୍ତି ?

ସର୍ଦ୍ଦାର—ନାଁ, ଖାଲି କେତେ ଜଣ ମେଳିଆ ସରଦାର ଭିତରେ ଭିତରେ ପ୍ରଜାଙ୍କୁ ମତାଉଥିବା କଥା ମୋ କାନରେ ପଡ଼ିଲା ।

ସୁରଥ—ସେମାନଙ୍କର ଖୋଜଖବର ନେଇଥିଲ ?

—ରଘୁଅରକ୍ଷିତ—

ସର୍ଦ୍ଦାର—ଆଜ୍ଞା ! ମୁଁ କଅଣ ଆଉ କିଛି ଗୁଣ୍ଡିଛି । ଗୁଇନ୍ଦା ଜଗାଇ, ଭେଦୁଆ ପୂରେଇ ସେମାନଙ୍କ ମେଳମେଣ୍ଟ ଜାଗାରେ ପହଞ୍ଚିଗଲା ମାତ୍ରେ କିଏ କୁଆଡ଼େ ବାଇବଛି ହୋଇ ପଳେଇଲେ । ଦୁଇ ଜଣ ଧରା ପଡ଼ିଲେ, ବାନ୍ଧି ଆଣିଛି ।

( ସର୍ଦ୍ଦାର ଇସାରା ଦେବାରୁ ରଙ୍ଗିଆ ରକ୍ଷୁବନ୍ଧ ରଘୁନାଥର ଦୁଇ ଜଣ ବନ୍ଧୁଙ୍କୁ ପ୍ରବେଶ କରାଇଲା )

ସୁରଥ—ଏହିମାନେ ଷଡ଼ଯନ୍ତ୍ର କରୁଥିଲେ ?

ରଘୁର ବନ୍ଧୁ—ଆମେ ଷଡ଼ଯନ୍ତ୍ର କରି ନାହୁଁ । ଏ ସବୁ କଥା ମିଛ, ମନ ଗଢ଼ା କଥା ।

ରଙ୍ଗିଆ—ଆଜ୍ଞା ! ଏଇମାନେ ଘର ଘର ବୁଲି ପ୍ରଜାଗୁଡ଼ାଙ୍କୁ ମତାଉ-ଥିଲେ । ହଜୁରଙ୍କ ନାମରେ ମିଥ୍ୟା ଅପବାଦ ରଚନା କରୁଥିଲେ ।

ସୁରଥ—ସତେ ? ରଙ୍ଗିଆ ! ଏମାନଙ୍କୁ ନେଇଯାଅ । ଅନ୍ଧାରୁଆ, ଅମୁହାଁ ବନ୍ଦଖାନାରେ ଏମାଙ୍କ ହାତରେ ଗୋଡ଼ରେ ବେଡ଼ି ଦେଇ ପକାଇ ଦେଇଆସ । କେଉଁ ତାରିଖରେ ଶୂଳୀ ଦିଆଯିବ, ପରେ ଜଣାଇ ଦିଆଯିବ ।

ରଙ୍ଗିଆ—ହଜୁର !

( ପ୍ରଣାମ କରି ରଘୁନାଥର ବନ୍ଧୁମାନଙ୍କ ସହିତ ପ୍ରସ୍ଥାନ )

ସୁରଥ—ସର୍ଦ୍ଦାର ! ତୁମ କାର୍ଯ୍ୟରେ ମୁଁ ଭାରି ସନ୍ତୁଷ୍ଟ ହେଲି । ନିଅ, ତୁମ ପରିଶ୍ରମର ପୁରସ୍କାର । ( ଗଳାରୁ ଗୋଟିଏ ହାର କାଢ଼ି ପ୍ରଦାନ କଲେ )

ସର୍ଦ୍ଦାର—( ଗ୍ରହଣ କରି ) ଏ ପ୍ରାଣ ଆପଣଙ୍କ ଚରଣରେ ବିକା ।

( ପ୍ରଣାମ କରି ପ୍ରସ୍ଥାନ )

—ଦୃଶ୍ୟାନ୍ତର—

ସୁରଥ—ଯାଃ, ଏଥର ମୁଁ ନିଶ୍ଚିନ୍ତ । ହେଁ ! ! ସୁରଥର ଫେର ଭୟ ! ହାଃ ! ହାଃ ! ଯାହା ନାମ ଶୁଣିଲେ ଯମଦେବତା ବି ଭୟରେ ଥରହର, ସେ ଫେର୍ ଭୟ କରୁଥିଲା, ଗ୍ଡୁର କେତୋଟା ପ୍ରଜାଙ୍କୁ ! ଛି ! ଛି ! କି ଲଜ୍ଜା ! ଅନ୍ଧ ! ଅନ୍ଧ ! ଅପାତ୍ରରେ ପଡ଼ି ତୋର ପ୍ରଭା ମଳିନ ହୋଇ ଯାଇଥିଲା, ବର୍ତ୍ତମାନ ମଣିକାଞ୍ଚନ ସଂଯୋଗ ହେଲା । ହୃଦୟେଶ୍ୱରି ! ତୋର ଉପଯୁକ୍ତ ସିଂହାସନ ସିନା ଏହି ହୃଦୟ ! ପ୍ରାଣେଶ୍ୱରି ! ଓଃ ଆଉ କେତୋଟା ଦିନ ମାତ୍ର, ତାପରେ ଏହି ଗୃହ ତୋ ପଦଧୂଳିରେ ପବିତ୍ର ହେବ, ତୋ ଉପସ୍ଥିତିରେ ଇନ୍ଦ୍ର- ଭୁବନ ପରି ଶୋଭା ପାଇବ, ତୋ ରୂପଛଟାରେ ଆଲୋକମୟ ହୋଇ ଉଠିବ ।

(ପ୍ରହରୀର ପ୍ରବେଶ ଓ ପ୍ରଣାମ)

କି ସମ୍ବାଦ ?

ପ୍ରହରୀ—ଚନ୍ଦବାବୁ ହଜୁରଙ୍କ ସହିତ ଦେଖା କରିବାକୁ ଆସିଛନ୍ତି ?

ସୁରଥ—ଯାଅ, ଯାଅ, ଆଦର କରି ଘେନିଆସ । (ପ୍ରହରୀର ପ୍ରସ୍ଥାନ)

ବାଃ ! ଏ ଯେ ଅପୂର୍ବ ସୁଯୋଗ ! ଚନ୍ଦପାଣି ମୋ ପ୍ରଲୋଭନରେ ପଡ଼ି ମୋ ପ୍ରସ୍ତାବରେ ରାଜି ହୋଇଛି । (ଚନ୍ଦପାଣି ପ୍ରବେଶ କରି ଅଭିବାଦନ କରିବାକୁ ପ୍ରସ୍ତୁତ ) ନାଁ, ନାଁ, ମାନମର୍ଯ୍ୟାଦା ଆଡ଼- ମ୍ବରରେ ପ୍ରୟୋଜନ ନାହିଁ । କହ ବନ୍ଧୁ ! ସବୁ କଥା ଠିକ୍ଠାକ୍ ହୋଇଛି ତ ? ନା କିଛି ଆଉ ବାଧା ଅଛି ?

ଚନ୍ଦ—ବାଧା ! ଆପଣଙ୍କ କାର୍ଯ୍ୟରେ ବାଧା ! କାହା ଜିଭରେ ହାଡ଼ ହୋଇଛି ଯେ ସେ ଆପଣଙ୍କ କାମରେ ବାଧା ଦେବ ?

ସୁରଥ—ତୁମ ବାପା ସ୍ୱୀକୃତ ?

ଚନ୍ଦ—ତାଙ୍କ ସ୍ୱୀକୃତ ଆବଶ୍ୟକ ହୋଇ ନାହିଁ ।

ସୁରଥ—କିପରି ?

ଚନ୍ଦ—ବାପା ବର୍ତ୍ତମାନ ମୃତ୍ୟୁ-ଶଯ୍ୟାରେ ।

— ରଘୁଅରକ୍ଷିତ—

ସୁରଥ—ଆଉ ତୁମ ଭାଇ ?

ଚନ୍ଦ୍ର—ପ୍ରଥମେ ଆପତ୍ତି ଉଠାଉଥିଲେ; କିନ୍ତୁ ଆପଣଙ୍କ ଦୁର୍ଦ୍ଧର୍ଷ ପ୍ରତାପ କଥା ଚେତେଇ ଦେବାରୁ ମୋଉମାଙ୍କି ହୋଇ ରାଜି ହେଲେ ।

ସୁରଥ—ବେଶ୍, ଦେଖ ବନ୍ଧୁ, ଉତ୍ତରାଧିକାରୀ ଅଭାବରୁ ମହାଜନର ସମସ୍ତ ସମ୍ପତ୍ତି ରାଜଭଣ୍ଡାରକୁ ଯିବାର କଥା । କିନ୍ତୁ ମୁଁ ରାଜାଙ୍କର ଅନୁମତି ନେଇ ସେ ସମ୍ପତ୍ତି ତୁମ୍ଭଙ୍କୁ ଦେବାର ଯୋଗାଡ଼ କରିଛି । ସେତିକି ନୁହେ, ତୁମ୍ଭଙ୍କୁ ମାନ୍ତ୍ରୀ ପଦରେ ମଧ୍ୟ ନିଯୁକ୍ତ କରାଯିବାର ସ୍ଥିର ହୋଇଅଛି ।

ଚନ୍ଦ୍ର—ସବୁ ଆପଣଙ୍କ ଦୟା ।

(ଶୃଙ୍ଖଳାବଦ୍ଧ ରଘୁନାଥର ପ୍ରହରୀଦ୍ୱୟ ସହିତ ବୁଢ଼ୀଆର ପ୍ରବେଶ ଓ ପ୍ରଣାମ)

ସୁରଥ—ଏମାନେ କିଏ ?

ବୁଢ଼ୀଆ—ରଘୁର ଜଗୁଆଳି, ଏ ଦୁହେଁ ରଘୁକୁ ବଞ୍ଚାଇ ଥିଲେ ।

ଚନ୍ଦ୍ର—ସେତିକି ନୁହେଁ, ରଘୁକୁ ଆଶ୍ରୟ ଦେବାପାଇଁ ଆମ ଘରକୁ ପ୍ରାର୍ଥନା କରିବାକୁ ଯାଇଥିଲେ । ସୁଯୋଗକୁ ମୋ ହାତୁଡ଼େ ପଡ଼ିଗଲେ । ନଇଲେ ବାପା ଶୁଣିଥିଲେ ମହା ଅନର୍ଥ ହୋଇଆଆନ୍ତା । ମୁଁ ସେମାନଙ୍କୁ ଦୁଆରମୁହଁରୁ ଘଉଡ଼ି ଦେଲି । ଏମାନଙ୍କ ସାହସ କମ୍ ନୁହେ ।

ସୁରଥ—ଏତେଦୂର ? ମୋ କାର୍ଯ୍ୟରେ ବାଧା ଦେବାର, ମୋ ଆଦେଶ ଲଙ୍ଘନ କରିବାର ଚେଷ୍ଟା ! (ବୁଢ଼ୀଆକୁ ଲକ୍ଷ୍ୟ କରି) ନେଇ ଯାଅ, ଏମାନଙ୍କୁ ଜେଲଖାନାର ଅନ୍ଧାରୁଆ ବଖୁରୀରେ ବନ୍ଦୀ କରି ରଖି ଦେଇ ଆସ । ଆଉ ଶୁଣ—ଜେଲ ଜଗୁଆଳକୁ କହିଦବ, ଏମାନଙ୍କୁ ବନ୍ଦୀମାନଙ୍କ ଅଇଁଠାରୁ ମୁଠାଏ ମୁଠାଏ ଖାଇବାକୁ ଦବ । ତାହା ମଧ୍ୟ ସବୁଦିନ ନୁହେଁ, ଘରି ଦିନରେ ଥରେ ।

ଚନ୍ଦ୍ର—କି ପ୍ରହରି ! ଠିକ୍ ହୋଇଛି ତ ?

—ରଘୁଅରକ୍ଷିତ—

୧ମ ପ୍ରହରୀ—ଦଣ୍ଡଦାତାଙ୍କର ସେପରି ହୁକୁମ । ଆମେ ବନ୍ଧୁଜନରୁ ପ୍ରାଣକୁ ପାଣି ଛଡ଼ାଉଛୁ, ଆଉ ଆମକୁ କି ତରାଣ କରଉଛ ? ଚନ୍ଦ୍ର ବାବୁ !

ସୁରଥ—ନିର୍ଲ୍ଲଜର ସାହସ ତ କମ୍ ନୁହେଁ ?

୨ୟ ପ୍ରହରୀ—ସାହସ ନୁହେ—ଯାହାଙ୍କର ନିମକ୍ ଖାଉଛୁ ତାଙ୍କ ଲାଗି ସବୁ ଦୁଃଖ ମୁଣ୍ଡପାତି ସହିବାକୁ ସତ୍ୟ କରିଛୁ ।

ସୁରଥ—ବାଃ, ଖୁବ କର୍ତ୍ତବ୍ୟ ଜ୍ଞାନ, ବେଶ୍ ସମ୍ମାନୁଭୂତି ଅଛି ତ :

ଚନ୍ଦ୍ର—ଆଚ୍ଛା, ପ୍ରହରି ! ଅକାରଣେ ଏତେ ଦୁଃଖ ସହିବା ଅପେକ୍ଷା ତୁମ ପ୍ରଭୁଙ୍କୁ ଧରେଇ ଦେଇ ପାରିଲେ ତ ଅତି ସହଜରେ ଖଲାସ ପାଆନ୍ତ, ଆଉ ଖୁବ୍ ପୁରସ୍କାର ମଧ୍ୟ ପାଆନ୍ତ । ଜାଣି ଜାଣି ଏ ଦୁଃଖକୁ ଡାକି ଆଣୁଛ କାହିଁକି ?

୧ମ ପ୍ରହରୀ—ରଖ ତୁମର ପୁରସ୍କାର, ଚନ୍ଦ୍ରବାବୁ ! ଆମେ ନିର୍ଲ୍ଲଜ ନୋହୁ ଯେ ତୁମ ପୁରସ୍କାର ନେବାକୁ ହାତ ପତେଇବୁ ।

୨ୟ ପ୍ରହରୀ—ଧରମକୁ ବିଚାର କରି କଥା କହ, ଚନ୍ଦ୍ରବାବୁ ! ଏଡ଼େ ବଡ଼ ଅଧର୍ମ ପୃଥିବୀ ସହିବ ନାହିଁ ।

ସୁରଥ—ଚୁପ୍ କର ନରାଧମ ! ଏ ତୋ ମୃତ ପ୍ରଭୁର ଗୃହ ନୁହେଁ । ମନେ ରଖ, ଏ ତୋ ପ୍ରଭୁହନ୍ତାର ଗୃହ ।

୧ମ ପ୍ରହରୀ—ମୋ ପ୍ରଭୁ ମୃତ ନୁହନ୍ତି—ଦେବତା । ମୃତ କିଏ ଥରେ ମନରେ କରନ୍ତୁ ।

ସୁରଥ—ଆରେ ଏଗୁଡ଼ାଙ୍କର ମୁହଁ ତ ଖୁବ ବଢ଼ିଯାଉଛି !

ଚନ୍ଦ୍ର—ଉପଯୁକ୍ତ ପ୍ରଭୁର ଉପଯୁକ୍ତ ଭୃତ୍ୟ କି ନା ! ଗୁରୁ ଦାଉଡ଼ିକଠାଁ ମୁହଁରେ ବାଡ଼ ଥାଏ ନା ବତା ଥାଏ ? ଶ୍ରେଷ୍ଠ ମୁହଁରେ ବଡ଼ କଥା ଆସିବ କୁଆଡ଼ୁ ?

୨ୟ ପ୍ରହରୀ—କିଏ ଶ୍ରେଷ୍ଠ ? ଆମେ ନା ଆପଣ ? ଚନ୍ଦ୍ରବାବୁ !

ସୁରଥ—ବୁଧିଆ, ନେଇ ଯା ଏ କୁକୁର ଦିଟାଙ୍କୁ—

ବୁଧିଆ—ଆଜ୍ଞା ! (ପ୍ରହରୀ ଦୁହିଁଙ୍କ ସହିତ ପ୍ରସ୍ଥାନ

—ରଘୁଅରକ୍ଷିତ—

ସୁରଥ—ଆସ ବନ୍ଧୁ ! ଭିତରକୁ ଯିବା, କେତେକ ଗୋପନ ପରାମର୍ଶ ଅଛି ।

(ଉଭୟଙ୍କର ପ୍ରସ୍ଥାନ)

---

## ଷଷ୍ଠମ ଦୃଶ୍ୟ

ପୂର୍ବୋକ୍ତ ଗୃହସ୍ଥ ଗୃହର ପଶ୍ଚାତ୍ ଭାଗ

[କର୍ମକ୍ଳାନ୍ତ ରଘୁନାଥର ପ୍ରବେଶ]

ରଘୁ—ଓଃ ! କାମ କରି କରି ମୋର ହାଡରସା ବୋହିଲାଣି । ସକାଳୁ ଆସି ବେଳ ବୁଡ଼ିବାକୁ ବସିଲା,ତେବେ ବି ଗଣ୍ଡେ ଅଇଁଠା ଗିଳିବାକୁ ମିଳିଲା ନାହିଁ । ରାତି ନ ଶୋଇ, ଦିହପା କୁ ନ ଚାହିଁ, ମନପ୍ରାଣ ଲଗେଇ ଯେତେ ସେବା କଲି ଟିକିଏ ହେଲେ ମନକୁ ପାଆନ୍ତା ! ହାଇରେ କପାଳ ! ଏତିକରେ ଦୁଃଖ ଯାଉନାହିଁ । ସାଆନ୍ତାଣୀଙ୍କର କଥାଗୁଡ଼ିକ ବାଟୁଳି ପରି ଠାଇଁ ଠାଇଁ ଦେହରେ ଗଳିଯାଉଚି । ଆହା ! ଗୋକର ଜୀବନ କି ହୀନ ଜୀବନ ! ଓଃ ଅଣ୍ଟା ପିଠି ଲାଗି ଗଲାଣି ! ପେଟରୁ ନିଆଁ ହୁଳା ବାହାରିଲାଣି ! (ଭୟରେ ଚାରିଆଡ଼କୁ ଚାହିଁ) ଏହିଠାରେ ଦଣ୍ଡେ ପଡ଼ିଯାଇ ଥକ୍କା ମେଣ୍ଟାଏ ।

[ ଭୂମି ଉପରେ ଶୟନ ]

( କ୍ରୋଧରେ ଗୃହସ୍ଥ ପତ୍ନୀଙ୍କର ପ୍ରବେଶ )

ଗୃ: ପତ୍ନୀ—କାହିଁ ଗଲା ସେ ବାଡ଼ିପଡ଼ା, ଗଛକଲା, ସତ୍ୟାନାଶିଆ, ଗୋଲାମ ଟୋକା ! ! ତାକୁ କହିଲି ପିଲାଗୁଡ଼ାଙ୍କର ଗୁହ ମୂତକନା ଧୋଇଆଣି ଶୁଖାଇ ଦବାକୁ, ସେ କଥାକୁ ଗାଲେଇ ଦେଇ ଏତେବେଳଯାଏ ଗଲା କୁଆଡ଼େ ? ଆସୁ, ଆଜ ମତେ ଭଲ କରି ଚହ୍ନିବ ସେ ! ରହ ରହରେ

ଛତରା ଟୋକା ! ସାଆନ୍ତଙ୍କ ମୁହଁ ପାଇ କମିଛ ତୋର ମଗରାପଣ ବଢ଼ୁଛି ଆଜ ଦେଖିବ ! ( ଅଳ୍ପ ଅଗ୍ରସର ହୋଇ ରଘୁକୁ ଦେଖି ) ହେଇଟି ! ଗାତପଶା ଏଇଠି ପହଞ୍ଚ ବିଳେ କରିଛୁ ! ଭୁଞ୍ଜା ଦାନଯାକ ଶୋଇବାକୁ ସ୍ୱାଙ୍କୁ ହାଣ୍ଡିଏ ହାଣ୍ଡିଏ ଭାତ ଗିଳିବାକୁ ଦେବ । (ନିକଟକୁ ଯାଇ ରଘୁ ଦେହରେ ଗୋଇଠା ପ୍ରହାର କରି ) ଆରେ ହେ ହେଡ଼ାଖିଆ ! ଚୁଲିପଶା ! ଉଠୁ ଛୁ ନା ଦେଖିବୁ ଫେର !

ରଘୁ— (ଉଠି) ମା ! ଏପରି କଟୁକଥା କହନ୍ତୁ ନାହିଁ ।

ଗୃ: ପତ୍ନୀ—ନାଇଁ ସ୍ୱାଙ୍କୁ ଫୁଲଚନ୍ଦନ ଦେଇ ଖଟୁଲୀରେ ବସାଇ ପୂଜା କରିବି ନାଁ !

ରଘୁ—ଶୁଣନ୍ତୁ ମା ! କାମ କରି କରି ହାଲିଆ ହୋଇ ଟିକିଏ ଥକ୍କା ମେଣ୍ଟାଉଥିଲି । ଶୋଇ ନାହିଁ, ମା ! ଯାଉଛି ସୁନ୍ଦରୀ ।

ଗୃ: ପତ୍ନୀ—ଯାଉଛୁ ! କାହାର ସେଠି କରୁଛୁ କି ? ହଜ କାମ କରିବୁ, ଗିଳିବୁ । ତୋ ପିଛା ମୋର ମୁଠା ମୁଠା ପଇସା ଖର୍ଚ୍ଚ, କଅଣ ଜାଣି ନାହୁଁ କି ? ଭେଣ୍ଡାଟାଏ ତୋର ଥକ୍କା କଅଣ ରେ ? ଅଳସ କଅଣରେ ? ଗୋଟେ ବାହାନା କାଢ଼ୁଛୁ, ନାଁ ?

ରଘୁ—ନାହିଁ ମା ! ଜ୍ୱର କଷ୍ଟ ହଉଛି । ମୋତେ ଜ୍ୱର ବାଧୁଛି ।

ଗୃ: ପତ୍ନୀ—ସୁକୁମାର ଅଙ୍ଗକୁ ଯେବେ ବାଧୁଛି ତେବେ ଅଭି ମୋ ଘରୁ ନିକାଲ !

ରଘୁ—ମା !

ଗୃ: ପତ୍ନୀ—ଯା, ବାହାର ମୋ ଘରୁ । ତୋ ମୁହଁ ଗୁହଁ କରି ନାହିଁ ।

ରଘୁ—ହଉ ମା ! ଯେବେ ତଡ଼ିଦବାକୁ ଇଚ୍ଛା—ଯେବେ କାମରେ ଆପଣଙ୍କୁ ଖୁସି କରାଇ ପାରିଲି ନାହିଁ, ତେବେ ଆଉ କାହିଁକି ମତେ ପୋଷିବେ । ଯାଉଛି ମା ! ମୋର ପ୍ରଣାମ ନେବନ୍ତୁ ।

( ପ୍ରଣାମ କରି ପ୍ରସ୍ଥାନ )

—ରଘୁଅରକ୍ଷିତ—

ଗୃ: ପତ୍ନୀ—କଅଣ କରିବ ? ଟୋକାଟା ତ ପଳେଇଗଲା । ସେ ତ ଇଲାଗେ ଘରକୁ ଆସି ମୋ ଉପରେ ତାନ ଛୁଣ୍ଡାଇବେ । ଆସନ୍ତୁ, ଆଜି ଭଲକରି ଦ'ପଦ ଶୁଣାଇ ଦେବି । କୋଉଁଠୁ ଛତରଖିଆ କୋଢ଼ିଆଟେ ଆଣି, ଭଲ ଗୃହକରଟିଏ ବୋଲି ଭଣ୍ଡେଇ ଦେଇ ଲୁହରେ ତେଲକନା ପକାଇ ନିଶ୍ଚିନ୍ତରେ ବସିଛନ୍ତି । ଯାଏଁ, ଏବେ, ସେ ହାତରେ ପାଇଟି କରିବାକୁ ପଡ଼ିଲା ! (ପ୍ରସ୍ଥାନ)

---

## ଷଷ୍ଠ ଦୃଶ୍ୟ

### ପ୍ରାନ୍ତର ପଥ

[ଚିନ୍ତାଗ୍ରସ୍ତ ବିଷଣ୍ଣ ରଘୁନାଥର ଧୀରେ ଧୀରେ ପ୍ରବେଶ]

ରଘୁ—କଅଣ କରିବ ? କୁଆଡେ ଯିବ ? କେଉଁଠାରେ ଆଶ୍ରୟ ନେବ ? ଆହା ! ମୁଁ ଥିଲି କଅଣ, ଆଜି ଭାଗ୍ୟ ମୋତେ କରିଛି କଅଣ ! ପିତା-ମାତା, ଧନଜନ, ଯାନବାହନ, ଦାସଦାସୀରେ ଘର ମୋର ପୂର ହଉଥିଲା । ରାତି ପାହିଲେ ଶହ ଶହ ଭିକାରୀ ଆସି ମୋ ଦୁଆରେ ଜମା ହଉଥିଲେ । ଏହି ହାତରେ କେତେ ଅନ୍ନବସ୍ତ୍ର ଦାନ କରିଛି, ଆଉ ଆଜି—ଆହା ! ମୋର ସେ ଧନ, ସେ ସୁଖ କୁଆଡେ ଉଭେଇ ଗଲା ! ପଥର ଭିକାରୀ ହୋଇ ଦୁଆରେ ଦୁଆରେ ବୁଲିଲି । ପେଟବିକଳରେ ପାଜି ଅପାତ୍ର ବଗୁର ନ କରି ନମସ୍କଙ୍କୁ ହାତ ପତେଇଲି । ତେବେ ବି ମୋ ଦୁଃଖ ଗଲା ନାହିଁ ! ମୋ ଧନ ସରିଲା ନାହିଁ ! ଧିକ୍କାର ଶୁଣି ଶୁଣି ଏ କର୍ଣ୍ଣ ବଧିର ହୋଇ ଗଲାଣି । ମୁଠାଏ ଖାଇବାକୁ ନ ପାଇ ବୁଲି ବୁଲି ଦେହ ହାତ ଅବଶ ହୋଇ ଗଲାଣି । ଏତେ ଦୁଃଖ ସହି ଏ ଜୀବନଧାରଣ କରିବି

କାହିଁକି ? କାହା ଲାଗି ? କି ଆଶାରେ ? କିଏ ବା ମୋର ଅଛି ? ହଁ, ଅଛି, ଏକମାତ୍ର ଅନ୍ନ, କିନ୍ତୁ ଆଉ ଅନ୍ନକୁ ପାଇବି କାହିଁ ? କିଏ ଦେବ ? ଅନ୍ନ ଯେ ପରାଧୀନା । ତା ନ ହୋଇଥିଲେ ମୁଁ କଅଣ ଏପରି ବାରବୁଆର ଶୁଣ୍ଢି ପିଣ୍ଡା ହୋଇଥାନ୍ତି ? ହାୟ କପାଳ ! ମୋର ଅନ୍ନ —ମୋର ଜୀବନର ଚିରସଙ୍ଗିନୀ ଅନ୍ନ—ଆଜି ମୋର ନୁହେଁ ! ହଁ କାହିଁକି ହବ ? ମୁଁ କି ଅନ୍ନର ଯୋଗ୍ୟ ! ସେ ରାଣୀ—ମୁଁ ପଥର ଭିକାରୀ ।

[ଏହି ସମୟରେ ଅଦୂରରେ ପୂର୍ବପରିଚିତ ଭିକାରୀ ଗୀତ ଗାଇ ଗାଇ ଚାଲି-ଯାଉଥିବାର ଦେଖି ରଘୁନାଥ କ୍ଷଣକାଳ ଉତ୍କର୍ଣ୍ଣ ଓ ଉଦ୍‌ଗ୍ରୀବ ହୋଇ ଚାହିଁ ରହିଲେ]

ଗୀତ

ବଡ଼ ଜଟିଳ ଭାଇ ! ଦୁନିଆ ରୀତି
କ୍ଷଣ କ୍ଷଣକେ ଆନ ନାହିଁ ପ୍ରତୀତି । ଘୋଷା ।
ମାୟାଚ୍ଛନ୍ନ ଏ ସଂସାର ସ୍ୱାର୍ଥ କରେ ହରବର
ଲୋଭ ମୋହ ହିଂସା ଆଦି ଗଳାରେ ଦିଅନ୍ତି କାତି । ୧ ।
ପିତା ମାତା ସୁତ ଜାୟା ଧନ ଜନ ସବୁ ମାୟା
ଜାୟା ଭ୍ରମେ ଘେରେ ଛାୟା, କୁହୁକେ ଭୁଲାଏ ମତି । ୨ ।
ମିଛ ମାନ ଅପମାନ କର୍ମଫଳେ ବଳ ସାନ
ଆଜି ଯେ ରାଜେନ୍ଦ୍ରାସନେ କାଲି ତାର ଭିକ୍ଷାବୃତ୍ତି । ୩ ।
ସ୍ୱାର୍ଥେ ଦେଇ ଜଳାଞ୍ଜଳି ହରି ହରି ମୁଖେ ବୋଲି
ଆସ ପ୍ରେମେ ବାହୁ ତୋଳି, ଲଭିବୁ ପରମ ଗତି । ୪ ।

(ରଘୁନାଥ ଆଉ ସମ୍ଭାଳି ପାରିଲେ ନାହିଁ । ତାହାଙ୍କ ମନରେ ପୂର୍ବସ୍ମୃତି ଜାଗ୍ରତ ହେବାରୁ ସେ ଅର୍ଦ୍ଧୋଚ୍ଚାରିତ କଣ୍ଠରେ ଭିକାରୀକୁ ଡାକିଲେ । ଭିକାରୀ ପ୍ରବିଷ୍ଟ ହେବାରୁ କି ଏକ ଅସହ୍ୟ ଯନ୍ତ୍ରଣା ଅନୁଭବ କରି ତାହାର ପାଦତଳେ ପଡ଼ି କହିଲେ )

ରଘୁ—ଭାଇ ! ଭାଇ !

—ରଘୁଅରକ୍ଷିତ—

ଷଷ୍ଠ ଦୃଶ୍ୟ

ଭିକାରୀ—ହାଁ, ହାଁ, ଏ କଅଣ ? କିଏ ତୁ

ରଘୁ—କ୍ଷମାକର ଭାଇ !

ଭିକାରୀ—କ୍ଷମା ! କିଏ ଭିକାରୀ କ୍ଷମା କରିବ ? ପାଗଳ ହେଲେ ନା କଅଣ ?

ରଘୁ—ନା ଭାଇ ! ତୁମେ ଭିକାରୀ ନୁହଁ । ମୋର ଗୁରୁ, ମୋର ଜ୍ଞାନଦାତା ।

ଭିକାରୀ—ତୁମେ ମହା ଭ୍ରମରେ ପଡ଼ିଛ । ହୁଏ ତ ମତେ ଅନ୍ୟ କେହି ବୋଲି ଠଉରେଇଛ । ଉଠ ବାବା ! ଆଉ ଗୋଡ଼ ତଳ୍ଟାରେ ପଡ଼ି ରହି ମତେ ଅପରାଧୀ କର ନାହିଁ ।

ରଘୁ—ଅପରାଧୀ ମୁଁ । ମତେ କ୍ଷମା ନ କଲେ ମୁଁ ଉଠିବି ନାହିଁ ।

ଭିକାରୀ—ମୁଁ ଜାଣିବାରେ ତୁମେ ତ ମୋଠାରେ କିଛି ଅପରାଧ କରି ନାହଁ ! ଆଉ କ୍ଷମା ଦେବି କଅଣ ?

ରଘୁ—ମୋ ଅପରାଧ ମୁଁ ଜାଣେ । ଆଉ ଭୁଲାଅ ନାହିଁ, ଭାଇ ! କ୍ଷମାକର ।

ଭିକାରୀ—ହଉ, ଉଠ ବାବା । [ରଘୁକୁ ଉଠାଇବା ଓ ରଘୁ ଉଠିବା ] କିଏ ତୁମେ ବାବା ?

ରଘୁ—କିଏ ? କି ପରିଚୟ ଦେବି ?

ଭିକାରୀ—ତୁମକୁ ତ କେଉଁଠାରେ ଦେଖିଲା ପରି ଲାଗୁଛି ?

ରଘୁ—ସେସବୁ କଥା ଭୁଲିଯାଅ, ଭାଇ !

ଭିକାରୀ—ତୁମେ ତ ବଡ ଘରର ପୁଅ ପରି ଦିଶୁଛ । ତୁମ ଘର କେଉଁଠି ? ତୁମର ଏପରି ହୀନ ଅବସ୍ଥା କିଆଁ ହୋଇଛି ?

ରଘୁ—(କପାଳରେ ହାତ ମାରି) କପାଳ ! ପୋଡ଼ା କପାଳ !

ଭିକାରୀ—ହଁ, ବାବା ! କପାଳ ସବୁ କରେ । କେତେବେଳେ ଅମୀର କରେ, ପୁଣି କେତେବେଳେ ଫକୀର କରେ । କେତେବେଳେ ହସାଏ, ପୁଣି କେତେ ବେଳେ କନ୍ଦାଏ । ବିଧାତାର କରଣୀ କିଏ ବୁଝିପାରିବ

ବାବା ! କହ ବାବା ! ଏ ଘରର ଭିକାରୀଟାର ଗୋଡତଳେ କାହିଁକି ପଡ଼ିଲ ?

ରଘୁ—ମନେ ପଡ଼ୁଛି ଭାଇ ! ଦିନେ ତୁମକୁ କେତେ ଅପମାନ ଦେଇ, କେତେ କୁକଥା କହି, ପ୍ରହରୀଦ୍ୱାରା ମାଡ଼ ମରାଇ ତଡ଼ି ଦେଇଥିଲି । ସେତେବେଳେ ଧନମଦରେ ମାତି, ନ୍ୟାୟ ଅନ୍ୟାୟ ବିଚାର ନ କରି, ଭଲ ମନ୍ଦ ନ ବୁଝି ବିବେକଶକ୍ତି ହରେଇଥିଲି । ଆଜି ତାର ଫଳ ଭୋଗୁଛି ।

ଭିକାରୀ—ମତେ ମାଡ଼ ମାରିଥିଲ ? ଗାଳି ଦେଇଥିଲ ? ତଡ଼ି ଦେଇଥିଲ ବୋଲି ଦୁଃଖ କରୁଛ ? ମାଡ଼ ଖାଇବା, ତଡ଼ା ପାଇବା, ଗାଳି ଶୁଣିବା ତ ଆମର ଚନ୍ଦନ । ଭିକାରୀର ମାନ ଅପମାନ କଅଣ, ବାବା ! ମାନ ଅପମାନକୁ ଧରି ବସିଲେ ଭିକାରୀ କଅଣ ଏ ଦୁନିଆରେ କ୍ଷଣେ ଚଳିପାରିବ ?

ରଘୁ—ହଁ ଭାଇ ! ସେସବୁ ଏବେ ଅଙ୍ଗରେ ଲାଗୁଛି । କିନ୍ତୁ ଭାଇ ! ସେତେବେଳେ ଧନ ମୋତେ ଅନ୍ଧ କରି ଦେଇଥିଲା ।

ଭିକାରୀ—ହଁ, ଧନ ମନୁଷ୍ୟକୁ ଅନ୍ଧ କରି ଦିଏ । ଧନୀ ଯେବେ ଦୁଃଖୀର କଥା ଭାବନ୍ତେ, ତେବେ ଦୁନିଆଟା ଘରା ସ୍ୱର୍ଗ ପାଲଟି ଯାଆନ୍ତା ।

ରଘୁ—ଭାଇ ! ଧନ ମନୁଷ୍ୟକୁ କିପରି ଅମନୁଷ୍ୟ କରି ପକାଏ, ତାହା ଏବେ ଦିନେ ବୁଝୁଛି । ଆଚ୍ଛା ଭାଇ ! ଗୋଟିଏ କଥା ପଚାରିବି, ଦୟା କରି କହି ପାରିବ କି ?

ଭିକାରୀ—ପଚାର, ଜାଣିଥିଲେ କହିବି ନାହିଁ କାହିଁକି ?

ରଘୁ—କହ ଭାଇ ! ତୁମେ ଭିକାରୀ ହୋଇ, ଖାଇବାକୁ ନ ପାଇ, ଦୁଃଖ କଷ୍ଟ ସବୁ ଭୁଲି ଆନନ୍ଦରେ ଗୀତ ଗାଇ ବୁଲୁଛ କିପରି ?

ଭିକାରୀ—ମନରେ ଦୁଃଖ କଷ୍ଟ କରି ଲାଭ କଅଣ ? ଭଗବାନ ଯେତେବେଳେ ଜନ୍ମ ଦେଇଛନ୍ତି ସେ କଅଣ କେଉଁଠି ହେଲେ ଦାନା ଯୁଟେଇ

ଖଞ୍ଜି ଦେଇ ନାହାନ୍ତି ? ତାଙ୍କ ରାଜ୍ୟରେ କାହା ପେଟ ଅପୋଷା ରହୁଛି ଭଲା !

ରଘୁ—ବାଃ, ଭାଇ ! ଭିକାରୀ ହୋଇ ସୁଦ୍ଧା କେତେ ସୁଖୀ ତୁମେ ?

ଭିକାରୀ—ସୁଖ କାହୁଁ ପାଇବ ? ସୁଖ ଏ ଦୁନିଆରେ କାହିଁ ? ତୁମେ ଯେତେ ଧନୀ, ମାନୀ, ରାଜା, ମହାରାଜା ଦେଖୁଛ, ମନେ କରୁଛ ଧନ ମାନ ଅଛି ବୋଲି ଏମାନେ ସୁଖୀ ? କେଭେ ନୁହେ ବାବା ! କେଭେ ନୁହେ । ଆମ ଅପେକ୍ଷା ସେମାନେ ଆହୁରି ଦୁଃଖୀ । ଯାହାର ବିଷୟ ଜଞ୍ଜାଳ ଯେତିକି ବେଶି ସେ ସେତିକି ଦୁଃଖୀ ।

ରଘୁ—ତେବେ ଏ ସଂସାରରେ ସୁଖୀ କିଏ ?

ଭିକାରୀ—ଯେ ସଂସାରର ମାୟା ଛିଣ୍ଡାଇ, ଦୀନବନ୍ଧୁ ଭଗବାନଙ୍କଠାରେ ଲୟ ରଖି ତାଙ୍କ ଚିନ୍ତାରେ ପାଗଳ ।

ରଘୁ—କିନ୍ତୁ ପେଟ ନ ପୂରିଲେ ସେ ଚିନ୍ତା ଆସିବ କାହୁଁ ?

ଭିକାରୀ—ସେ ଚିନ୍ତା ହୃଦୟରେ ପଶିଲେ, ସେ ପ୍ରେମବାରି ପାନ କଲେ, ଭୋକ ଶୋଷ ଆପେ ଆପେ ଉଭେଇ ଯାଏ । ଯେ ମନପ୍ରାଣ ଲଗେଇ ନୀଳାଚଳବିହାରୀଙ୍କୁ ଡାକୁଛି—ନୀଳାଚଳବିହାରୀ ଯାହାର ସହାୟ—ତାର ସଂସାରରେ ଅଭାବ କଅଣ ? ଥରେ ପ୍ରାଣ ଭରି ସେହି ନୀଳାଚଳବିହାରୀଙ୍କୁ ଡାକ, ବୁଝିବ ।

ରଘୁ—ଡାକିବି ମୁଁ ? କଅଣ ଗୁଡ଼ାଏ କହୁଛ ଭାଇ ! ନୀଳାଚଳବିହାରୀ ମୋ ଭଳି ଲୋକର ଡାକ ଶୁଣିବାକୁ ଠିବେ କାହିଁକି ?

ଭିକାରୀ—କାହିଁକି ନ ଶୁଣିବେ ? ଅସହାୟର ସହାୟ ସେ, ଅନାଥର ନାଥ ସେ, ଅଗତିର ଗତି ସେ, ଅନ୍ଧର ଚକ୍ଷୁ ସେ, ନିର୍ଦ୍ଧନର ଧନ ସେ, ଭିକାରୀର କୋଟିନିଧି ସେ—

ରଘୁ—ହଁତେ ! ଏତେ ବଡ଼ ପ୍ରଭୁ ସେ ?

— ରଘୁଅରକ୍ଷିତ—

ଭିକାରୀ—ତାଙ୍କଠାରୁ ବଳି ଏ ସଂସାରରେ ଆଉ ବଡ଼ କିଏ ? ସେ ଯେ ଜଗତର ପ୍ରଭୁ ।

ରଘୁ—ହାୟ ! ମୁଁ ଯେ ବଡ଼ ଅଧମ । ଧନେ ହେଲେ ଏଡ଼େ ବଡ଼ ପ୍ରଭୁଙ୍କୁ ନ ଡାକି କେବଳ ନିଜର ସୁଖଚିନ୍ତାରେ ଏତେ କାଳ କଟାଇ ଦେଲି ! କହ ଭାଇ ! କିପରି ଡାକିଲେ ନୀଳାଚଳବିହାରୀ ଗରିବ ଡାକ ଶୁଣନ୍ତି ?

ଭିକାରୀ—ଯେତେବେଳେ—ଯେଉଁ ସ୍ଥାନରେ ଇଚ୍ଛା । ତାଙ୍କପାଖରେ ବେଳ ଅବେଳ, ସ୍ଥାନ ଅସ୍ଥାନ, ସାନ ବଡ଼ ଭେଦ ନାହିଁ । ସମସ୍ତେ ତାଙ୍କର, ସେ ସମସ୍ତଙ୍କର । କେବଳ ପ୍ରାଣଭରି ଡାକି ପାରିଲେ ହେଲା ।

ରଘୁ—( କରଯୋଡ଼ି ଭାବାବେଶେ ଅର୍ଦ୍ଧସ୍ୱଗତ ) ନୀଳାଚଳବିହାରୀ ହରି ! ତୁମ ବାହୁଛାୟା ତଳେ ଏ ଅଧମକୁ ଆଶ୍ରୟଦାନ କରିବ ନାହିଁ ? ପ୍ରଭୁ ! (ପ୍ରକାଶ୍ୟେ) ଆଉ ଏଣିକି ପୂର୍ବ ବିଭବ, ପୂର୍ବ ସୁଖ, ସୁରଥର ଅତ୍ୟାଚାର କିଛି ଭାବିବି ନାହିଁ—ସବୁ ପାଶୋରି ପକାଇ—

ଭିକାରୀ—ସୁରଥର ଅତ୍ୟାଚାର ! ସେ କେଉଁ ସୁରଥ ? ପଦ୍ମପୁର ମନ୍ତ୍ରୀଙ୍କ ପୁଅ ସୁରଥ ? ତେବେ ତୁମେ କଅଣ ମହାଜନ ପୁଅ ରଘୁନାଥ ବାବୁ ? ଓହୋ ! !

ରଘୁ—ନାଃ, ଆଉ ସେ କଥାରେ କଅଣ ଅଛି ଭାଇ ! ନୀଳାଚଳବିହାରୀ ହରି ମୋର ସବୁ ।

ଭିକାରୀ—ନାଁ, ନାଁ, ଆସ ତୁମେ, ମୋ କୁଡ଼ିଆରେ ରହି ସେହି ନୀଳାଚଳ-ବିହାରୀଙ୍କୁ ଡାକିବ । ସୁରଥ ଭୟରେ ସାରା ପଦ୍ମପୁର ତୁମକୁ ଆଶ୍ରା ଦେଇ ନାହିଁ ସତ, ହେଲେ ଏହି ଭିକାରୀର କୁଡ଼ିଆରେ ତୁମ ପାଇଁ ଥାନ ଅଛି ।

—ରଘୁଅରକ୍ଷିତ—

ରଘ—ଭାଇ ! ଭାଇ ! ମହାଶିକ୍ଷା ଦେଇ ମତେ କୃତାର୍ଥ କରିଛ ଭାଇ ! ଆଉ କାହିଁକି ? ଯେ ନୀଳାଚଳବିହାରୀଙ୍କ ପଦତଳେ ଆଶ୍ରୟ ନେଲାଣି ତାକୁ ଆଉ ମାୟା ଜଞ୍ଜାଳରେ ପକାଅ ନାହିଁ, ଭାଇ ! ମୋର ପ୍ରଣାମ ଗ୍ରହଣ କର । ( ପଦତଳେ ପ୍ରଣାମ କରି, ଉଠି କରଯୋଡ଼ି, ଭାବାବେଶେ ) ନୀଳାଚଳବିହାରୀ ହରି ! !

(ଅଦୂରେ କ୍ଷୀଣ ବଂଶୀଧ୍ୱନି ଶ୍ରୁତ ହେଲା—ରଘୁନାଥ ସେହି ଧ୍ୱନି ଅନୁସରଣ କରି ଧୀରେ ଧୀରେ ପ୍ରସ୍ଥାନ କରୁଥିବା ବେଳେ)

## ଯବନିକା ପତନ

— ରଘୁଅରକ୍ଷିତ—

# ତୃତୀୟ ଅଙ୍କ

ଗଙ୍ଗାଧର ଗୃହର କକ୍ଷ

[ ବାତାୟନ ନିକଟରେ ଉପବିଷ୍ଟା ଅନ୍ନପୂର୍ଣ୍ଣାର ଗୀତ ]

ଗୀତ

କିଏ କହିଦେବ ସେ ପୁର ବାରତା ପ୍ରାଣେ ଢାଳିଦେବ ସାନ୍ତ୍ୱନା,
ସେ ପାର ଏ ପାର ଅଛେ କେତେ ଦୂର କିଏ କରିଦେବ କଳନା ?
ସେ ପୁରେ ଏ ପୁରେ ନାହିଁ କି ସମ୍ବନ୍ଧ,
ତୁଟାଇ ଦିଏ କି ସବୁ ମୃତ୍ୟୁବନ୍ଧ ?
କେତେ ସ୍ନେହ କେତେ ଆଦର ମମତା କ୍ଷଣକେ ହୁଏ କି ଅଜଣା ? । ୧

ବିଚିତ୍ର ଏ ସୃଷ୍ଟି ବିଚିତ୍ର ବିଧାନ
ଆହୁରି ବିଚିତ୍ର ଜନମ ମରଣ,
କାହୁଁ ଆସି କାହିଁ ଯାଏ ଏ ପରାଣ ଧନ୍ୟ ବିଧି ତୋର ରଚନା । ୨ ।

( ଗୀତ ଗାଇ ଗାଇ ପିତୃସ୍ମୃତି ଜାଗ୍ରତ ହେବାରୁ ଅନ୍ନପୂର୍ଣ୍ଣାଙ୍କର ଚକ୍ଷୁ ଦୁଇଟି ଲୋତକରେ ପୂର୍ଣ୍ଣ ହୋଇଗଲା, ସେ ଆଉ ଗାଇ ପାରିଲେ ନାହିଁ ।)

( ପଣତରେ ଲୁହ ପୋଛି ) ବାପା ! ବାପା ! ମତେ କାହା ପାଖରେ ଛାଡ଼ି ଦେଇଗଲ ? ବାପା ! ମୋ କଥା ଆଉ କିଏ ବୁଝିବ ? ନ ଖାଇଥିଲେ ପାଖରେ ବସେଇ, ଆଦର କରି କିଏ ମତେ

ଖୁଆଇବ ? ମୋ ମନରେ ଦୁଃଖ ହେଲେ କିଏ ମନଭୁଲାଣିଆ କଥା କହି ମୋ ମନ ଭୁଲେଇବ ? ଓଃ ! କଣ କରିବି ? ବାପା ଗଲାଦିନୁଁ ମତେ ଏ ଘର କାହିଁକି ଜମାରୁ ସୁଖ ଲାଗୁ ନାହିଁ । ସବୁଆଡ଼ ଶୂନ୍ୟ ବୋଧ ହେଉଛି ! ( କିଛି କ୍ଷଣ ପରେ) ବାପା ସେ ଦିନ ଭାଇଙ୍କୁ କଅଣ ତୁନି ତୁନି କହିଗଲେ କିଛି ତ ବୁଝିପାରିଲି ନାହିଁ । ମତେ କଅଣ କହିବେ କହିବେ ବୋଲି ହେଲେ, କହିପାରିଲେ ନାହିଁ । ସେହି-ଦିନୁ ମନ ଭିତରେ ଗୋଟିଏ ଛନକା ପଶି ଯାଇଛି । ଏ ଘରର ସମସ୍ତଙ୍କ ଢଙ୍ଗଢାଙ୍ଗ ଦେଖି ଜାଣି ହେଉଛି, ମତେ କଅଣ ଗୋଟାଏ କଥା ନିଶ୍ଚୟ ଲୁଚେଇଛନ୍ତି । ବାପା ତ ଗଲେ, ମତେ ଆଉ କହିବ କିଏ ? ( ଲୁହ ପୋଛି ) ମତେ କେହି ନାହାନ୍ତି କାହିଁକି ? ମୁଁ କଅଣ ଅଣବିଶ୍ୱାସୀ ! ମୁଁ କଅଣ ଏ ଘରର କେହି ନୁହେଁ ! ଭାଇଙ୍କି କେତେ ଥର ପଚାରିଲିଣି ସେ ତ କିଛି କହୁନାହାନ୍ତି । ବାପା ! ତୁମେ ଥିଲେ କି ଆଜି ମତେ କିଛି ଅଛପା ରହନ୍ତା ? ନା, ଆଉ ଏଠି ରହି କି ଫଳ ! ବାପଘରେ ଝିଅର କି ଅଧିକାର !

[ ନୂଆବୋହୂର ପ୍ରବେଶ ]

ନୂଆବୋହୂ—ଜଲୋ ଝୋକ ! ତୋର କେଡ଼େ କଥା ଲୋ ! ମୁଁ ପାଇଟି କରି କରି ମୋ ହାଡ଼ରସା ବୋହି ଯାଉଛି, ତୁ ଏଠି ବସି ପବନ ଖାଉଛୁ ! ଜଲେ ! ଜାଣିନାହୁଁ କି ? କାହା ଘରେ ଆଶ୍ରା ନେଇଛୁ, କାହା ଭାତ ଖାଇ ଅମରମତା ହଉଛୁ ! ତୋହର ତ ଭାରି ଗରବ ଲୋ ! ଆସି ଅଧା ମାଇପିଟାଏ ହେଲୁଣି ଲାଜ ସରମ ନାହିଁ — କାମ ପାଇଟି ନାହିଁ —

ଅନ୍ନ —( ନୂଆବୋହୂର କୋପଶାନ୍ତ ଉଦ୍ଦେଶ୍ୟରେ ହୃଦୟର ଗଭୀର ଦୁଃଖ ଗୋପନ ରଖି ଈଷତ୍ ହସିବା । )

—ରଘୁଅରକ୍ଷିତ—

ନୂଆବୋହୂ—ଛୁଲେ, ଅଲାକୁକି ! ଫେର ହସୁଛୁ ? ମତେ ସିମିତି ଦାନ୍ତ ନକୁଟା ଅଲାକ୍ କପଣିଆ କଥାଗୁଡ଼ାକ ସୁଖ ଲାଗେ ନାହିଁ । ଦେହ ଲଗେଇ ହକ୍ କାମ କର; ଖା, ପି, ରହ, ନଇଲେ ତୋ ବାଟ ତୁ ଦେଖ । ଆଲୋ ଝିଅ ! ସଫା ସଫା କହିଦଉଛି, ଏଥର ସେ ବାପ ସୁଆଗିଆ ଢଙ୍ଗ ଛାଡ଼; ନଇଲେ ମତେ ଚହ୍ନିବୁ, ହାଁ !

ଅନ୍ନ—ନୂଆବୋହୂ ! ତମ ଗୋଡ଼ତଳେ ପଡ଼ୁଛି, ତମେ ଆଉ ମୋ ଉପରେ ଚଢ଼ି ଚଢ଼ି ହୁଅ ନାହିଁ, ଯାହା କହିବ ତାହା କରିବ । ଗୋଟିଏ କଥା ପଚାରିବ, କହିବ ନାହିଁ ?

[ ନୂଆବୋହୂର ପାଦ ଧରିବା ]

ନୂଆବୋହୂ—ଛାଡ଼ ଟୋକି ! ମୁହଁରେ ତ ପଚାରିବୁ, ମୋ ଦେହରେ ଲାଗୁଛୁ କିଆଁ ?

ଅନ୍ନ—( ହସ ହସ ମୁହଁରେ ) ନୂଆବୋହୂ ! ବାପା ସେ ଦିନ ଭାଇଙ୍କୁ କଅଣ ସବୁ କହିଗଲେ ? ମତେ ଟିକିଏ କହିଦ ନାହିଁ ?

ନୂଆବୋହୂ---(ସ୍ୱଗତ) ଆରେ ! ଏହା ଉପରେ ତ ଏଣିକି ରାଗିଲେ ଚଳିବ ନାହିଁ । ସେ ମତେ କାନେ କାନେ କେତେ କଣ କହି ଯାଇଛନ୍ତି । (ଅନ୍ନକୁ କୋଳ କରି ପ୍ରକାଶ୍ୟେ ) ଛି ! ସୁନାଝିଅଟି ପରା ! ସେକଥା ପଚାରନ୍ତି କି ? ହେଲାବେଳେ ବଲେ ଜାଣିବ ନାହିଁ । ହଁଲୋ ମା ! ସେତେବେଳେ କଅଣ ଆଉ ନୂଆବୋହୂ କଥା ମନରେ ପଡ଼ିବ ? ବଡ଼ଲୋକ ହୋଇଗଲେ ଆଖି ଦିଇଟା ତା ସାଙ୍ଗେ ସାଙ୍ଗେ ବଡ଼ ହୋଇଯାଏ ପରା !

ଅନ୍ନ—କିଏ ବଡଲୋକ ହବ ମ ?

ନୂଆବୋହୂ—କାହିଁକ, ତମେ ! ( ଜିଭ କାମୁଡ଼ି ପକାଇ ସ୍ୱଗତ ) ଆରେ ମୋ ମୁହଁରୁ କଅଣ ଗୁଡ଼ାଏ ବାହାରି ଯାଉଛି । ଛଡ଼କାନ—ମଲ୍ଲି-

—ରଘୁଅରକ୍ଷିତ—

ଭେଦ । କଅଁଟା ଫୁଟିଆସି ହୋଇଗଲେ ଆଉ ବାକୀ ରହିବ ନା ?
( ପ୍ରକାଶ୍ୟେ ) ଆଅ ଗୋ ! ମୁଁ ଯାଉଛି । ତେଣେ କେତେ ପାଇଟି
ପଡ଼ିଛି । ( ପ୍ରସ୍ଥାନ )

ଅନ୍ନ—( କିଛି ଦୂର ଅନୁଗମନ କରି) କହିଯାଅ, କହିଯାଅ, ନୂଆବୋହୂ !
ମୋ ରାଣ, ମୋ ମୁଣ୍ଡ ଖାଅଛି ! (ପ୍ରସ୍ଥାନୋଦ୍ୟତ)

( ବିପରୀତ ଦିଗରୁ ଚନ୍ଦ୍ରପାଣି ପ୍ରବେଶ କରି )

ଚନ୍ଦ୍ର—ହାଃ ! ହାଃ ! ବାହାବା ! ହାଃ ! ହାଃ ! ହାଃ ! ( ଆନନ୍ଦରେ
ଅଧୀର ହେବା) ।

ଅନ୍ନ—କିରେ ! କଅଣ କିରେ ?

ଚନ୍ଦ୍ର—ଅପା ଲୋ ! ଭାରି ମଜା ! ଭାରି ମଉଜ ! (ପୂର୍ବପରି ଆନନ୍ଦ ପ୍ରକାଶ
କରିବା )

ଅନ୍ନ—କିରେ ! କଅଣ କହ !

ଚନ୍ଦ୍ର—ଅପା ଲୋ ! ଫେର କ୍ଷୀରପିଠା, ଫେର ବାଣ ରୋଷଣି, ବାଜା,
ଗୀତ ନାଟ, ମଉଜ ମଜଲିସ୍, ଖିଆଣ ପିଆଣ, ଫେର ପାଲିଙ୍କିସବାରି,
ପାଟଛତା, ଘୋଡ଼ାହାତୀ, ସଲଟଣ, ଢୁ ଢା, ଠୋ ଠା, ସୁ ସା କେତେ
କଅଣ—( ପୂର୍ବପରି ଆନନ୍ଦ ପ୍ରକାଶ )

ଅନ୍ନ—କଅଣ ଗୁଡ଼ାଏ ବକୁଛୁ ରେ ?

ଚନ୍ଦ୍ର—ଆଉ କଅଣ କହିବି ଲୋ, ଅପା ! ବାହାନାପରି ଦିଆ ସରିଲାଣି !
ଆର ମାସ ଶୁକଲ ପଞ୍ଚେଇ ଦିନ ଲୋ, ଅପା ! ସବୁ ଠିକ୍ ଠାକ
ହୋଇ ସାରିଲାଣି । ଫେର୍ ବରଧରା ଯିବ ଲୋ, ଅପା ! ବାଃ ବାଃ
ବାଃ ! ଭାରି ମଜା ! ଭାରି ମଜା ! ( ଆନନ୍ଦରେ ନାଚିବା )

ଅନ୍ନ—କିରେ ! କାହାର ?

ଚନ୍ଦ୍ର—ମଲା । ଏତିକ ବି ବୁଝି ନାହୁଁ ? ତୋ ମୁଣ୍ଡରେ କଣ ବିଧାତା
ଟିକିଏ ହେଲେ ବୁଦ୍ଧି ଦେଇ ନାହିଁ ? ତୋ ଭଳି ଓଲୁ ଅପା ତ ମୁଁ
ସାରା ଦୁନିଆରେ ଦେଖି ନାହିଁ ।

—ଯବନିକା—

ଅନ୍ନ—କହ ଭଲା, ତତେ ମୋ ରାଣ, ମୋ ସୁନା ଭାଇଟା ପରା !

ଚନ୍ଦ୍ର—କହିଲି ପରା ବାହାଘର, ଫେର ବାହାଘର ।

ଅନ୍ନ—ଆରେ ! କାହାର ବାହାଘର ମ ? କିଏ ବାହା ହବ ?

ଚନ୍ଦ୍ର—କଅଣ ହେଲା ? କିଏ ବାହା ହବ ? ଆହା ! କି ଉଦାସି, ମତେ ଯିମିତି କିଛୁ ଜାଣେ ନାହିଁ !

ଅନ୍ନ—ନାହିଁରେ ମୁଁ କାହୁଁ ଜାଣିବି । ମତେ କିଏ କହିବ ? କହ ମୋ ସୁନା ଭାଇଟା ପରା !

ଚନ୍ଦ୍ର—ଆଲୋ ! ତୋର—ତୋର । ହେଲା ? ଏଥର ବୁଝିଲୁ ? ଦେଖ, ଏ କଥା କାହାରିକି କହିବୁ ନାହିଁଟି ! ଏ ଭାରି ଘୁପୁଚୁପିଆ କଥା ।

ଅନ୍ନ—ଯାଃ, ପଳାଃ, ଅପା ସାଙ୍ଗରେ ଟାପରା ଖେଳୁଛୁ, ନାଁ ? ( ଠେଲି ଦେବା । )

ଚନ୍ଦ୍ର—ଟାପରା ନୁହେ ଲୋ ! ଖାଣ୍ଟି ସତ । ମୁଁ ପରା ଗାଲପାଡ଼ି ସବୁ ଶୁଣିଛି । ଆମ ଆଗ ଜୋଇଁ ସାଆନ୍ତ ଆଉ ଅଛନ୍ତି କି ?

ଅନ୍ନ—ଏଁ । ( କାନ୍ଦ କାନ୍ଦ ହୋଇ ) କଅଣ କହୁଛୁ ରେ ?

ଚନ୍ଦ୍ର—ଆଲୋ ! ତାଙ୍କ ଘର ଦୁଆର ପୋଡ଼ିଗଲା, ବାପାମା ମରିଗଲେ, ସମ୍ପତ୍ତିବାଡ଼ି ଲୁଟି ହୋଇଗଲା, ସେ ପରା ବାଇଆ ହୋଇ, ଦେଶ ଛାଡ଼ି ପଳେଇଲେ । କୁଆଡ଼େ ଗଲେ ତାଙ୍କର ଠିକଣା ମିଳୁ ନାହିଁ ।

ଅନ୍ନ—ଏଁ ! କିଏ ତାଙ୍କୁ ଇମିତି କଲା ?

ଚନ୍ଦ୍ର—ଆମ ନୂଆ ଜୋଇଁ ସାଆନ୍ତେ ଲେ ! ତୁ କଅଣ ଘରଟାରୁ ଗଲି ପଡ଼ିଛୁ କି ଲୋ !

ଅନ୍ନ—ନୂଆ ଜୋଇଁ ସାଆନ୍ତ କିଏ ରେ ! ବଗୁଲିଆ ଚଗଲା ଟୋକା ?

ଚନ୍ଦ୍ର—ଆଲୋ ! ଆମ ମନ୍ତ୍ରୀପୁଅ ସୁରଥ ବାବୁ । ହେଲା ? ବୁଝିଲୁ ? ମହିଆଁ ଖାଇ ଜବାବ ଦେଇ ସାରିଲେଣି ପରା !

ଅନ୍ନ—ଓଃ ! ଏତେ କଥା ଯାଙ୍କ ମନରେ ଥିଲା ? ( କ୍ରନ୍ଦନ )

—ରଙ୍ଗଅବସିତ—

ଚନ୍ଦ୍ର—ଅପା ! ତୁ ଶାଶୁ ଘରକୁ ଗଲେ କୋଉଁ ସାଆନ୍ତଙ୍କୁ କହି ମତେ ଗୋଟେ ମନ୍ତ୍ରୀ କରଦେବୁ, କଅଣ କହୁଚୁ ? ମଲି ! କଥା କଆଁ କହୁ ନାହୁଁ ମଁ ? କାନ୍ଦୁଚୁ କଆଁ ମଁ ? ହଁ, ହଁ, ବାହାଘର ଆଗରୁ କାନ୍ଦନ୍ତି ପରା ! ହଉ ତେବେ ତୁ କାନ୍ଦୁଥା, ମୁଁ ଯାଉଚୁ ।

[ ପ୍ରସ୍ଥାନ ]

ଅନ୍ନ—ଓଃ ! ମୋ ମୁଣ୍ଡରେ ଯେ ଆକାଶ ଛିଡ଼ି ପଡ଼ିଲା । ପ୍ରଭୁ ହେ ! ଏ କଅଣ କଲ ?

( କାନ୍ଦି କାନ୍ଦି ପ୍ରସ୍ଥାନ )

## ଦ୍ୱିତୀୟ ଦୃଶ୍ୟ

### ଭାଗିରଥୀ ନଦୀତୀରସ୍ଥ ସ୍ଥାନ-ପଥ

( ଦିବା ଦ୍ୱିପ୍ରହର—କ୍ଷୁଧାପ୍ରପୀଡ଼ିତ, ପଥଶ୍ରାନ୍ତ, ଅଶ୍ରୁସିକ୍ତ-ବଦନ ରଘୁନାଥ ହାତରେ ଭିକ୍ଷାଥାଳ ଓ କାନରେ ପୋଷେ ଝଣ୍ଟେ ଚୂଡ଼ା ବାନ୍ଧି ଧୀରେ ଧୀରେ ପ୍ରବେଶ କର )

ରଘୁନାଥ—ନୀଳାଦ୍ରିବିହାରୀ ହରି ! କେବେ ତୁମ୍ଭର ଶ୍ରୀଚରଣାରବିନ୍ଦ ଲଭିକରି ଜୀବନ ସାର୍ଥକ ହେବ ? ହୃଦୟର ଜ୍ୱାଳା ନିବାରିତ ହେବ ? ହେ ନିରାଶ୍ରୟର ଆଶ୍ରୟଦାତା ! ହେ ଅରକ୍ଷର ରକ୍ଷକ ! ହେ ଅନାଥର ନାଥ ! ସର୍ବସ୍ୱହୀନ ଏ ଅଧମ ଦାସକୁ ତୁମ୍ଭର ଅଭୟ ପାଦପଦ୍ମ ତଳେ ଆଶ୍ରୟ ଦାନ କର । ପ୍ରାଣ ଯିବା ପୂର୍ବରୁ ଥରେ ତୁମ୍ଭର ଶ୍ରୀଚରଣ ଦର୍ଶନ କରି ଏ ମନୁଷ୍ୟଜନ୍ମ ସାର୍ଥକ ହେଉ । ଓଃ ! କେତେ ଦୂରେ ଅଛ, ପ୍ରଭୁ ! ବାଟୋଇଟି କହିଗଲା ଆଉ ଅଳପ ଦୂରରେ; କିନ୍ତୁ କାହିଁ ? ଅଭାଗା କପାଳକୁ କଅଣ ଆହୁରି ଦୂରକୁ ଘୁଞ୍ଚିଗଲ, ପ୍ରଭୁ ! (ଅଦୂରରେ ଜଣେ ଗ୍ରାମବାସୀକୁ ଯାଉଥିବାର ଦେଖି) ହେ ବାବା ! କିଏ 'ଯାଉଛ'? ଦୟା କରି ଟିକିଏ ଶୁଣିଯିବ କି ?

—ରଘୁଅରକ୍ଷିତ—

ଗ୍ରାମବାସୀ—ଯାଃ । ସର୍ବନାଶ ! ସର୍ବନାଶ ! ମଣିଷ କେତେ ଦେବ-ଦେବୀଙ୍କି ସୁମରଣା କରି ଘରୁ ଅନୁକୂଳ କରି ବାହାରିଥିଲା, ପଛରୁ ଭିକାରୀଟାଏ ଡାକ ଦେଲାଣି । ଆଜ କଅଣ କାର୍ଯ୍ୟସିଦ୍ଧି ହେବ ?

ରଘୁ—ହେ ବାବା ! ଟିକିଏ ଶୁଣିଯାଅ ଭଲା !

ଗ୍ରା: ବା:—(ବିରକ୍ତିରେ) ତୋ ମୁଣ୍ଡଗଣ୍ଡି ଶୁଣିଯିବି ! ବାଟରେ ଘାଟରେ ମଣିଷଙ୍କୁ ଟିକିଏ ଚାଲେଇ ଦେବେ ନାହିଁ । ଝିଙ୍ଗୁପୋକ ପରି ଏଥିରୁ ଗୁଡ଼େ କୁଆଡ଼ୁ ମାଡ଼ି ଆସୁଛନ୍ତି କେଜାଣି ? ଖାଲି ଭିକ ଦିଅ, ପଇସା ଦିଅ, ନଇଲେ ମଲୁ । ଏ ଯାହାକାଳିଆ ଭଗାରି ଛତରଖିଆ, ଅମଙ୍ଗୁଳିଆ ଭିକାରୀଗୁଡ଼ାଙ୍କର ମୁହଁ ଚାହିଁଲେ ସବୁ କାମ ଭଣ୍ଡୁର୍ ।

ରଘୁ—ରାଗ ନାହିଁ, ଭଗବାନ ତୁମର ମନକାମନା ପୂର୍ଣ୍ଣ କରି ଦେବେ ।

ଗ୍ରା: ବା:—ଓହୋ ! ସିଦ୍ଧପୁରୁଷଙ୍କର ଶ୍ରୀମୁଖବାଣୀ ବାହାରିଲା ପରା !

ରଘୁ—ବାବା ! ମତେ ଟିକିଏ କହିଦିଅ—ଶ୍ରୀକ୍ଷେତ୍ର ଆଉ କେତେ ବାଟ ?

ଗ୍ରା: ବା:—ଖାଲି ଶ୍ରୀକ୍ଷେତ୍ର ! ଏଗୁଡ଼ାଙ୍କର ଧର୍ମକର୍ମ କିଛି ନାହିଁ । ଘର-ଦୁଆର, ପିଲାକୁଟୁମ୍ବ ସବୁ ଛାଡ଼ି ପୋଲି ଭୋଜନ ପକେଇବାକୁ ଆସିଛନ୍ତି ଶ୍ରୀକ୍ଷେତ୍ରକୁ । ଛୋଟା, କଣା, କୁଜା, କେମ୍ପା ହୋଇଥିଲେ ଗୋଟେ କଥା ଥିଲା । ବେଶ୍ ଭେଣ୍ଡିଆ ଚଡ଼କଷ୍ ଯୁଆନଗୁଡ଼ାକ, କାମ ନ କରି ଖାଲି ମାଗି ଖାଇବେ । ଏ କୋଢ଼ିଆଗୁଡ଼ାଙ୍କୁ ଦେଖିଲେ ମୋ ହାଡ଼ ଜଳେ ।

ରଘୁ—କହି ଦିଅ, ନୀଳାଦ୍ରି ବିହାରୀ ହରି ଆଉ କେତେ ବାଟରେ ?

ଗ୍ରା: ବା:—ଓହୋ ! ନୀଳାଦ୍ରି ! ବିହାରୀ ! ହରି ! କି ଭକ୍ତିରେ ! ସତେ ଯେପରି ଜଣେ ଯୋଗସିଦ୍ଧ ମହାପୁରୁଷ ! ଏ ଭଣ୍ଡ ବଗ୍‌ଡ଼ବୈଷ୍ଣବ-ଗୁଡ଼ାଙ୍କର ତୁଣ୍ଡରେ ଖାଲି ହରି ହରି, ଆଉ ଭିତରେ ଭିତରେ ଚୋର, ନାରୀ ।

ରଘୁ—ରାଗ ନାହିଁ ବାବା ! କହିଦିଅ, ତମ ଗୋଡ଼ତଳେ ମୁଣ୍ଡିଆ ମାରୁଛି ।

—ରଘୁଅରକ୍ଷିତ—

ଗ୍ରା: ବା:—ଆରେ ଓଲୁ ! ଅନ୍ଧ ! (ଦୂରକୁ ଅଙ୍ଗୁଳି ନିର୍ଦ୍ଦେଶ କରି) ନୀଳଚକ୍ର ବାନା ତୋ ଆଖିକି କଅଣ ଦିଶୁ ନାହିଁ ? ତୋ ଆଖିରେ କଅଣ ପରଳ ମାଡ଼ିଯାଇଛି ? ଏଇଥିପାଇଁକି ହରି, ହରି ! ଯାଃ, ମର୍ । ଛି, ଛି ! କେଡ଼େ ବଡ଼ କାମୁଠା ମୋର ମାଟି କରିଦେଲା ! କି ଦୁର୍ଯୋଗ ! ଯାହାକୁଇ କହନ୍ତି ବଷ୍ଟି ଯୋଗ !

[ପ୍ରସ୍ଥାନ]

ରଘୁ—(ଦୂରରୁ ନୀଳଚକ୍ର ବାନାକୁ ଗୁହିଁ, ପ୍ରମାଣ କରି, ଉଠି, କରଯୋଡ଼ି) ସତେ ! ନୀଳଚକ୍ର ବାନା ଏତେ ନିକଟରେ ! ଧନ୍ୟ ! ଧନ୍ୟ ଜୀବନ ମୋର ! ଧନ୍ୟ ନେତ୍ର ! ସାର୍ଥକ ତୋ ଜନ୍ମ ! ହରି ହରି ! ଓଃ ! ପାଦ ଯେ ଆଉ ଚଳୁ ନାହିଁ ? କଅଣ କରିବି ? ପ୍ରଭୁ ! ପ୍ରଭୁ ! ସତେ କଣ ଦର୍ଶନ ପାଇବି ନାହିଁ ? ହାୟ ! କି ଅଭାଗା ! ମୁଁ ଏତେ ନିକଟରେ ଥାଇ ଏତେ ଦୂରରେ; ନାଃ, ଆଉ ଦର୍ଶନ ପାଇବାର ଆଶା ନାହିଁ । ଜଗତରେ ତ ଆତ୍ମୀୟ, ବନ୍ଧୁବାନ୍ଧବ କେହି ଟିକିଏ ଆଶ୍ରୟ ଦେଲେ ନାହିଁ, ମୋ ମୁହଁ ଗୁହିଁଲେ ନାହିଁ, ଆଉ ଜଗତର ନାଥ ଦର୍ଶନ ଦେବେ କାହିଁକି ? ଆଶ୍ରୟ ଦେବେ କାହିଁକି ? ଏଡ଼େ ବଡ଼ ସୌଭାଗ୍ୟ ମୋ ଭଳି ହତଭାଗାର କପାଳରେ ମିଳିବ କାହିଁ ? ପଥର ଭିକାରୀ ମୁଁ, ପଥରେ ହିଁ ମୋର ମୃତ୍ୟୁ । ଓଃ ! ପ୍ରାଣ ଯେ ବଡ଼ କଲବଲ ହେଲା । କ୍ଷୁଧାରେ ଯେ ଅଙ୍ଗପ୍ରତ୍ୟଙ୍ଗ ଅବଶ ହୋଇ ପଡ଼ିଲାଣି । ଯାଏଁ, ନଈରେ ମୁହଁ ହାତ ଧୋଇ, ଏ ଚୂଡ଼ା ଗଣ୍ଡାକ ଖାଇ ନୀଳାଦ୍ରିନାଥଙ୍କ ପଦତଳେ ଆଶ୍ରୟ ନିଏ ।

(ନଦୀରେ ମୁହଁ ହାତ ଧୋଇ ଫେରି ଆସି ଚୂଡ଼ାପୋଷକ ଭିକ୍ଷା ଥାଳରେ ରଖି ଖାଇବାକୁ ଉଦ୍ୟତ ହେଉଥିବା ବେଳେ ଜଣେକ ଅଶୀତି-ବର୍ଷୀୟ ଦୀର୍ଘଶ୍ମଶ୍ରୁବିଶିଷ୍ଟ ଯଷ୍ଟିମାତ୍ରସହାୟ ବୃଦ୍ଧ ବ୍ରାହ୍ମଣ ପ୍ରବେଶ କରି ଅସ୍ପଷ୍ଟ ସ୍ୱରରେ କହିଲେ )

ବୃଦ୍ଧ—ଦେ-ବା-ବା ! କାହିଁ-ବସିଛ-ବା-ବା !

—ରଘୁଅରକ୍ଷିତ—

ରଘୁ—ମୁଁ ଜଣେ ବାଟୋଇ, ନା, ନା, ଜଣେ ଭିକାରି ।

ବୃଦ୍ଧ—ଯେ ହୁଅ, ମତେ-ଗଣ୍ଡେ-ଖାଇ-ବାକୁ-ଦିଅ । ଦୁଇ-ଦିନ ହେଲା-କିଛି-ଖାଇ-ନାହିଁ-ବା-ବା ! ଭୋକରେ-କରଡ଼ି-ଜଳି-ଯାଉଛି । ଏ-ବୁଢ଼ା-ବ୍ରାହ୍ମଣଟାକୁ-ଗଣ୍ଡେ-ଅନ୍ନ-ଖାଇବାକୁ-ଦେଇ-ଏ-ପ୍ରାଣ-ବଞ୍ଚାଅ । ମୋର-ଏ-ଜଗତରେ-କେହି-ନାହିଁ-ବା-ବା !

ରଘୁ—ଅନ୍ନ କାହୁଁ ପାଇବ ? ଏହି ଚୁଡ଼ାଗଣ୍ଡାକ ହିଁ ମୋର ସମ୍ବଳ ।

ବୃଦ୍ଧ—ବାବା ! ତୁମର-ତ-ହେଲେ-ସେତକ ସମ୍ବଳ-ଅଛି, ମୋର-ଯେ-ତାହା-ବି-ନାହିଁ । ବା-ବା ! ମତେ-କିଛି-ଖାଇବାକୁ-ନ-ଦେଲେ-ମୋ-ପ୍ରାଣ-ଗଲା । ଓଃ ! ତଣ୍ଟି-ଶୁଖି-ଯାଉଛି । ଗୋଡ଼-ହାତ-ଝିମି-ଝିମି-ହୋଇ-ଯାଉଛି । ମତେ-ଝୋଲା-ମାରି-ଯାଉଛି । ଓଃ ! ମୋ-ହଂସା-ଉଡ଼ିଗଲା ! ଓହୋ ! ! (ବସିପଡ଼ିବା)

ରଘୁ—(ସ୍ୱଗତ) କ୍ଷୁଧା ! ପ୍ରଳୟର ତୁ ପ୍ରଚଣ୍ଡମୂର୍ତ୍ତି ! ତୁ ନ ଥିଲେ ଜଗତ-ବାସୀ କେଡ଼େ ସୁଖରେ, କି ଆନନ୍ଦରେ ଜୀବନ ଯାପନ କରୁ-ଥାଆନ୍ତେ ? ଓଃ ! କି ଭୀଷଣ ତୁ ! ତାହା ତ ଅଙ୍ଗେ ଅଙ୍ଗେ ଅନୁଭବ କରୁଅଛି । ମୋର ତ ଏ ଯୁବା ବୟସରେ ଏଡ଼େ - କଷ୍ଟ, ଏହି ବୃଦ୍ଧ କି କଷ୍ଟ ଅନୁଭବ କରୁ ନ ଥିବେ ! ମୋ ପରି ଯୁବକଙ୍କର ତ ଜଗତରେ କେହି ନାହାନ୍ତି । ଆଖି ଆଗରେ ଏ ଦୃଶ୍ୟ ଦେଖି, କ୍ଷୁଧାର ଜ୍ୱାଳା ଅନୁଭବ କରି ସୁଦ୍ଧା ଏ ଚୁଡ଼ାଗଣ୍ଡାକ ମୋ ପେଟକୁ ଯିବ କିପରି ?

ବୃଦ୍ଧ—କିଛି-ଯେ-କହିଲ-ନାହିଁ-ବାବା ! ତେବେ-କଅଣ-ନିରାଶରେ-ଫେରି ଯିବି ? ହରି-ତମ-ଧର୍ମ !

ରଘୁ—ନା, ନା, ଫେରି ଯିବାକୁ ହେବ ନାହିଁ । ନିଅ ବୃଦ୍ଧ ! ଏହି ଚୁଡ଼ା-ଗଣ୍ଡାକରେ ଯଦି ତୁମ୍ଭର କ୍ଷୁଧା ନିବାରିତ ହୋଇପାରେ, ତେବେ

ଆନନ୍ଦରେ ଗ୍ରହଣ କର, ଆଉ ଆଶୀର୍ବାଦ କର—ମୁଁ ଯେପରି ନୀଳାଦ୍ରିନାଥଙ୍କ ଶ୍ରୀଚରଣ ଦର୍ଶନ ଲଭ କରେଁ ।

ବୃଦ୍ଧ—ଦଅ-ବା-ବା ! ପ୍ରଭୁ-ତୁମର-ମନ-ବାଞ୍ଛା-ପୂର୍ଣ୍ଣ-କରନ୍ତୁ ।

( ହାତ ବଢ଼ାଇ ନେବାବେଳେ ପଟ୍ଟ ନିକ୍ଷେପ )

## ତୃତୀୟ ଦୃଶ୍ୟ

ଗଙ୍ଗାଧର ଗୃହ ମଧ୍ୟସ୍ଥ ଅଳିନ୍ଦ

[ ଅଗ୍ରେ ଧୀରପାଣି ପଶ୍ଚାତ୍ ଚକ୍ରପାଣିର ପ୍ରବେଶ ]

ଚକ୍ର—ଦେଖ, ସମସ୍ତ କାର୍ଯ୍ୟ ଗୋପନରେ କରିବାକୁ ହେବ । ଅନ୍ନ ଯେପରି ଏଥିର ଗନ୍ଧ ନ ପାଏ ।

ଧୀର—ମୋର ଅନୁରୋଧ, ଏ ବିବାହ ବର୍ତ୍ତମାନ ବନ୍ଦ ରଖ ଭଲ । ଏଥିରେ ମତେ କିଛି ମଙ୍ଗଳ ଦିଶୁନାହିଁ, ଘୋର ଅଧର୍ମ ହେବ ।

ଚକ୍ର—ହୁଁଃ ! ଅଧର୍ମ ହେବ ! ନାଃ, ଧର୍ମ ଅଧର୍ମ ମୁଁ କିଛି ଜାଣେ ନାହିଁ ।

ଧୀର—ଆଚ୍ଛା, ଏ କଥା ଅନ୍ନ ଶୁଣିଲେ ଆମମାନଙ୍କୁ କଅଣ ଭାବିବ ? ତାର ବିନାନୁମତିରେ ଏ କାର୍ଯ୍ୟ ବା କରିବା କିପରି ?

ଚକ୍ର—କଅଣ ହେଲା ? ଅନ୍ନର ଅନୁମତି ! କଅଣ ଗୁଡ଼ାଏ ବକି ଯାଉଛ ? ଅନ୍ନ ବର୍ତ୍ତମାନ ଆମର ସମ୍ପୂର୍ଣ୍ଣ ଅଧୀନ । ଆମେ ତାକୁ ଖୋରାକ ପୋଷାକ ଦେଉଥାଇଁ, ଆମେ ଯାହା କହିବା ସେ ତାହା ପାଳନ କରିବାକୁ ବାଧ୍ୟ । ତାର ଫେରେ ଗୋଟାଏ ଅନୁମତି କଣ ?

—ରଘୁଅରକ୍ଷିତ—

ଧୀର—ନାଁ, ନାଁ, ମତେ ଏ କଥା କିଛି ଭଲ ଲାଗୁ ନାହିଁ । ମୋ କଥା ମାନ ତୁ ଏ କାର୍ଯ୍ୟରୁ ନିବୃତ୍ତ ହୋ ।

ଚନ୍ଦ୍ର—ନିବୃତ୍ତ ହେବି ? କଅଣ ଖେଳଘର କଥା କରି ପାଇଛ ? ଭାଇ ! ମୁଁ ଯେ ଜବାବ ଦେଇ ସାରିଲିଣି କଅଣ ଜଣା ନାହିଁ ?

ଧୀର—କ୍ଷତି କଅଣ ? ଏହି କ୍ଷଣି ଜଣକ ହାତରେ ମନା କରି ପଠାଇବା ।

ଚନ୍ଦ୍ର—ପାଗଳ ପରି କଅଣ ଗୁଡ଼ାଏ ପ୍ରଳାପ କରୁଛ ? ବୁଝୁନାହିଁ ଏହାର ପରିଣାମ କଅଣ ହେବ ? ଭାବି ଦେଖ ରଘୁଆର ଦଶା କଅଣ ହେଲା । ତୁମେ କଅଣ ସେହି ଦଶା ବରଣ କରିବାକୁ ଯାଉଛ ?

ଧୀର—ତା ବରଂ ବରଣ କରିବାକୁ ମୁଁ ପ୍ରସ୍ତୁତ । ଧର୍ମ ପାଳନରେ ଯଦି ପ୍ରାଣ ଯାଏ, ତେବେ ତାହା ହିଁ ମୋ ପକ୍ଷରେ ଶ୍ରେୟ ।

ଚନ୍ଦ୍ର—ରଖ ତମର ଧର୍ମ ! ଚନ୍ଦ୍ରପାଣି ତାହାର ଭବିଷ୍ୟତ ଦେଖିବ, ସେ ଆଉ କିଛି ବିଚାର କରିବ ନାହିଁ ।

ଧୀର—ଭବିଷ୍ୟତ ବଡ଼ ଅନ୍ଧକାର, ଚନ୍ଦ୍ର ! ଭବିଷ୍ୟତ ବଡ଼ ଅନ୍ଧକାର !

ଚନ୍ଦ୍ର—ଅନ୍ଧକାର କି ଉଜ୍ଜ୍ୱଳ ତାହା ଚନ୍ଦ୍ର ବେଶ୍ ଜାଣେ । ଚନ୍ଦ୍ରକୁ ସେ ବିଷୟରେ ଉପଦେଶ ଦେବାକୁ ପଡ଼ିବ ନାହିଁ ।

ଧୀର—ଶୁଣ୍, ଚନ୍ଦ୍ର !

ଚନ୍ଦ୍ର—ମୁଁ ପ୍ରତିଜ୍ଞାବଦ୍ଧ, ମୁଁ ଆଉ କୌଣସି କଥା ଶୁଣିବି ନାହିଁ । ବିବାହ କରାଇବି—କରାଇବି—କରାଇବି ! ଏହା ମୋର ଭୀଷ୍ମ-ପ୍ରତିଜ୍ଞା !

ଧୀର—ମୁଁ କିନ୍ତୁ ଏ ବିବାହରେ ଯୋଗଦେବି ନାହିଁ ।

ଚନ୍ଦ୍ର—ଉତ୍ତମ । ନୀରବ ରହିପାର ବା କିଛି ସମୟ ପାଇଁ ସ୍ଥାନାନ୍ତରକୁ ଗମନ କରିପାର ।

ଧୀର—ତାହାହିଁ ଶ୍ରେୟସ୍କର । [ପ୍ରସ୍ଥାନ]

( ବିପରୀତ ଦିଗରୁ ନୂଆବୋହୂର ପ୍ରବେଶ )

ଚନ୍ଦ୍ର—ଦେଖୁଛ, ନୂଆବୋହୂ ! ଭାଇଙ୍କ ବିଚାର ଦେଖୁଛ ! ଛି ! ଛି ! ଇମିତି ତରକୁଲା ମଣିଷ ମୁଁ ସାରା ସଂସାରରେ ଦେଖିନାହିଁ ।

— ରଘୁଅରକ୍ଷିତ—

ନୂଆବୋହୂ—କଅଣ ମ ? ଭାଇ ଇମିତି କଅଣ କଲେ କି ?

ଚନ୍ଦ—ଦେଖୁଛ, ବାଣିଘରର ସବୁ ଯୋଗାଡ଼ ସରିଲାଣି—ଜବାବପତ୍ର ସିଉକାର, ଦଆନଆ ଛୁଟିଲାଣି—କହୁଛନ୍ତି କଅଣ ନାଁ ବାଣି ବନ୍ଦ କର । ସ୍ତ୍ରୀଙ୍କୁ ଧନସମ୍ପତ୍ତିଗୁଡ଼ାକ ଗନ୍ଧାଉଛି । ହଉ ହଉ, ପଛକେ ସବୁ ବୁଝିବେ ଯେ ! ଦେଖ ନୂଆବୋହୂ ! ମହାଜନର ସମ୍ପତ୍ତି ଆମ ହାତରେ ପଇଠ ହେଲାକ୍ଷଣି ତମେ ଯାହା ଯାହା ଫରମାସ କରିଛ ଆଉ କରିବ, ତାହାସବୁ ଆଗେ କରି ପାରିଲେ ତେବେ ଯାଇ ବାକି ସବୁ କଥା । ସୁନା, ହୀରା, ନୀଳା, ମୋତି, ମାଣିକର ଗହଣାଗାଣ୍ଠିରେ ତମ ଦେହ ପୁରାଇଦେବି, ହେଲେ ତମେ ଆଉ ଭାଇଙ୍କ ପରି କରିଛାଡ଼ି ଦେଲେ ଚଳିବ ନାହିଁ ।

ନୂଆବୋହୂ—ମଲା ! ଏ କଥା କିଆଁ କହୁଛ ମ ? ମୁଁ ଭଲା କେବେ ତମ କଥାରୁ ବାହାର ହେଲିଣି ? ମୁଁ ତ ତମ କଥା ମାନିକେ ଦିନରାତି କାମରେ ଲାଗିଛି । ମୋତେଇଁ ଏଡ଼େ ଅବିଶ୍ୱାସ କିଆଁ ମ ?

ଚନ୍ଦ—ନାଁ ନାଁ ନୂଆବୋହୂ ! ମୁଁ ଜାଣେ ତମ ମନ ସେମିତି ନୁହେଁ । ଟିକିଏ ପରିହାସରେ ସେମିତି କହୁଥିଲି ନାଁ । ଶୁଣ, ଏ ବାଣିଘରରୁ ସବୁ ଭାର ତମଠିକ୍ । ତମେ ଘରକାମ ସବୁ ତୁଲଉଥିଲେ ମୁଁ ବାହାରକୁ ମଜଭୁତ ଅଛି । ତମେ ଖାଲି ଅନ୍ନ ଉପରେ ନଘା ରଖିଥାଅ । ଆଗରୁ ତା କାନରେ ଯିମିତି କିଛି ନ ପଡ଼େ; ନଇଲେ ଆମ କଥା ସରିଯିବଟି !

ନୂଆବୋହୂ—ମୁଁ ପରା ତାକୁ ଗୋଡ଼େ ଗୋଡ଼େ ଜଗିଛି । ସେଦିନ ପଚାରିଲା ଯେ କିଛି ନ କହି ବାଆଁରେଇ ଦେଇ ଗ୍ଲଲି ଅଇଲି ।

ଚନ୍ଦ—ବେଶ୍, ତେବେ ମୁଁ ନିଶ୍ଚିନ୍ତ ହେଲି, ଯାଉଛି, ଥାଅ ।

ନୂଆବୋହୂ—ହଉ ଯାଅ । (ଚନ୍ଦପାଣିର ପ୍ରସ୍ଥାନ)

ଯାଏଁ, ସେ ନାତପଣୀ କୁଆଡ଼େ ଗଲା ଦେଖେ । [ପ୍ରସ୍ଥାନ]

—ରଦ୍ଧୂଅରକ୍ଷିତ—

## ଚତୁର୍ଥ ଦୃଶ୍ୟ

### ପୁଷ୍କରିଣୀ ତୀର

( ଅଶ୍ରୁମୁଖୀ ଅନ୍ନପୂର୍ଣ୍ଣାର ଗୀତ )

### ଗୀତ

ଏହା କି ମୋ ଭାଗ୍ୟେ ତୁହି ଥିଲୁ ଲିହି, ଆରେ ମନ୍ଦବହ୍ନି !
ଦାରୁଣ କଷାଘାତ ନ ପାରେ ସହି ।
ଶିରୀଷ-କୋମଳ ପ୍ରାଣେ, ଶତ ବଜ୍ର କ୍ରୂରେ ହାଣେ
ଦବାଗ୍ନି ହୃଦ ମୋର ହୁଏ ଦହି ।୧।
ବହ୍ନିଶିଖା ଜଳେ ଖରେ, ଅଙ୍ଗ ମୋର ବକ୍ଷେ ଘାରେ
ହାହାରବେ ଘୋର ନଶି ଯାଏ ପାହି ।୨।

ଅନ୍ନ — ( କାନରେ ଲୁହ ପୋଛୁ ) ଏ ମଞ୍ଚପୁରେ ମୋର ଆଉ ଥାନ କାହିଁ ? କି ଆଶାରେ ବା ରହିବି ? ପିଲାଟିଦିନୁଁ ମାଆଙ୍କୁ ହରାଇ, ବାପାଙ୍କ ଲାଗି ଦୁଃଖ କଅଣ ଦିନେ ହେଲେ ଜାଣି ନ ଥିଲି । ଶେଷକୁ ବାପା ବି ଗଲେ । ଭାବିଥିଲି ପତିଙ୍କ ସେବା କରି, ତାଙ୍କ ସୁଖରେ ସୁଖୀ, ଦୁଃଖରେ ଦୁଃଖୀ ହୋଇ ଜୀବନଟା କଟେଇବି । ନିଷ୍ଠୁର ବିଧାତା ତା ବି ସହିଲା ନାହିଁ । କି ହତଭାଗିନୀ ମୁଁ ! କି ପୋଡ଼ା କପାଳ ମୋର ! ସ୍ୱାମୀ ! ଦେବତା ! ଜୀବନର ସର୍ବସ୍ୱ ! ତୁମେ କେଉଁ-ଠାରେ ? ହତଭାଗିନୀ ଆଜି କି ଦୁଃଖରେ ପଡ଼ି ଡହଳବିକଳ ହଉଛି ଥରେ ଦେଖି ଯାଅ, ନାଥ ! ଥରେ ଚରଣ ଦର୍ଶନ ଦେଇ ଯାଅ ଭଲା ! ଓହୋ ! ମୋର ଏ ସୁନ୍ଦରପଣ ସିନା ମୋର ଭଗାରି ହୋଇ ଏ ଦାଉ ସାଧିଲା ! ନଇଲେ ସେ. ଏତେ ଦୁଃଖ ସହି ପଥର

ଭିକାରୀ ହୋଇ ଥାଆନ୍ତେ କାହିଁକି ? ଆହା ! ସେ କେଉଁଠି ଥିବେ ? କଅଣ କରୁଥିବେ ? ପେଟବିକଳରେ ବାରଦୁଆର ଶୁଣ୍ଢିପିଣ୍ଡା ହୋଇ ବୁଲୁଥିବେ ସିନା ! ( ପୁନରପି ପଣତରେ ଲୁହ ପୋଛି ) କି ଦୁଃଖିନୀ ଜୀବନ ମୋର ! ଗୋଟି ଗୋଟି ହୋଇ ମୋର କୋମଳ ପ୍ରାଣରେ କେତେ ବଜ୍ରପାତ ସହିବି ! ଏତକରେ ବି ମୋର ଦୁଃଖ ସରି ନାହିଁ । ଫେର୍ ମା'ପେଟର ଭାଇ ମୋର ସର୍ବନାଶ କରିବାକୁ ବସିଛନ୍ତି ! ଚନ୍ଦ ଭାଇ ! ଚନ୍ଦ ଭାଇ ! ତୁମେ ପରା ମୋ ମା ପେଟର ଭାଇ ! ମୁଁ ପରା ତୁମକୁ ପ୍ରାଣଠୁଁ ଅଧିକ ସୁଖ ପାଏଁ ! ଟିକିଏ ହେଲେ ମୋ ଦୁଃଖରେ ତମ ହୃଦୟ ତରଳିଲା ନାହିଁ ? ଏଡ଼େ ନିଷ୍ଠୁର ତମେ ! ଏତେ କପଟ ତମର ! କି କୁକର୍ମ କରିବାକୁ ଯାଉଛ, ଭାଇ ? ନୂଆବୋହୂ ! ତମେ ପରା ମୋ ମାଆ ପରି ! ତମେ ବି ଏତେ-ବେଳେ ସେହି ପାପ କର୍ମରେ ହାତ ଦେଇଛ ! ନାଁ, ନାଁ, ତମକୁ ସବୁ ଏ ଅଧର୍ମ କରିବାକୁ ଦେବି ନାହିଁ । ଯାଏଁ, ଏହି ପୋଖରୀରେ ଏ ପୋଡ଼ା ଜୀବନକୁ ଶେଷ କରିଦଏଁ । ସ୍ୱାମୀ ! ହୃଦୟର ଦେବତା ! ଏ ଦାସୀର ଶେଷ ପ୍ରଣାମ ଗ୍ରହଣ କର । [ପ୍ରଣାମ କରିବା]

(ଅନ୍ନପୂର୍ଣ୍ଣା ଉଠି ପୁଷ୍କରଣୀ ମଧ୍ୟରେ ପ୍ରବେଶ କରୁଥିବା ବେଳେ ଜଳକୁମ୍ଭ ଧରି କମଳୀର ପ୍ରବେଶ )

କମଳୀ—ମରୁଆ ! ମରୁଆ ! ଏ କଅଣ କରୁଛ, ମରୁଆ ? ( ନିକଟକୁ ଯାଇ ଅନ୍ନର ଗତି ରୋଧ କରିବା) ।

ଅନ୍ନ – ନାଁ, ନାଁ, ମତେ ବାଧା ଦିଅ ନା, ମରୁଆ ! ମୋର ସବୁ ସରିଗଲାଣି । ମୁଁ ବଡ଼ କଳଙ୍କିନୀ, ବଡ଼ ହତଭାଗିନୀ ; ଛାଡ଼, ଛାଡ଼, ମତେ ମରିବାକୁ ଦିଅ ମରୁଆ !

କମଳୀ—କାହିଁକି ? କଅଣ ହୋଇଛି କି ? ଏତେ ଅଥୟ ହଉଛ କାହିଁ ?

ଅନ୍ନ—ତମେ କିଛି ବୁଝିନାହଁ, ମରୁଆ ! ସେ ବହୁତ କଥା, କହିବାକୁ ବେଳ ନାହିଁ ।

—ରଘୁଅରକ୍ଷିତ—

କମଳୀ---ନ କହ, ମୁଁ ସବୁ ଶୁଣିଛି ଯେ । ଖାଲି ଶୁଣି ନାହିଁ, ବଗୁର ବଗ୍ନର ଗୋଟିଏ ବାଟ ବି ଠିକ୍ କଲିଣି । ଆସ, ତମେ ପାଣି ଭିତରୁ ଉପରକୁ ଉଠି ଆସ, ସବୁ କହିବି ।

ଅନ୍ନ---ଏଁ ! ତମେ ସବୁ ଜାଣ ?

କମଳୀ---ଜାଣେଁ, ମଉଁଆ ! ଧନଗଡ଼ ତମ ମଣିଆଁ ଭାଇ ଲୋକ ଜଗେଇ ଥିଲେ, ମତେ ତମ ଘରକୁ ଆସିବାକୁ ମନା କରିଥିଲେ ବୋଲି ଆସି ପାରୁ ନ ଥିଲି । ତମ ଦୁଃଖ କଥା ଶୁଣିଲି ଦିନୁଁ ମୋ ଧନଗଡ଼ କମିତି ସରୁଛି ତାହା ସେହି ମହାପ୍ରଭୁଙ୍କୁ ଜଣା । ଆଜି ତମ ଭାଇ ଘରେ ନ ଥିବା ଜାଣି ସମ୍ଭାଳି ହୋଇ ରହିପାରିଲି ନାହିଁ; ଲୁଚି-କରି ପାଣି ନବା ବାହାନାରେ ଏ ପୋଖରୀ ତୁଠକୁ ଆସିଛି । ସେତିକି ନୁହେଁ, ଯୋଗକୁ ମତେ ଭଗବାନ ଗୋଟିଏ ବାଟ ଦେଖାଇ ଦେଇଛନ୍ତି । ନିଶ୍ଚୟ ତମ ସ୍ୱାମୀଙ୍କ ଖବର ମିଳିଯିବ ।

ଅନ୍ନ--ମିଳିବ ? ମଉଁଆ !

କମଳୀ---ମିଳିବ ନ କଅଁ ମ ? ସେ ତ ଆଉ ସଂସାର ଛାଡ଼ି କୁଆଡ଼େ ଯାଇ ନାହାନ୍ତି ।

ଅନ୍ନ---[ପାଣି ଭିତରୁ କୂଳକୁ ଆସି ] କହ, କହ, ମଉଁଆ ! କି ଉପାୟ କରି ଆସିଛ, କହ ।

କମଳୀ---ଆମ ଘରୁ ମୋ ବାପା, ବିମଳୀ ବାପା, ଆଉ ଆମ ଗାଁରୁ କେତେ ଲୋକ ଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀକ୍ଷେତ୍ରକୁ ଯାଉଛନ୍ତି । ମତେ ଲାଗୁଛି, ତମ ସ୍ୱାମୀ କୋଉଁଠି ଆଶ୍ରା ନ ପାଇ ମନ ଦୁଃଖରେ ନିଶ୍ଚେଁ ସେହି ଶ୍ରୀକ୍ଷେତ୍ରକୁ ଯାଇଛନ୍ତି । ତମେ ତାଙ୍କ ପାଖକୁ ଖଣ୍ଡେ ଚିଠିଉ ପଠାଅ । ମୁଁ ବାପା ଆଉ ବିମଳୀ ବାପାଙ୍କୁ ସବୁ କଥା ବୁଝାଇ କହିଦେବି । ତମ ସ୍ୱାମୀ ସବୁ କଥା ଶୁଣିଲେ ନିଶ୍ଚେଁ ଆସି ତମକୁ ନେଇଯିବେ ।

—ରଘୁଅରକ୍ଷିତ—

ଅନ୍ନ—ମରୁଆ ! ମୁଁ ଏତେବେଳେ ଚିଠି ପଠେଇବି କିମିତି ? ଘରକୁ ଫେରିଗଲେ ନୂଆବୋହୂ ତ ପାଖ ଛାଡ଼ିବେ ନାହିଁ ।

କମଳୀ—ସେଥିଲାଗି ତମକୁ ଘରକୁ ଯିବାକୁ ପଡ଼ିବ ନାହିଁ । ହେଇଟି ନିଅ, ମୁଁ ତମ ପାଇଁ ତାଳପତ୍ର ଲେଖନ ଆଣିଚି, ତମେ ଜଲଦି ଖଣ୍ଡେ ଲେଖିଦେଲ !

ଅନ୍ନ—ମରୁଆ ! ମରୁଆ ! ସତେ କଣ ସେ ଶ୍ରୀକ୍ଷେତ୍ରରେ ଥିବେ ? ଯେବେ ନ ଆଆନ୍ତି ତେବେ ? ନାଁ, ମରୁଆ ! (ପୁଷ୍କରଣୀକୁ ଯିବାକୁ ଉଦ୍ୟତ ହେବାରୁ କମଳୀ ବାଧା ଦେବା) ମତେ ଛାଡ଼, ମୁଁ ଜୀବନ-ଦୀପ ଲିଭେଇ ଦିଏଁ ।

କମଳୀ—ଛି ! ଏତେ ବ୍ୟସ୍ତ ହୁଅ ନା । ତମକୁ ମୋ ରାଣ ! ମୋ ମୁଣ୍ଡ ଖାଆଟି । ମୋ ବୋଲ ମାନ ଲେଖା ପଠାଅ । ଦେଖିବା, ପାରୁପର୍ଯ୍ୟନ୍ତ ଖୋଜିବା, ତେଣିକି ତମର ଯାହା ଇଚ୍ଛା ତା କରିବ ।

ଅନ୍ନ—ହଉ ଦିଅ (ତାଳପତ୍ର ଓ ଲେଖନ ନେଇ ପତ୍ର ଲେଖିବା)

କମଳୀ—ତମ ମଟିଆଁ ଭାଇ ଆଉ ନୂଆବୋହୂଙ୍କ କପଟ କଥା ଲେଖିଦିଅ । (କିଛି କ୍ଷଣ ପରେ) ଏହି ଫଗୁଣ ଶୁକଳ ପଞ୍ଚେଇଁ ଆଗରୁ ଆସିବାକୁ ଲେଖିଲ ଟି ?

ଅନ୍ନ—ହଁ ଲେଖିଛି । (ଲେଖିସାରି) ନିଅ ମରୁଆ ! ବାପାଙ୍କୁ ସବୁ କଥା ବୁଝେଇ କହିବ, ଆଉ କହିବ ସେ ଫେରିବା ପର୍ଯ୍ୟନ୍ତ ମୁଁ ଏ ପୋଡ଼ା ଜୀବନ ଧରି ରହିଲି । ମରୁଆ ! ତମର ଏ ଉପକାର ମୁଁ ଜନ୍ମେ ଜନ୍ମେ ଶୁଝିପାରିବି ନାହିଁ । ଯାଅ, ମରୁଆ !

କମଳୀ—ପାଣି ଘରେ ନେଇଯାଏଁ, ନଇଲେ ଧରାପଡ଼ିଯିବ ଯେ ! (ପାଣି ନେଇ ଯିବାବେଳେ) ଯାଅ ମରୁଆ ! ଘରକୁ ଯାଅ, ଆଉ ସେଠି ବସ ନାହିଁ । (କମଳୀର ପ୍ରସ୍ଥାନ)

—ଇତି ଅରକ୍ଷିତ—

ଅନ୍ନ—ପ୍ରଭୁ ହେ ! ଏ ଫେର୍ କଅଣ କଲ ? ସତେ କଅଣ ସେ ଶ୍ରୀକ୍ଷେତ୍ରରେ ଥିବେ ? ସତେ କଅଣ ଏ ଅଭାଗୀ ତାଙ୍କ ଚରଣଦର୍ଶନ ପାଇବ ? ଜଗନ୍ନାଥେ ! ତମେ ଜାଣ । ପ୍ରଭୁ ! ମାରି ଦିଅ, ଆଉ ସାର ହଅ ନାହିଁ । (ଦୁଃଖରେ ଚକ୍ଷୁ ଦୁଇଟି ଲୋତକରେ ପୂର୍ଣ୍ଣ ହୋଇଯିବା)

( ନୂଆବୋହୂର ପ୍ରବେଶ )

ନୂ : ବୋ—କ ଗୋ ! ତମେ ଆସି ଏଠି, ମୁଁ ତେଣେ ଘର ଘର ଖୋଜୁଛି ।

ଅନ୍ନ—( କାନରେ ଲୁହ ପୋଛୁବା )

ନୂ: ବୋ:—କଗୋ ! ତମେ କାନ୍ଦୁଥିଲ କି ? କାହିଁକି ମ ? ଏଠି ଇମିତ ଗୁନ୍ହି ହୋଇ ବସିଛ କାହିଁ ?

ଅନ୍ନ—ନାଁ ଏଣିକି ଟିକିଏ ବୁଲିବାକୁ ଆସିଥିଲି । ନୂଆବୋହୂ ! ମତେ କାହିଁକି ଖୋଜୁଥିଲ କି ?

ନୂ: ବୋ:—ଗୁଲ ମୁଁ, ବସି ଦୁଃଖ ସୁଖ ହେବା । ଏକୁଟିଆଟି ମତେ କିଛି ଭଲ ଲାଗୁ ନାହିଁ । ତମେ ପାଖରେ ନ ଥିଲେ କାମରେ ମୋ ମନ ଲାଗେ ନାହିଁ । ହଇଗୋ ! କମଳୀ ରାଣ୍ଡୀ ଏଣେ ଆସିଥିଲା କି ?

ଅନ୍ନ—ହଁ, ଆସିଥିଲା । ପାଣି ନେଇ ଗଲାଣି । କାହିଁକି ? କଅଣ ହେଲା କି ?

ନୂ: ବୋ:—(ସ୍ୱଗତ) କାଲେ ଏ ଟୋକୀକି କିଛି କହି ଦେଇଥିବ । କେତେ ଜଗିବି ଏବେ ! (ପ୍ରକାଶ୍ୟେ) ନାଇଁ ମ, ହବ କଅଣ ? ସେଉଟା ସାଙ୍ଗରେ ଆଉ ମିଶିବ ନାହିଁ । ଆସ ଯିବା ।

( ଉଭୟଙ୍କର ପ୍ରସ୍ଥାନ )

—ଯବନିକା—

## ପଞ୍ଚମ ଦୃଶ୍ୟ

(ପୁରୀ ଶ୍ରୀମନ୍ଦିରର ସିଂହଦ୍ୱାର ସମ୍ମୁଖ । ବେତ୍ରଧାରୀ ପ୍ରହରୀ ଦ୍ୱୟ ଦଣ୍ଡାୟମାନ । ଅଦୂରେ ପତିତପାବନଙ୍କର ମୂର୍ତ୍ତି, ସମ୍ମୁଖରେ ଅରୁଣସ୍ତମ୍ଭ । ଅରୁଣସ୍ତମ୍ଭର ଅନତିଦୂରରେ ବଡ଼ଦାଣ୍ଡ । ବଡ଼ଦାଣ୍ଡର ଏକପାର୍ଶ୍ୱରେ କେତେ ଜଣ ଭିକାରୀ ସେମାନଙ୍କର କନାଖଣ୍ଡମାନ ନିଜ ନିଜ ସମ୍ମୁଖସ୍ଥ ଭୂମିରେ ଭିକ୍ଷା ସଂଗ୍ରହାର୍ଥ ସଂପ୍ରସାରଣ କରି ଉପବିଷ୍ଟ । ଏହି ସମୟରେ ଦଳେ ପଶ୍ଚିମା ଯାତ୍ରୀ ଭଜନ ଗାଇ ପ୍ରବେଶ କଲେ )

ଭଜନ

"ଠାକୁର୍ ଭଲେ ବିରାଜୋ ଜୀ, ଓଡ଼ିଶା ଜଗନ୍ନାଥ ପୁରୀମେ
ଭଲେ ବିରାଜୋଜୀ ।
କବ୍ ସେ ଛୋଡ଼ି ମଥୁରାନଗରୀ କବ୍ ସେ ଛୋଡ଼ି କାଶୀ
ଝାଡ୍ ଖଣ୍ଡମେ ଆୟ୍ ବିରାଜେ ବୃନ୍ଦାବନକେ ବାସୀ । ୧ ।
ଗାଓଁ ଗାଓଁ ମେ ବାଗବଗିଚ୍ଚ ଗଲି ଗଲି ଫୁଲୱାରୀ
ଘର୍ ଘର୍ ଦେଖୋ କେଲି ନାରିୟଲ୍ ଘର୍ ଘର୍ ଠାକୁର
ବାରୀ "ଠାକୁର୍..."

ଜୟ, ବଲଦେବଜୀକୀ ଜୟ !
ଜୟ, ସୁଭଦ୍ରା ମାଈକୀ ଜୟ ! !
ଜୟ ଜଗନ୍ନାଥ ସ୍ୱାମୀକୀ ଜୟ !

(ଗୀତାନ୍ତେ ଯାତ୍ରୀମାନେ ଭିକାରୀମାନଙ୍କ ସମ୍ମୁଖରେ ସଂପ୍ରସାରିତ ବସ୍ତ୍ର ଉପରେ ତଣ୍ଡୁଲ ପଇସା ଦାନକରି ଶ୍ରୀମନ୍ଦିର ମଧ୍ୟରେ ପ୍ରବେଶ କଲେ । ତତ୍ପରେ ଦଳେ ବୈଷ୍ଣବ କୀର୍ତ୍ତନ କରି ମନ୍ଦିର ମଧ୍ୟରୁ ବହିର୍ଗତ ହେଲେ । ସେମାନଙ୍କ ପଶ୍ଚାତରେ ଭାବବିହ୍ୱଳ ରଘୁନାଥ ପ୍ରବେଶ କଲେ । ବୈଷ୍ଣବ-ମାନେ ପ୍ରସ୍ଥାନ କଲା ପରେ ରଘୁନାଥ ଉପବିଷ୍ଟ ଭିକାରୀମାନଙ୍କ ସହିତ ଯୋଗଦାନ କରି ଭୂମି ଉପରେ ଉପବେଶନ କଲେ ।)

—ଈଁ ଅରକ୍ଷିତ—

ପ୍ର: ଭିକାରୀ—କିରେ ରଘୁଆ ! କେଉଁଠି ଏତେବେଳଯାଏ ପଶିଥିଲୁ କିରେ ? ଦେଖ୍ ଯାତ୍ରୀମାନେ ଆମକୁ କେତେ ପଦାର୍ଥ ଦେଇ-ଗଲେ । ତୁ ଟା କିଛି କାମର ନୋହୁ । କିରେ, ବେଳରେ ଆସିଲେ ସିନା ମିଳବ !

ଦ୍ୱି: ଭି:—ରଘୁଆଟା ତ ଧନଗାଈ ଖାଲି ଜଗମୋହନରେ ପଶିବ, କୀର୍ତ୍ତନ କରି ବୁଲିବ, ବାବାଜୀମାନଙ୍କ ପଛରେ ଗୋଡ଼େଇବ, ତାର କଅଣ ଭିକ ମାଗିବାରେ ମନ ଅଛି, ନା ତାକୁ ବେଳ ଅଛି ?

ପ୍ର: ଭି:—ଭିକ ତ ମାଗିବ ନାହିଁ, ଆଉ ଭିକାରୀ ହେଲା କିଆଁ ?

ଦ୍ୱି: ଭି:—ସେ କହେ ଗୋଟାଏ ତ ପେଟ, ସବୁବେଳେ ଭିକ ମାଗି ଫଳ କଅଣ ? ଜଗନ୍ନାଥେ ଦେବେ ନାହିଁ ଯେ !

ପ୍ର: ଭି:—ଜଗନ୍ନାଥେ ବଳେବଳେ ଗୁଞ୍ଜି ଦେଇଯିବେ ନା କଅଣ ? ତା ହେଲେ ସଂସାରରେ ଭିକାରୀ କମାରୁ ଦେଖିବାକୁ ମିଳନ୍ତେ ନାହିଁ ପରା ! ଦାନଧର୍ମ ତ ସଂସାରରୁ ଉଠି ଯାଆନ୍ତା ।

ରଘୁ—ପେଟପାଇଁ ସିନା ଭିକ୍ଷା, ଭାଇ ! ପେଟପୂରିଲେ ଭିକ୍ଷାରେ କି ଫଳ ? ବେଳ ମିଳିଲେ ଟିକିଏ ପ୍ରଭୁଙ୍କ ନାମ କୀର୍ତ୍ତନ କଲେ ସିନା ଏ ମନୁଷ୍ୟଜନ୍ମ ସାର୍ଥକ ! ଧନଗାଈ ଏ ପୋଡ଼ା ପେଟଚିନ୍ତା ଆଉ ଧନଚିନ୍ତା କରି ଲାଭ କଅଣ ?

ପ୍ର: ଭି:—ଆରେ ! ଶିବରାମ ଶେଠୀ ମହାଜନ ଆଜି ଜଗନ୍ନାଥବଲ୍ଲଭ ମଠରେ କାଙ୍ଗାଳି ମଉଚ୍ଛବ କରୁଛି । ଆ ! ଯିବା, ବେଳ ହୋଇଗଲାଣି ।

ରଘୁ—ନାଁ, ଭାଇ ! ତମେମାନେ ଯାଅ । ମୁଁ ଏଠି ବସି ଟିକିଏ ଭଜନ କରେ । ସନ୍ଧ୍ୟା ହୋଇ ଆସିଲାଣି ।

ଦ୍ୱି: ଭି:—ଆରେ ! ତାକୁ ଡାକୁଛୁ କିଆଁ ? ସେ କଅଣ ଯିବ ? ଚାଲ୍ ଆମେ ଯିବା । (ଭିକାରୀ ଦୁଇ ଜଣଙ୍କର ପ୍ରସ୍ଥାନ)

—ରଘୁଅରକ୍ଷିତ—

ରଘୁ— ଭଜନ ଗୀତ

ଭଜମନ ମଧୁସୂଦନ

ଭଜି ଭଜି ତୋର ଯାଉ ଜୀବନ । ଘୋଷା ।

ମଧୁଠାରୁ ବଳି ମଧୁର ସେ ନାମ ସେ ନାମେ ତ୍ରିତାପ ହେବ ଦହନ।
ନ ରହିବ ଭ୍ରାନ୍ତ, ଲଭିବୁରେ ଶାନ୍ତ, କଟିଯିବ ଭବ-ମାୟା-ବନ୍ଧନ । ୧
ପାଳକ ରକ୍ଷକ ତାରକ ସେ ନାମ କୋଟି କୋଟି ଜୀବେ ବସେ ଅବିରାମ ।
ଛାଡ଼ି ଅନ୍ୟ ଆଶା, କରରେ ଭରସା, ଆଭୟ ଚରଣେ ଦେବେ ଶରଣ । ୨ ।

(ଜନୈକ ଭିକ୍ଷୁକ ପ୍ରବେଶ କରି)

ଭିକ୍ଷୁକ—ବାଃ ରେ ରଘୁଭାଇ ! ତୁ ଏଠି ବସି ଗୀତ ବୋଲୁଛୁ, ମୁଁ ତେଣେ ତତେ ଖୋଜି ଖୋଜି ଥକିଲିଣି । ମୋ ଭଳି ଲୋକ ତ ତତେ ପାଇବାର କାଠିକର ପାଠ, ଆଉ ସେ ନୂଆ ଲୋକ—ବିଦେଶୀ ଯାତ୍ରୀଗୁଡ଼ାକ ତତେ ପାଆନ୍ତେ କିପରି ? ହଉ, ଯାହା ତ ହବାର ହେଲାଣି । ଶୁଣ, ତମ ଘରୁ କେତେ ଜଣ ଲୋକ ଆସି ତତେ ଖୋଜୁଥିଲେ, ବୁଝିଲୁ ?

ରଘୁ—ମୋର ଫେର୍ ଘର କୁଆଡ଼ୁ ଆସିଲା ?

ଭିକ୍ଷୁକ—ଆରେ ! ସେକଥା କଅଣ ମତେ ଜଣାଅଛି ? ସେହି ଲୋକ-ଗୁଡ଼ାକ ତୋର କେହି ହବା ପରି ଜଣାପଡ଼ୁଥିଲେ । ତୋ ସଙ୍ଗେ ଦେଖା କରିବାକୁ ମୋର ତର ନାହିଁ । ହେଇଟି ନେ, ତତେ ଦେବାକୁ ଖଣ୍ଡେ ଚିଠି ସେମାନେ ମତେ ଦେଇ ଯାଇଛନ୍ତି । ନେ, ପଢ଼ । ଆଉ ଶୁଣ, ସେମାନେ କହି ଯାଇଛନ୍ତି ଚିଠି ପଢ଼ି ଚଞ୍ଚଳ ଗାଁକୁ ଯିବୁ । ଦଣ୍ଡେ ହେଲେ ହେଳା କରିବୁ ନାହିଁ । ଆ, ମୁଁ ଯାଉଛି । ମଉଛା ବେଳ ହୋଇଗଲାଣି । (ପ୍ରସ୍ଥାନ)

ରଘୁ—( ପତ୍ର ପାଠ କରିବାବେଳେ ଦୁଃଖରେ, ବିସ୍ମୟରେ, ମଝି ମଝି ଊର୍ଦ୍ଧ୍ବକୁ ଚାହିଁବା; ପରେ ଦୀର୍ଘ ନିଶ୍ୱାସ ନିକ୍ଷେପ କରି) ହାୟ ! ହାୟ !

— ରଘୁଅରକ୍ଷିତ—

ଏ କଅଣ ହେଲା ? ଅନ୍ନ ମୋର ପରହସ୍ତକୁ ଯିବ ? ଅଗ୍ନିଦେବଙ୍କୁ, ଦଶଦିଗପାଳଙ୍କୁ ସାକ୍ଷୀ କରି, ଜ୍ଞାତିକୁଟୁମ୍ବ, ବନ୍ଧୁ ବାନ୍ଧବ, ବ୍ରାହ୍ମଣ-ବୈଷ୍ଣବମାନଙ୍କ ସାକ୍ଷାତରେ ଯାହାକୁ ଧର୍ମପତ୍ନୀ ରୂପେ ଗ୍ରହଣ କରିଥିଲି—ଯାହାଠାରେ ଏ ହୃଦୟ ଅର୍ପଣ କରିଥିଲି—ଯାହାକୁ ଜୀବନର ଚିରସଙ୍ଗିନୀ କରିଥିଲି, ମୁଁ ଜୀବିତ ଥାଉଁ ଥାଉଁ ସେହି ଅନ୍ନ ମୋର ଅନ୍ୟ ପୁରୁଷର ପାଣିଗ୍ରହଣ କରିବ ! ଓଃ ! କି ଅବିଚାର ! ହଉ, ମୋର ଅବା କି ଗତି ! ଭାବିଥିଲି, ପିତୃଗୃହରେ ଅନ୍ନ ମୋର ସୁଖରେ ଥିବ; କିନ୍ତୁ ଏ କଅଣ ହେଲା ? ଓହୋଃ ! ପ୍ରଭୁ ହେ ! ଏ ପୋଡ଼ାପ୍ରାଣରେ ଆଉ କେତେ ଦୁଃଖ ସହିବି ? ମୋର ସବୁ ଯାଇଥିଲା, ସହିଥିଲି; ମାତ୍ର ମୁଁ ବଞ୍ଚି ଥାଉଁ ଥାଉଁ ମୋର ଅନ୍ନପୂର୍ଣ୍ଣାକୁ ଅନ୍ୟ ଜଣେ ବଳାତ୍କାରରେ ଗ୍ରହଣ କରିବ, ଏହା ସହ୍ୟ କରିବି କିପରି ? ପ୍ରଭୁ ! ତୁମ୍ଭ ପରି ଦୟାମୟ ଥାଉଁ ଥାଉଁ ଏ ଅଧର୍ମ—ଏ ଅନ୍ୟାୟ ପୃଥିବୀ ସହ୍ୟ କରିବ କିପରି ? ତେବେ ସଂସାରରୁ ଧର୍ମ କଅଣ ଲୋପ ହୋଇଗଲା ? ଚନ୍ଦ୍ରସୂର୍ଯ୍ୟ କଅଣ ଉଭେଇ ଗଲେ ? ନୀଳଚକ୍ରରୁ କଅଣ ପତିତ-ପାବନ-ବାନା ଖସି ପଡ଼ିଲା ? ପୃଥିବୀ କଅଣ ରସାତଳଗାମୀ ହେଲା ? ( ପତ୍ରକୁ ଚାହିଁ ) ଓଃ ! ଅନ୍ନ ମୋର କେଡ଼େ ବ୍ୟାକୁଳରେ ଚିଠି ଲେଖିଛି—ଯିବା ପାଇଁ କେତେ କାତର ପ୍ରାର୍ଥନା କରିଛି ! ଉପାୟ ତ ନାହିଁ । ବିବାହ ତିଥି ତ ଆଉ ଦୁଇ-ଦିନ ମାତ୍ର ଅଛି । ବାଟକୁ ଚାହିଁଲେ ଆଖି ପାଉ ନାହିଁ । ହାୟ ! କାହିଁକି ମୁଁ ଅନ୍ନର ସ୍ୱାମୀ ହୋଇଥିଲି ? ଅସହାୟ ପତ୍ନୀକୁ ପ୍ରତାରକ ହସ୍ତରୁ, ଦସ୍ୟୁର କବଳରୁ ଉଦ୍ଧାର କରିପାରିଲି ନାହିଁ । ଓଃ ! ! ଓଃ ! ! ( ନୀଳଚକ୍ରକୁ ଓ ପତିତପାବନକୁ ଚାହିଁ, କର-ଯୋଡ଼ି ) ହେ ଅଶରଣର ଶରଣ ! ହେ ଅନାଥର ନାଥ ! ହେ ଅଗତିର ଗତି ! ଅନ୍ନକୁ ମୋର ତୁମ୍ଭର ଅଭୟ ବାହୁଚ୍ଛାୟା ତଳେ ଆଶ୍ରୟ ଦିଅ । ତୁମ୍ଭ ପରି ପ୍ରଭୁ ଥାଉ ଥାଉ ଅନ୍ନ ମୋର—ସହଧର୍ମିଣୀ

ମୋର—ଜଗତରେ ଏକମାତ୍ର ଆତ୍ମୀୟ ମୋର ପର ହସ୍ତଗତା ହେଲେ ଏ ନନ୍ଦା ତୁମ୍ଭଙ୍କୁ ନୁହେଁ କି ପ୍ରତ୍ୟେ ! ହେ ପତିତପାବନ ! ହେ ବିପଦବାନ୍ଧବ ! ରକ୍ଷା କର, ଅନ୍ଧକୁ ମୋର ରକ୍ଷା କର !!

( ରଘୁ ଚେତନାଶୂନ୍ୟ ହୋଇ ଭୂମିରେ ପତିତ ହେଲେ । ଗୀତ ଗାଇ ଗାଇ ବାଳକବେଶୀ ଶ୍ରୀକୃଷ୍ଣଙ୍କର ପ୍ରବେଶ )

ଗୀତ

ଭକତ ଆତ୍ତେ, ଡାକୁଛି ମୋତେ, ରହି କି ପାରେ, ମୁହିଁ ନିଷ୍ଠଳେ ।
ମରମ ଗ୍ରନ୍ଥି, ହେଉଛି ମନ୍ଥି, ବାଜି ତା ବାଣୀ ଶ୍ରବଣ ମୂଳେ ॥

ଭକତ ମୋ ହୃଦ କୌସ୍ତୁଭ ମଣି
ତା ଅନ୍ତର ପ୍ରେମ-ପୀୟୂଷ ଖଣି,

ଭକତ ମୋର, ମୁହିଁ ତାହାର, ଚରଣେ ବନ୍ଧା ଭକତି-ଡୋରେ ॥

ବା: ଶ୍ରୀକୃଷ୍ଣ— ( ଗୀତାନ୍ତେ ) ହାୟ ! ଭକ୍ତ ମୋର କେଡ଼େ ଆତୁରରେ ମତେ ଡାକି ଡାକି ଅଚେତା ହୋଇ ଭୂଇଁ ଉପରେ ପଡ଼ିଛି ! ଆହା ! ମୁହଁଟି ମଳିନ ପଡ଼ି ଆଖିକୋଣରୁ ଦୁଇ ଧାର ଲୁହ ଗଡ଼ିଯାଇଛି ! ଭୂଇଁରେ ହଠାତ୍ କମ୍ପିତ ହୋଇ ପଡ଼ିଯିବାରୁ ତା ଦେହରୁ ରକ୍ତ ବୋହୁଛି । ଓଃ ! କି କଷ୍ଟ ! ( ରଘୁନାଥ ଦେହରେ ହାତ ବୁଲାଇ ) ଚିନ୍ତା ନାହିଁ, ଯେତେବେଳେ ମୋ ଉପରେ ସମସ୍ତ ଭାର ଅର୍ପଣ କରିଛୁ, ତୋର ଆଉ ଦୁଃଖ କରିବାର କିଛି କାରଣ ନାହିଁ । ତୋ ଭାର ମୁଁ ନେଲି । ମୋ ଆଦେଶରେ ବାୟୁଦେବତା ତୋର ଏହି ଶରୀରକୁ ଶନ୍ୟେ ଶୂନ୍ୟେ ବହି ନେଇ ତୋ ଶ୍ୱଶୁରଘର ସମ୍ମୁଖରେ ରଖିଦେଇ ଆସିବେ । ସେହିଠାରେ ତୋର ରାତ୍ରି ପ୍ରଭାତ ହେବ ।

( ବାଳକବେଶୀ ଶ୍ରୀକୃଷ୍ଣଙ୍କର ପ୍ରସ୍ଥାନ )

[ ରଘୁନାଥର ଶରୀର ଊର୍ଦ୍ଧ୍ୱକୁ ଉଠୁଥିବା ସମୟରେ ]

**ଯ ବ ନି କା ପ ତ ନ**

—ରଘୁଅରକ୍ଷିତ—

# ଚତୁର୍ଥ ଅଙ୍କ

## ପ୍ରଥମ ଦୃଶ୍ୟ

ଗଙ୍ଗାଧର ଗୃହସମ୍ମୁଖସ୍ଥ ପଥ

କାଳ—ପ୍ରଭାତ

[ଭୂମି ଉପରେ ରଘୁନାଥ ଶାୟିତ । ପ୍ରଭାତକାଳୀନ ଶୀତଳ ବାୟୁ ସ୍ପର୍ଶରେ ନିଦ୍ରା ଭଗ୍ନ ହୋଇଗଲେ ମୁଦ୍ଧା ଚକ୍ଷୁ ମୁଦ୍ରିତ । କିଛି କ୍ଷଣ ପରେ "ଜୟ ଜଗନ୍ନାଥ ! ଜୟ ମଧୁସୂଦନ" କହି ପ୍ରଣାମ କଲେ । ଅନନ୍ତର ଆଲସ୍ୟପୂର୍ଣ୍ଣ ଅର୍ଦ୍ଧ ନିମୀଳିତ ନୟନରେ କହିଲେ—]

ରଘୁ—କାହିଁ ? ଆରତି-ଘଣ୍ଟା, ଶଙ୍ଖଧ୍ୱନି, ହରିବୋଲ ଡାକ ତ ଶୁଭୁ ନାହିଁ ? ତେବେ କଅଣ ଆରତି ଅବକାଶ ବଢ଼ିଗଲାଣି କି ? ଓଃ ! ଆଜି କେତେବେଳଯାଏ ଶୋଇପଡ଼ିଲି । [ଚକ୍ଷୁ ଫିଟାଇ ଚାରିଆଡ଼କୁ ଚାହିଁ] ଏ କଅଣ ? ଏ କେଉଁ ସ୍ଥାନ ? (ଉଠି ଦଣ୍ଡାୟମାନ ହୋଇ) ପ୍ରଭୁଙ୍କ ସିଂହଦ୍ୱାର କାହିଁ ? ଅରୁଣସ୍ତମ୍ଭ କାହିଁ ? ପତିତପାବନ କାହାନ୍ତି ? ବଡ଼ଦାଣ୍ଡ କାହିଁ ? ଏଁ !! ଏ କଅଣ ହେଲା ? ମୁଁ କଅଣ ସ୍ୱପ୍ନ ଦେଖୁଛି । ମୁଁ ତ କିଛି ବୁଝି ପାରୁନାହିଁ ! ଜଗନ୍ନାଥେ ! ଏ କଅଣ କଲ ? ତୁମ ଦର୍ଶନରୁ ଦାସକୁ ବଞ୍ଚିତ କଲ କାହିଁକି ? ଓଃ ! କି ହତଭାଗା, କି ଅପରାଧୀ ମୁଁ ! ଜୀବନରେ କୌଣସିଠାରେ ମୋର ଶାନ୍ତି ନାହିଁ ! ପିତାମାତା, ଧନଜନ ସମସ୍ତ ହରାଇ ଦୀନବନ୍ଧୁଙ୍କ ଚରଣତଳେ ଶରଣ ପଶିଥିଲି, ତାଙ୍କର ଶ୍ରୀମୁଖ ଚାହିଁ ଚାହିଁ ଦିନ

କାଟୁଥିଲି, ସେତକ କି ମୋ ଦୁର୍ଭାଗ୍ୟକୁ ହେଲା ନାହିଁ ? ଧିକ୍ ମୋ ଜୀବନକୁ ! ହାୟ ! ଏ କି ବିପଦ ! କଅଣ କରିବି ? କୁଆଡ଼େ ଯିବି ? (ଧୀରେ ଧୀରେ ଗୃହ ଅଭିମୁଖରେ ଅଗ୍ରସର ହୋଇ) ଏ କାହାର ଘର ? ଏ ସ୍ଥାନଟା ତ ପରିଚିତ ପରି ବୋଧହେଉଛି ! (ଗୃହର ନିକଟବର୍ତ୍ତୀ ହୋଇ) ଏ ! ଏ ତ ଅନ୍ୟ ଘର ! (କିଛି କ୍ଷଣ ବିସ୍ମିତଭାବରେ ଦଣ୍ଡାୟମାନ ହେବା ପରେ ଗତ ସ୍ୱପ୍ନ ଘଟଣାର ସ୍ମୃତି ଜାଗ୍ରତ ହେବାରୁ) ବୁଝିଲି ! ବୁଝିଲି, ମହାପ୍ରଭୁ ! ଏ ଅଧମ ଦାସ ପ୍ରତି ତୁମ୍ଭର ଅପାର କରୁଣା । ତା ହୋଇ ନ ଥିଲେ କରୁଣା-ସାଗର ବୋଲି ଜଗତରେ ଡକା ପଡ଼ୁଥାଆନ୍ତା କାହିଁକି ? ଅନାଥ-ବନ୍ଧୁ, ଅଧମତାରଣ ବୋଲି ଚରାଚର ଘୋଷୁଥାଆନ୍ତା କାହିଁକି ? ଧନ୍ୟ ପ୍ରଭୁ ! ଧନ୍ୟ ତୁମ୍ଭ କରୁଣା ! ଗରିବର ଗୁହାରି ଶ୍ରୀମୁଖଙ୍କର ଶ୍ରୁତିଗୋଚର ହୋଇଛି ପ୍ରଭୁ ! ଶ୍ରୀଚରଣ ତଳେ ଏ ଦାସର ଏତିକି ପ୍ରାର୍ଥନା—ଦାସ ପ୍ରତି ଏ କରୁଣା ଚିରକାଳ ଥାଉ ପ୍ରଭୁ !

(ଆନନ୍ଦ ଓ କୃତଜ୍ଞତା ପ୍ରକାଶ)

(ଦ୍ୱାର ଫିଟାଇ ଚନ୍ଦ୍ରପାଣିର ପ୍ରବେଶ)

ଚନ୍ଦ୍ର—କିଏ ରେ ତୁ ?

ରଘୁ—ଜଣେ ଭିକାରୀରେ ବାପ !

ଚନ୍ଦ୍ର—ଭିକାରୀଟା ସକାଳୁ ଆମ ଦୁଆରେ କାହିଁ ରେ ? ଏଠି ଭିକ ମିଳିବ ନାହିଁ, ଯାଃ । ନଇଲେ ଚଣ୍ଡଭାଇକୁ ଡାକଦେବି ଯେ ଇଲାଗେ ଆସି ପିଟିବେ । ଭଲ ଗଧ ଅଛୁ ତ ପଳା କହୁଛି, ହାଁ !

ରଘୁ—ପଳେଇବି, ପଳେଇବା ପାଇଁ କଅଣ ପ୍ରଭୁ ଏଠାକୁ ପଠେଇଛନ୍ତି ?

ଚନ୍ଦ୍ର—ଯାଃ, ଏଠି ଭିକଫିକ ମିଳିବ ନାହିଁ ।

ରଘୁ—ମୁଁ ତ ଭିକ ମାଗିବାକୁ ଆସି ନାହିଁ ।

ଚନ୍ଦ୍ର—ତେବେ କଅଣ ଚୋରି କରିବାକୁ ଆସିଛୁ ?

ରଘୁ—ଚୋରି ? ଚୋରି କରିବି କାହିଁକି ?

— ରଘୁଅରକ୍ଷିତ —

ଚନ୍ଦ୍ର—ତେବେ ଆସିଛୁ କାହିଁକି ?

ରଘୁ—ଆସିଛି ତୁମ ଅପାଙ୍କ ପାଖକୁ—

ଚନ୍ଦ୍ର—ମୋ ଅପାଠେଇଁ ତୋର କି କାମରେ ?

ରଘୁ—ତୁମ ଅପାଙ୍କୁ ଥରେ ଦେଖିବି, ତାଙ୍କ ସଙ୍ଗେ ପଦେ କଥା ହେବି ।

ଚନ୍ଦ୍ର—ମୋ ଅପାକୁ ତୁ ଭିକାରିଟା କାହିଁକି ଦେଖିବୁ ରେ ? ତୋର ତ ଖୁବ ସାହସ !

ରଘୁ—ତମ ଅପା ଯେ ମୋର—

ଚନ୍ଦ୍ର—ମୋ ଅପା ତୋର ? କରେ ! ତୋ ମୁହଁ ତ ଖୁବ ବଢିଯାଉଛି ! ମୋ ଅପା ରାଣୀ, ସେ କିଆଁ ତୋର ହବ ? ପଳା କହୁଛି; ନଇଲେ ନୂଆ କୋଇଁ ସାଆନ୍ତଙ୍କୁ କହି ପଠେଇବି ଯେ ସେ ତତେ ଧରି-ନେଇ ହରକାଠରେ ପକେଇ ଦେବେ, ହୁଁ ! !

ରଘୁ—ବାଃ ! ନୂଆ କୋଇଁ ସାଆନ୍ତେ ତ ତୁମ ସମସ୍ତଙ୍କୁ ବେଶ୍ ପଟେଇ ନେଲେଣି ।

ଚନ୍ଦ୍ର—କାହିଁକି ନ ନେବେ ? ନୂଆ କୋଇଁ ସାଆନ୍ତ ଆମ ରାଇଜର ମନ୍ତ୍ରୀ ।

ରଘୁ—ନୂଆ କୋଇଁ ସାଆନ୍ତ ! ! (ହସି) ହାଃ ! ହାଃ ! ପୁରୁଣା ଥାଉ ଥାଉ ନୂଆର କି ଅଧିକାର ?

ଚନ୍ଦ୍ର—ପୁରୁଣା ? ପୁରୁଣା ଗୋଟେ କିଏ ରେ ?

ରଘୁ—ପୁରୁଣାଟାକୁ ଏତେ ଶୀଘ୍ର ଭୁଲିଗଲ ? ହଁ, କାହିଁକି ନ ଭୁଲିବ ? ପୁରୁଣାର ଆଉ କଅଣ ସେ ପୂର୍ବ କଥା ଅଛି କି ଚନ୍ଦ୍ରବାବୁ !!

ଚନ୍ଦ୍ର—ତୁ ମୋ ନାଁ ଜାଣିଲୁ କମିତିରେ ?

ରଘୁ—ତୁମେ ସିନା ଭୁଲିଗଲ, ଚିହ୍ନିପାରୁ ନାହଁ, ମାତ୍ର ମୁଁ କି ଭୁଲିପାରେ, ଚନ୍ଦ୍ର ? ଅନ୍ନ ଯେତେବେଳେ ମୋର, ଅନ୍ନର ସମସ୍ତେ ଯେ ମୋର ଆପଣାର ।

ଚନ୍ଦ୍ର—(ସ୍ୱଗତ) ଯାକୁ ତ ଅପାର ନାଁ ବି ଜଣା । ଏ କଅଣ ଆମର ପୁରୁଣା କୋଇଁ ସାଆନ୍ତ ହେବେ କି ? (ନିରେଖି) ହଁ, ତାଙ୍କର ପରି ମୁହଁ

ଦିଶୁଛି ! ( ପ୍ରକାଶ୍ୟେ, ଅତି ଧୀର ସଙ୍କୁଚିତ ସ୍ୱରରେ ) ତମେ ତେବେ ଆମ ପୁରୁଣା କୋଇଁସାଆନ୍ତ ?

ରଘୁ—ଏତେବେଳକୁ ଚିହ୍ନିପାରିଲ !

ଚନ୍ଦ୍ର—ସତେ ? ଆରେ ବାଃ, ନମସ୍କାର ! ନମସ୍କାର ! ଆସ, ଆସ, ( ହାତଧରି ଟାଣି ) ମୁଁ ଯାଏଁ ଭାଇଙ୍କୁ ଡାକିଆଣେ । ଅପାକୁ କହି ଦିଏଁ । ଭାଇ ! ଭାଇ ! ଅପା ! ଅପା !

[ ଉଚ୍ଚସ୍ୱରରେ ଡାକି ଡାକି ପ୍ରସ୍ଥାନ ]

ରଘୁ—ସତେ କଅଣ ଏତେ ଦିନ ପରେ ମୋର ଅନ୍ନ ସହିତ ଦେଖା ହେବ ! ହଁ, ଜଗନ୍ନାଥେ ! ସବୁ କଥା ତୁମକୁ ଗୋଚର ! ଦାସର ବା କି ଶକ୍ତି ! ଆହା ! ମୋ ଦୁଃଖରେ ଅନ୍ନର ହୃଦୟରେ କି ଯାତନା ହେଉ ନ ଥିବ !

( ଉପବେଶନ )

( ଧୀରପାଣି, ଚନ୍ଦ୍ରପାଣି ଓ ଚକ୍ରପାଣିର ପ୍ରବେଶ )

ଚନ୍ଦ୍ର—ହେଇଟି, ଭାଇ ! ଦେଖିଲଣି ଆମ ପୁରୁଣା କୋଇଁସାଆନ୍ତ !

ଧୀର—( ଆଶ୍ଚର୍ଯ୍ୟାନ୍ୱିତ ହୋଇ ) ଏଁ ! ଆପଣ ! ! ( ନିକଟକୁ ଯାଇ ରଘୁନାଥର ହାତ ଧରି ଉଠାଇ ) ଓହୋ ! ଆଜି କେଡ଼େ ସୁଯୋଗରେ ରାତି ପାହିଥିଲା ! ବହୁ ଦିନ ପରେ ଆପଣଙ୍କ ଦର୍ଶନ ମିଳିଲା ! ଆସନ୍ତୁ, ଆସନ୍ତୁ । ଆଉ ଭୂଇଁଟା ଉପରେ ବସନ୍ତୁ ନାହିଁ ।

( ଧୀରପାଣି, ଚନ୍ଦ୍ରପାଣି ଓ ରଘୁନାଥର ପ୍ରସ୍ଥାନ )

ଚକ୍ର—( ବିସ୍ମିତ ଭାବରେ ) କଅଣ ଦେଖୁଛି ? ଏ କଣ ସତ୍ୟ ନା ସ୍ୱପ୍ନ ! ଠିକ୍ ତ ସେହି ! ଏବେ ଉପାୟ ?

( ଧୀରେ ଧୀରେ ପ୍ରସ୍ଥାନ )

—ରଘୁଅରକ୍ଷିତ—

## ଦ୍ୱିତୀୟ ଦୃଶ୍ୟ

ଗଙ୍ଗାଧର ଗୃହର ଗୋଟିଏ ପ୍ରକୋଷ୍ଠ

( କୁଣ୍ଢେଇପେଡ଼ି ଧରି ଚନ୍ଦ୍ରପାଣି ଛିଡ଼ାହୋଇ )

ଚନ୍ଦ୍ର—(କିଛି କ୍ଷଣ ପରେ)—ଏଁ ! ମୋ ପାଟକନା ଖଣ୍ଡେ କୁଆଡ଼େ ଗଲା ? ( କୁଣ୍ଢେଇପେଡ଼ିରୁ କନାଟିକ କାଢ଼ି ) କାହିଁ ? ପେଡ଼ି ଭିତରେ ତ ନାହିଁ । ଯାଏଁ, ଦେଖେଁ ।

( କୁଣ୍ଢାଇପେଡ଼ିକୁ ଛାଡ଼ିଦେଇ ପ୍ରସ୍ଥାନ )

( ବିପରୀତ ଦିଗରୁ ନୂଆବୋହୂର ପ୍ରବେଶ )

ନୂ: ବୋ—ମଲି ! ଏ କି ଆଚମ୍ବିତ କଥା ଲୋ, ମା ? ଏ ଫେର କୁଆଡ଼ୁ ଆସି ପହଞ୍ଚିଗଲେ ? ବାହାଘର ହେବ ବୋଲି କେତେ ଯୋଗାଡ଼, କେତେ କଅଣ ହେଉଛି, ସବୁ ସିନା ଚୂଲିରେ ପଶିଲା ? ମୁଁ ଜାଣେ ପରା, ସେ ଅଭାଗୀ ଲକ୍ଷ୍ମୀଛାଡ଼ୀର କପାଳରେ ବିହି ଟିକିଏ ହେଲେ ସୁଖ ଲେଖି ନାହିଁ । ନିଜେ ଦହଗଞ୍ଜ ହେବ, ଲୋକଙ୍କୁ ଦହଗଞ୍ଜ କରି ମାରିବ । ମୁଁ ଏବେ କରେଁ କଅଣ ? ଯାହା ତ ହେବାର ହେଲାଣି, ଏବେ ସେକଥା କେମିତି ପ୍ରଘଟ ନ ହେଉ, ନଇଲେ ମତେ ସାଇ ମାଇପେ ବସେଇ ଉଠେଇ ଦେବେ ନାହିଁ । ଆହା ! କେତେ ଆଶା କରିଥିଲି ! ବାହାଘରଟା ହୋଇ ଯାଇଥିଲେ ସୁନାଗହଣାରେ ଏ ଦେହଟାକୁ ଘୋଡ଼ାଇ ଦେଇଥାନ୍ତି ! ଏବେ ଯେ କଳଙ୍କ-ପସରା ମୁଣ୍ଡେଇ ବସିଲି । ଏ କୂଳ ସେ କୂଳ ଦୁଇ କୂଳରୁ ଗଲି !

( ଅବନତ ମସ୍ତକରେ ଚିନ୍ତିତ ଚନ୍ଦ୍ରପାଣିର ପ୍ରବେଶ )

ଚନ୍ଦ୍ର—କଅଣ କରୁଛ ? ନୂଆବୋହୂ ! କଥାଟା ତ ବେଳକୁ ବେଳ ବଡ଼ ବିଷମ ହୋଇ ଉଠିଲା ! ଏବେ ଉପାୟ କଅଣ ?

ନୃ: ବୋ—ଆଉ ଉପାୟ ? ତମ ବୁଦ୍ଧିରେ ପଡ଼ି ମୋର ସବୁ ଗଲା ! ମୂଳରୁ ମନା କରୁଥିଲଟି, କି ଦୁରୁଯୋଗ ଘଟିଲା କେଜାଣି, ତମ ଶୁଖିଲା କଥାରେ ଯାହା ବାଇ ହୋଇଗଲ ? ଓହୋ ! ମଣିଷ ଏବେ କି ହଟହଟା ହେଲା ?

ଚନ୍ଦ—ନୂଆବୋହୂ ! ମୋ ମୁଣ୍ଡ ଘାଉଁର ଖାଉଛୁ । ମତେ ଘଣଘଗ ଅନ୍ଧାର ଦିଶୁଛି । ଆଉ କିଛି ଉପାୟ ଖୋଜି ପାଉନାହିଁ ।

ନୃ: ବୋ—ହଉ ଯାହା ତ ହବାର ହେଲାଣି ଏବେ ରୁନ୍‌ଟାନ୍ ହୋଇ-ଯାଅ ଭଲା ! ଝିଅ ଶୁଣିଲେ ମୋର ମୁଣ୍ଡ ରହିବ ନାଁ ?

ଚନ୍ଦ—ଝିଅ ତ ବିବାହ ବିଷୟରେ ପାଟି ଫିଟାଇବେ ନାହିଁ ବୋଲି ପ୍ରତିଜ୍ଞା କରିଛନ୍ତି । ଆଉ ସେ ଭୟ କରୁଛ କାହିଁକି ? ସେକଥା ଛାଡ଼, ଏବେ କଅଣ କରିବା କହ । ତୁମେ ଯାହା କହିବ ତାହା କରିବା ।

ନୃ:ବୋ—ମଲା ! ଏ କିମିତି କଥା କହୁଛ ମ ? ତମେ ଅଣ୍ଟିର ପୁଅ, ତମକୁ କିଛି ବୁଦ୍ଧି ଦିଶୁ ନାହିଁ; ମୋର ଘରର ମାଇକିନିଆ ମୁଣ୍ଡ, ମୁଁ ଫେର୍ କଅଣ ବୁଦ୍ଧି ଦେବି ?

ଚନ୍ଦ—ତମ ହାତରେ ସବୁ ଅଛି ନୂଆବୋହୂ ! ତମ ହାତରେ ସବୁ ଅଛି । ତମେ ମନ କଲେ ଘଣ୍ଟାକ ଭିତରେ ସବୁ ଓଲଟି ଯିବ ।

ନୃ: ବୋ—ମଲା ! ମୋ ହାତରେ ଏମିତି କଅଣ ଅଛି କହୁ ନଁ ?

ଚନ୍ଦ—କହିବି ? ତୁମେ କରିବ ତ ? ଆଗେ ମୋ ଦେହ ଛୁଇଁ ସତ୍ୟ କର !

ନୃ: ବୋ—ମୋ ହାତରେ ଥିଲେ କରିବି ନାହିଁ କାହିଁକି ? ତମ କଥା କେଉଁ ଦିନ ତଳେ ପକାଇ ଦେଇଛି ଭଲା ?

ଚନ୍ଦ—ନାଁ, ନାଁ । ତୁମେ ଆଗେ ସତ୍ୟ କର ।

ନୃ: ବୋ—ହଉ, ସତ୍ୟ କଲି । ମୋର ତ୍ରିବାର ସତ୍ୟ । ସତ୍ୟ ! ସତ୍ୟ ! ସତ୍ୟ ! କହ ।

—ରଘୁଅରକ୍ଷିତ—

ଚନ୍ଦ—ବିଷ ! ବିଷ ! ବିଷ ଦବାକୁ ହବ । ନୂଆବୋହୂ ! ବୁଝିଲ ?
ନୂ: ବୋ—କଅଣ ହେଲ ? ବିଷ ଦେବ ? କାହାକୁ ମୁଁ ?
ଚନ୍ଦ—ରଘୁଆକୁ ।
ନୂ: ବୋ—ନାଁ, ନାଁ, ତମେ ମତେ ସେକଥା କହ ନା । ମାଆ ଲୋ ! ମୋ ଦହ ଶୀତେଇ ଉଠୁଛି । ହଇହେ ! ଜାଣୁ ଜାଣୁ ବିଷ ଦେଇ ମଣିଷଟାଏ ମାରି ପକେଇବି, ଅଧର୍ମ କରିବି ? ମୋ ଗତି କଅଣ ହବ ? ଲୋକେ ଶୁଣିଲେ ରଖିଦେବେଟିକି ? ନିନ୍ଦା ଅପଯଶରେ ଆଉ ଏ ସଂସାରରେ ମୁଣ୍ଡ ଟେକି ପାରିବି ନା ? ମତେ ଲୋକହସା, ଭଗାରିହସା କରିବ ନା କଅଣ ? ଏ କଥା ଶୁଣି ମୋ ଅଷ୍ଟାଙ୍ଗ ଶରୀର ବରଡ଼ାପତ୍ର ପରି ଥରଲାଣି ।
ଚନ୍ଦ—ନୂଆବୋହୂ, ଏତେବେଳେ ଏମିତି କହିଲେ ଚଳିବଟିକି ? ଭାବି ଦେଖ, କେତେ ସମ୍ପତ୍ତି, କେତେ ଗହଣା ପାଇବ ? ତୁମେ ରାଣୀ ହବ, କେତେ ପୋଇଲି ପରିବାରୀ ତୁମକୁ ଖଟିବେ । ଜାଣିଶୁଣି ଏତେଗୁଡ଼ାଏ ଧନସମ୍ପତ୍ତି ଗୋଡ଼ରେ ଠେଲି ଦିଅ ନାଁ, ନୂଆବୋହୂ ! ଖାଲି ଏତିକି ନୁହେଁ, ସୁରଥ ବାବୁ ମନ୍ତ୍ରୀ ହେଲେ ଆମ ସୁଖ କହିଲେ ସରିବ ନାହିଁ ।
ନୂ: ବୋ—(ସ୍ୱଗତ) ସତେ କଣ ମୋ କପାଳେ ରାଣୀ ହବା ଯୋଗ ଅଛି ! (ପ୍ରକାଶ୍ୟେ) ତା ସତ । ହେଲେ, ଲୋକେ ଜାଣିଲେ କଥାଟା ଭାରି ଅସୁନ୍ଦର ହବ !
ଚନ୍ଦ—ଲୋକେ ଜାଣିବେ କିଆଁ ? ଆମେ କହିବା ରାତିରେ ସାପ କାମୁଡ଼ିବାରୁ ସେଇଟା ମରିଗଲା । ତାହାହେଲେ ତ ଆମ ଉପରୁ ଦୋଷ ଗଲା । ଦିଅ ନୂଆବୋହୂ ! ତୁମେ ଟିକିଏ ଲାଗିପଡ଼ । ଆଉ ଦଣ୍ଡେ ହେଲେ ହେଳା କର ନାହିଁ । ଅସଲ ବେଳେ ଭଗବାନ ଆଣି ଜୁଟେଇ ଦେଇଛନ୍ତି । "ମୂଳୁଁ ମାଇଲେ ଯାଉ ସରି, ଦେବଙ୍କ ସଙ୍ଗେ କମ୍ପା କଲି ।" ଯାଉ, ଏକା ଥରକେ ନଟ ଛୁଡ଼ିଯାଉ ।

—ରଘୁଆ ରକ୍ଷିତ—

ନୂ: ବୋ—ଆଚ୍ଛା, କହୁଛ ଯେ, ମୁଁ ବିଷ ପାଇବି କୋଉଠୁଁ ?

ଚନ୍ଦ୍ର—ସେକଥା ତୁମକୁ ଭାବିବାକୁ ପଡ଼ିବ ନାହିଁ, ନୂଆବୋହୂ ! ହେଇଟି ମୁଁ ଆଣିଛୁ, ନଅ । ( ବିଷ ଦେବାକୁ ଉଦ୍ୟତ )

ନୂ: ବୋ—ଏଁ ! କାହିଁ ଦେଖେଁ । ( ଚନ୍ଦ୍ରପାଣିଠାରୁ ନେଇ ଦେଖି ) ଯୁଆକୁ କେମିତି ଦେବ ?

ଚନ୍ଦ୍ର—ଖାଇବା ପଦାର୍ଥ ଭିତରେ । ଆଜି ପିଠାପଣା କରି ଖାଇବାକୁ ଦେଲାବେଳେ ତାରି ଭିତରେ ଏ ଗୁଣ୍ଡତକ ଦେଇଦେବ, ଯିମିତି କେହି ଜାଣିପାରିବେ ନାହିଁ, ମୁଁ ଯାଉଛୁ । ପିଠାପଣାର ଜିନିଷପତ୍ର ଆଣି ଯୋଗାଇ ଦିଏଁ । [ପ୍ରସ୍ଥାନ]

ନୂ: ବୋ—ମ-ହା-ପ୍ର-ଭୁ ! ... ... (ପ୍ରସ୍ଥାନ)

[ବିପରୀତ ଦିଗରୁ ପାଚକନା ହାତରେ ଧରି ଚନ୍ଦ୍ର ପାଣିର ପ୍ରବେଶ]

ଚନ୍ଦ୍ର—ନୂଆବୋହୂ ! ଚନ୍ଦ୍ରଭାଇ ! ମୁଁ ସବୁ ଶୁଣିଛି । ବିଷ ଦିବ, ନାଁ — ? ଯାଉଛି ଅପାକୁ କହିଦେବି ।

[କୁଣ୍ଢେଇପେଡ଼ି ଧରି ପ୍ରସ୍ଥାନ]

———

## ତୃତୀୟ ଦୃଶ୍ୟ

ଗୃହାଭ୍ୟନ୍ତର

(ଅନ୍ନପୂର୍ଣ୍ଣାର ପ୍ରବେଶ)

ଅନ୍ନ—(କରଯୋଡ଼ି) ଦୟାମୟ ! ଦୟାମୟ ! ହେ ଦୁଃଖୀର ସଙ୍ଗାଳ ! ଏ ଦାସୀ କଅଣ ଦେଇ ଏ ହୃଦୟର କୃତଜ୍ଞତା ଜଣାଇବ ? ଧନ୍ୟ ପ୍ରଭୁ ! ଧନ୍ୟ ତୁମର ଦୟା ! ଏ ଅଭାଗୀ ତୁମ ଦୟାରୁ ଘୋର

ବିପଦରୁ ରକ୍ଷା ପାଇଛୁ । ଦାସୀ ପ୍ରତି ଏହି ଦୟା ସବୁବେଳେ ଥାଉ, ପ୍ରଭୁ ! ପତିଙ୍କୁ ମୋର ତୁମ ଅଭୟ ବାହୁଚ୍ଛାୟା ତଳେ ରଖିଥାଅ, ପ୍ରଭୁ !

(ଚନ୍ଦ୍ରପାଣିର ପ୍ରବେଶ)

ଚନ୍ଦ୍ର—ଅପା ଲୋ ! ଆଜି ଗମ୍ଭୀର ଘରେ ଢେର ଗୁପୁଚୁପିଆ କଥା ସବୁ ପଡ଼ିଥିଲା । ଦହେଁଯାକ ହୁରୁଳୁଣ୍ଟାପର ହେଉଥିଲେ ।

ଅନ୍ନ—କେଉଁ ଦହେଁ ରେ ?

ଚନ୍ଦ୍ର—ଆଲୋ ! ଚନ୍ଦଭାଇ ଆଉ ନୂଆବୋହୂ ।

ଅନ୍ନ—(ଉଦ୍‌ବେଗରେ) କିରେ ! କଅଣ କଥାବାର୍ତ୍ତା ହେଉଥିଲେ, କହିଲୁ ?

ଚନ୍ଦ୍ର—(ଗୃହଆଡ଼କୁ ଚାହିଁ) ଅପା ଲୋ ! ଚାହିଁ ଲୁଣି, ଗୁଣ୍ଡୁଣିମୁଠା ଧରି ନୂଆବୋହୂ କିମିତି ବାଘୁଣୀ ପରି ଇଆଡ଼କୁ ମାଡ଼ିଆସୁଛି ? ଅପା ଲୋ ! ବାଡ଼ିଆଡକୁ ପଳେଇ ଆ ! ସେଇଠି ସବୁ କଥା ତତେ କହିବି ।

( ଉଭୟଙ୍କର ପ୍ରସ୍ଥାନ )

[ ବିପରୀତ ଦିଗରୁ ଗୁଣ୍ଡୁଣୀମୁଠା ଧରି ନୂଆବୋହୂର ପ୍ରବେଶ । ଶଙ୍କିତ ଭାବରେ ଗୃହଆଡ଼କୁ ଚାହିଁ ଘର ଓଳାଇବା । ପରେ ଚନ୍ଦପାଣିର ପ୍ରବେଶ]

ଚନ୍ଦ—ହଅ ନୂଆବୋହୂ ! ବେଇଗି ବେଇଗି ଠା ପିଢ଼ା କରି ଦିଅ । ରାତି ଯେ ଗୁଡାଏ ହୋଇଗଲାଣି । ଦେଖ, ତୁମେ ନିଜେ ବଢ଼ାବଢ଼ି କରି ଆଣିବ ! ଆଉ କାହାକୁ ଛୁଆଁଇ ଦେବ ନାହିଁ । (ନିକଟକୁ ଯାଇ ଇଙ୍ଗିତ ଦ୍ୱାରା) ସବୁ ଠିକ୍‌ଠାକ୍ କରିଛ ତ ? ସେ ଗୁଣ୍ଡକୁ ପୂର କାକରା ଭିତରେ ମିଶେଇ ଦେଇଛ ତ ?

ନୂ: ବୋ—( ଠା ପିଢ଼ା କରୁ କରୁ ) ହଁ ହେ ! ସବୁ କରିଛି । କେତେ ଘଣ୍ଟେଇ ହେଉଛ ?

—ରଘୁଅରକ୍ଷିତ—

ଚକ୍ର—ତେବେ ଯାଅ, ବଢ଼ାବଢ଼ି କର. ତୋ ଆ ସଜ ନେଇ ଆସ । ଆଉ ଉଛୁର କର'ନା ।

(ନୂଆବୋହୂର ପ୍ରସ୍ଥାନ)

ନୂଆବୋହୂଟା ଜମାରୁ ଚଞ୍ଚଳୀ ହେଲା ନାହିଁ । ଭାରି ମଠୋଇଟାଏ ! ଏସବୁ କାମ ମିନା ଝଟପଟ କରିପକାନ୍ତି । (ନୂଆବୋହୂର ଖାଦ୍ୟ-ସାମଗ୍ରୀସଜ୍ଜିତ ଥାଳୀ ସହିତ ପ୍ରବେଶ ) ଦିଅ, ବାଢ଼ି ଦିଅ । ମୁଁ ଯାଏଁ, ଡାକି ଆଣେଁ ।

(ପ୍ରସ୍ଥାନ)

ନୂ: ବୋ— (ବାଢ଼ି, ବାଢ଼ି ) ମୁଁ କଅଣ କରିବାକୁ ଯାଉଛି ? ମୋ ଗୁଣ୍ଡ ଭିତରଟା କଅଣ ହୋଇଯାଉଛି ! ହେ ପ୍ରଭୁ ! ତୁମେ ଭରସା ।

(ରଘୁନାଥ ସହିତ ଚକ୍ରପାଣିର ପ୍ରବେଶ ଓ ନୂଆବୋହୂର ପ୍ରସ୍ଥାନ)

ଚକ୍ର—ଆସନ୍ତୁ, ଏଠାରେ ବସନ୍ତୁ ।

ରଘୁ—କାହିଁ ? ଆପଣଙ୍କ ପାଇଁ ତ ବଢ଼ା ହୋଇନାହିଁ ?

ଚକ୍ର—ନାଁ ଆପଣ ଭୋଜନ କରି ସାରନ୍ତୁ । ମୋର ଏହିକ୍ଷଣି ଖାଇବା'କୁ ମନ ନାହିଁ । ମୋତେ ଭୋକ ହୋଇନାହିଁ ।

ରଘୁ—ଆପଣଙ୍କ ଭାଇ ?

ଚକ୍ର—ନାଁ, ସେ ମଧ୍ୟ ଏହିକ୍ଷଣି ଖାଇବେ ନାହିଁ । ତାଙ୍କ ଦେହ ଟିକିଏ ଭଲ ନାହିଁ । ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ, ବସନ୍ତୁ । ଆମେ ସବୁ ପଛେ ଖାଇବୁଁ ।

ରଘୁ—(ବସି, 'ଜଗନ୍ନାଥ, ଜଗନ୍ନାଥ' ଉଚ୍ଚାରଣ କରି ଦଣ୍ଡେ ଚକ୍ଷୁ ବୁଜି, ଜଗନ୍ନାଥଙ୍କୁ ଭୋଜନସାମଗ୍ରୀ ନିବେଦନ କରି, ପରେ ଭୋଜନ କରିବା ଓ ଚକ୍ରପାଣି ମନେ ମନେ ଆନନ୍ଦ ଉପଭୋଗ କରିବା) ବାଃ, ଏ ରନ୍ଧାବଢ଼ା ତ ଭାରି ଭଲ ହୋଇଛି । ନୂଆବୋହୂ ତ ଖୁବ୍ ମିହନ୍ତ କରି କ୍ଷୀରି ଅଣ, ନ ଭଜା, ପିଠାପଣା ଖୁବ୍ ମୋ ପାଇଁ କରିଛନ୍ତି । କାହିଁକି ଭଲା ଏତେ ପରିଶ୍ରମ କଲେ ?

—ରଘୁଅରକ୍ଷିତ—

ଚକ୍ର—ନାଁ, ସେମିତ ବିଶେଷ ଆଉ କଅଣ ହୋଇଛି କି ? ଆମ୍ଭମାନଙ୍କର ଖୁବ ସୌଭାଗ୍ୟ, କେତେ କାଳ ପରେ ଆପଣଙ୍କୁ ପାଇଛୁ । ଏ କଅଣ ? ଖାଆନ୍ତୁ (ରଘୁନାଥଙ୍କୁ ଉଠିବାର ଦେଖି) ଆପଣ କିଛି ନ ଖାଇ ଠାଆରୁ ଉଠିଲେ ଯେ ?

ରଘୁ—ଓଃ ! ମୋର ମୁଣ୍ଡ ବୁଲାଉଛି କାହିଁକି ? ଏ କଅଣ ! ମତେ ଚାରିଆଡ଼ ଅନ୍ଧାର ଦେଖାଯାଉଛି ଯେ ?

ଚକ୍ର—ଖରା ଯୋଗୁଁ ଗରମ ହୋଇଯାଇଥିବ । ଚାଲନ୍ତୁ, ଶୋଇପଡ଼ିଲେ ମୁଣ୍ଡବୁଲା କମିଯିବ ।

ରଘୁ—ନାଁ. ମୁଣ୍ଡ ଗରମ ହେବାର ତ କିଛି କାରଣ ନାହିଁ । ମତେ ଲାଗୁଛି ଏ ଖାଦ୍ୟ ପଦାର୍ଥରେ କିଛି ବ୍ୟତିକ୍ରମ ଘଟିଛି କି ? ଓଃ ! କଅଣ କଲି ? ଏ ଖାଦ୍ୟକୁ ଯେ ମୋର ପ୍ରାଣର ପ୍ରଭୁଙ୍କୁ ସମର୍ପଣ କରି-ପକେଇଲି । ପ୍ରଭୁଙ୍କ ଶ୍ରୀଅଙ୍ଗକୁ ତ ଏହିପରି ବାଧିବଣି କି ଅପରାଧ କଲି । ଓଃ ! ବେଲକୁବେଲ ଯେ ମୋ ଅଷ୍ଟାଙ୍ଗ 'ଶରୀର' କଅଣ ହୋଇଯାଉଛି । ମୋ କଣ୍ଠ ଶୁଖିଯାଉଛି ! (ହାତ ଯୋଡ଼ି) ହେ ଜଗନ୍ନାଥେ ! ଅଜ୍ଞାତରେ ଏହି ଖାଦ୍ୟ ଭୋଗ ଦେଇଛି, ଏ ଅପରାଧୀକି କ୍ଷମା କର, ପ୍ରଭୁ ! ନାଁ, ଆଉ ଯେ-ସମ୍ଭାଳି-ହେଉ-ନାହିଁ । ଠିଆ-ହେବାକୁ-ଯେ-ବଳ-ପାଉ-ନାହିଁ । (ଇତସ୍ତତଃ ପଦ ବିକ୍ଷେପ କରି ଚକ୍ରପାଣି ଆଡକୁ ହାତ ବଢ଼ାଇବା )

ଚକ୍ର—(ରଘୁନାଥର ହସ୍ତ ଧାରଣ କରି) ଚାଲନ୍ତୁ, ଟିକିଏ ଶୋଇପଡ଼ିବେ ।

(ରଘୁନାଥକୁ ଧରି ପ୍ରସ୍ଥାନ)

(ବିପରୀତ ଦିଗରୁ ଅନ୍ନପୂର୍ଣ୍ଣାର ବ୍ୟଗ୍ରେ ପ୍ରବେଶ)

ଅନ୍ନ—(ଚମକି ପଡ଼ି) ଏଁ ! ! ସେ ଯେ ଖାଇ ସାରିଲେଣି ! କଅଣ କରିବି । ଆଉ ତ ଉପାୟ ନାହିଁ ! ଆହା ! ପତିଙ୍କୁ ମୋର ବଞ୍ଚାଇ ପାରିଲି ନାହିଁ ! ଓଃ କି ପୋଡ଼ା କପାଳ ମୋର ! ପ୍ରଭୁ ହେ ! ମୋର ଭେଳା ବୁଡ଼ିଯାଉଛି, ରକ୍ଷା କର ! ପତିଙ୍କୁ ମୋର ତୁମ ଅଭୟ

ଚରଣ ତଳେ ଶରଣ ଦିଅ ପ୍ରଭୁ ! ଏତେବେଳେ ଦୟା ନ କଲେ ଏ ଅଭାଗୀର କଥା ସରିଗଲା, ପ୍ରଭୁ ! ହେ ଅନାଥର ବନ୍ଧୁ ! ହେ ଅବଳାର ବଳ ! ହେ ଶରଣରକ୍ଷକ ! ତୁମ ବିନା ଦାସୀର ଅନ୍ୟ ଭରସା ନାହିଁ । ତୁମେ ନ ଚାହିଁଲେ ଭାସିଗଲି, ପ୍ରଭୁ ! ଓଃ ! କଅଣ କରିବି ?

(ନୂଆବୋହୂକୁ ପ୍ରବେଶ କରୁଥିବାର ଦେଖି)

ନୂଆବୋହୂ ! ନୂଆବୋହୂ ! ତୁମେ ମୋର ସର୍ବନାଶ କରିଦେଲ । କିଏ ତୁମକୁ ନାରୀ କରି ଜନ୍ମ ଦେଇଥିଲା ? ତୁମେ ନାରୀ ନୁହଁ— ପିଶାଚୀ, ରାକ୍ଷସୀ, କାଳନାଗୁଣୀ । ନାରୀ ହୋଇଥିଲେ ନାରୀର ଦେବତା, ନାରୀର ସର୍ବସ୍ୱକୁ ବିନାଶ କରିବାକୁ ତୁମ ହାତ ଯାଆନ୍ତା ? ସଂସାରରୁ ଧର୍ମ ଉଠିଯାଇ ନାହିଁ, ନୂଆବୋହୂ ! ଭାବିଛ, ନୂଆବୋହୂ ! ଜଣକୁ ଅନାଥ କରି, ଦୁଃଖ ଦରିଆରେ ଭସାଇ ଦେଇ ତୁମେ ସୁଖ ଭୋଗ କରିବ ? କେବେ ନୁହେଁ ! କେବେ ନୁହେଁ ! ମହାପ୍ରଭୁ ଯଦି ଏ ଦୁଃଖିନୀର ଦୁଃଖ ଶୁଣିବେ, ମୋର ଯେବେ ସ୍ୱାମୀଙ୍କ ଚରଣରେ ଭକ୍ତି ଥିବ, ଯଦି ମୁଁ ମନ-ବଚନ-କର୍ତ୍ତବ୍ୟରେ ମୋ ଦେବତାଙ୍କୁ ଏ ହୃଦୟ-ମନ୍ଦିରରେ ଭକ୍ତି ଅର୍ଘ୍ୟ ଦେଇ ପୂଜା କରୁଥିବି, ତେବେ ତୁମର ସବୁ ପାଞ୍ଚ, ସବୁ ଉଦ୍ୟମ ପାଣି ଫାଟିଯିବ । ମୋ ସ୍ୱାମୀଙ୍କର କିଛି ହେବ ନାହିଁ । ମନେରଖ ନୂଆବୋହୂ ! ଯେଉଁ ବିଷ ଦେଇ ମୋ ଦେବତାଙ୍କୁ ମାରିବାକୁ ପାଞ୍ଚିଛ, ସେହି ବିଷରେ ତୁମେ ନିଜେ ଘାରି ହେବ । ଯେଉଁ ନିଆଁ ଜାଳିଛ ସେହି ନିଆଁରେ ତୁମେ ନିଜେ ଜଳିପୋଡ଼ି ଭସ୍ମ ହୋଇଯିବ ।

ନୂ: ବୋ:—ମଲା ମତେ କିଆଁ ଏତେ ଗାଳି ଦେଉଛ ମ ? ମୋର କି ଦୋଷ ହେଲା ? ସବୁ ତ ତମ ମଉସିଆଁ ଭାଇ କଲେ । ସେ ତ ନାଟର ଗୋବର୍ଦ୍ଧନ ।

—ରଘୁଅରକ୍ଷିତ—

ଅନ୍ନ—ଓଃ ! ମୋ ପେଟ ଭିତରଟା ଖାଲି ଘାଣ୍ଟି ଚକଟି ହୋଇଯାଉଛି । ଆହା ! ସେ କି ଦୁଃଖ ପାଉଥିବେ ? ନୂଆବୋହୂ ! ନୂଆବୋହୂ ! କଅଣ କଲି ? କଅଣ କଲି ? ମୁହିଁ ଦରିଆରେ ମୋ ଓଙ୍ଗାଙ୍କୁ ବୁଡ଼େଇ ଦେଲି ? ହେ ଜଗନ୍ନାଥେ ! !

(ମୂର୍ଚ୍ଛିତ ହୋଇ ନୂଆବୋହୂ ଉପରକୁ ଢଳି ପଡ଼ିବା । ନୂଆବୋହୂର ଅନ୍ନପୂର୍ଣ୍ଣାକୁ ଧରି ପ୍ରସ୍ଥାନ)

---

## ଚତୁର୍ଥ ଦୃଶ୍ୟ

### ଶୟନକକ୍ଷ

(ଦୀପଟିଏ ଅତି କ୍ଷୀଣ ଭାବରେ ଜଳୁଥିଲା । ଶଯ୍ୟା ଉପରେ ରଘୁନାଥ ଶାୟିତ—ପ୍ରଥମେ ନିଶ୍ୱାସର ପ୍ରଖରତା ପରେ ଫୁତ୍କାର ଶବ୍ଦ—ମୁଖରୁ ଗରଳ ଉଦ୍‌ଗୀରଣ—ଅଙ୍ଗପ୍ରତ୍ୟଙ୍ଗର ଇତସ୍ତତଃ ଚାଳନ--କ୍ରମଶଃ ସର୍ବାଙ୍ଗର ଶିଥିଳତା ଓ ମୂର୍ଚ୍ଛା । ଚନ୍ଦ ଶଯ୍ୟାପାର୍ଶ୍ୱରେ ଦଣ୍ଡାୟମାନ ହୋଇ ସମସ୍ତ ନିରୀକ୍ଷଣ କରିବା)

ଚନ୍ଦ—ବିଷ ବେଶ୍ ଧରିଛି । (ନାସିକା ନିକଟରେ ହାତ ଦେଇ) ନିଶ୍ୱାସ ପ୍ରାୟ ବନ୍ଦ ହୋଇ ଆସିଲାଣି । ନାଁ, ଆଉ ଏ ନିଶ୍ୱାସ ବୋହିଲା-ପରି ଲାଗୁ ନାହିଁ । (ରଘୁନାଥଙ୍କ ଦେହରେ ହାତ ମାରି) ଗୋଡ଼-ହାତ କାଠର ହୋଇ ଗଲାଣି । ଯାଃ କଣ୍ଟା ଗଲା । ଏଥର ମୁଁ ନିଶ୍ଚିନ୍ତ । ଯାଏଁ, ନୂଆବୋହୂଙ୍କୁ ଜଣାଇ ଦିଏଁ । ଶୀଘ୍ର ଶବସଂସ୍କାରର ବ୍ୟବସ୍ଥା କରିବା ଦରକାର ।

[ପ୍ରସ୍ଥାନ]

— ରଘୁଅରକ୍ଷିତ —

( ବାଳକବେଶୀ ଶ୍ରୀକୃଷ୍ଣଙ୍କର ଗୀତ ଗାଇ ଗାଇ ପ୍ରବେଶ )

ଗୀତ

(ସଦା) ଭକ୍ତଭାବେ ବୁଲୁଥାଏ ପରାଣ ମୋର,
ତା ଦୁଃଖ ଦେଖି ନୟନୁଁ ବହଇ ନୀର ।
ଭକତ କଷଣ ନ ପାରେ ସହି,
ତା ଲାଗି ମୋ ହୃଦ ହୁଅଇ ଦହି,
(ତେଣୁ) ଧଇଁ ଧାଇଁ ବୁଲୁଥାଏ ସଙ୍ଗତେ ତାର । ୧ ।
ଭକତ ବିନା ମୋ ନାହିଁ ଟି ଆନ,
ସେହି ମୋର ଧନ ସେ ମୋ ଧିଆନ,
ତାହା ପାଇଁ ଛାଡ଼େ ମୁହିଁ ଗୋଲୋକପୁର । ୨ ।

ବା: ଶ୍ରୀକୃଷ୍ଣ—(ଗୀତାନ୍ତେ) ଆହା ! ଭକ୍ତ ମୋର କି କଷ୍ଟ ପାଉଛି ! ତଥାପି ମୋ ନାମ ଉଚ୍ଚାରଣରୁ ବିରତ ହେଉ ନାହିଁ । ଧନ୍ୟ ରଘୁନାଥ ! ଧନ୍ୟ ତୋ ଭକ୍ତି ! ( ରଘୁନାଥର ସର୍ବାଙ୍ଗରେ ହାତ ବୁଲାଇ ) ଏଥର ଉଠ ବତ୍ସ ! ତୋ ଦୁଃଖ ଯେ ମୁଁ ଆଉ ସହି ପାରୁ-ନାହିଁ । ମୋ ଅନ୍ତରଟା ବିଷରେ ଜଳିଯାଉଛି ।

( ପ୍ରସ୍ଥାନ )

ରଘୁ—(ଚକ୍ଷୁ ଫିଟାଇ ) ଜଗନ୍ନାଥ ! (ଉଠି) ଏ କଅଣ ? ଏ ଘର କସ୍ତୂରୀ ଚନ୍ଦନ ଗନ୍ଧରେ ପୂରି ଉଠୁଛି ! ମୋ ଶରୀରରେ ଏ କି ପୁଲକ ! ଏ କି ଶୀତଳତା ! ପ୍ରାଣରେ ଏ କି ଆନନ୍ଦ ! ପ୍ରଭୁ ! ଧନ୍ୟ ତୁମ୍ଭର କରୁଣା । ( ଚକ୍ଷୁ ମୁଦ୍ରିତ କରି ଶଯ୍ୟା ଉପରେ ବସି ଜଗନ୍ନାଥଙ୍କ ନାମ ଜପ କରିବା )

(ସହସା ଅନ୍ନପୂର୍ଣ୍ଣା ପ୍ରବେଶ କରି ସ୍ୱାମୀ ପତିଙ୍କୁ ଶଯ୍ୟା ଉପରେ ଉପବିଷ୍ଟ ଦେଖି ଆନନ୍ଦରେ 'ସ୍ୱାମି ! ସ୍ୱାମି ! ଦେବତା' କହି ପଦତଳେ ପତନ)

ପଟକ୍ଷେପ

—ରଘୁଅରକ୍ଷିତ—

## ପଞ୍ଚମ ଦୃଶ୍ୟ

ଗଙ୍ଗାଧର ଗୃହମଧ୍ୟସ୍ଥ ଅଳନ୍ଦ

( ଗୀତ ଗାଇ ଚନ୍ଦ୍ରପାଣିର ପ୍ରବେଶ )

ଗୀତ

ଭଲ ହେଲା ଭାଇ ! ଭଲ ହେଲା,
ଭଲ ଫଳ ଏକା ମିଳିଗଲା ।
ଚକାଭାଇ ! ନ ଆବୋଡ଼ୁ ! ଭାବିଲେ କି ହେବ ଆଉ
ମୁହଁଟିମାନ ଯାଇଛୁ ଶୁଖି, କାନ୍ଦବାଟି ଏବେ ସାର ହେଲା । ୧ ।
ଯାହାକୁ ରଖିବେ କାଳିଆ, ତାର କି କରିବ ବଳୁଆ
ଘଣ୍ଟ ଘୋଡ଼ାଇ ରଖିଲେ ପ୍ରଭୁ, ସବୁ ପାଞ୍ଚଯାକ ଚୂନା ହେଲା । ୨ ।

(ଗୀତାନ୍ତେ ଚନ୍ଦ୍ରପାଣିର ପ୍ରସ୍ଥାନ)

( ବିଷଣ୍ଣବଦନରେ ଚକ୍ରପାଣିର ପ୍ରବେଶ )

ଚକ୍ର—ଓଃ ! ମୋର ସମସ୍ତ ଚେଷ୍ଟା ପଣ୍ଡ ହୋଇଗଲା ! ପ୍ରତିକାରର ଉପାୟ ତ ଖୋଜି ପାଉ ନାହିଁ । ରଘୁଆର କି ଅଦ୍ଭୁତ କ୍ଷମତା ! କି ଉତ୍କଟ ବିଷ ସେ ପାର କରିଦେଲା ! କଅଣ କରିବ ,? ସେ ତ ଏହି କ୍ଷଣି ଅନ୍ନକୁ ସାଙ୍ଗରେ ନେଇ ଏଠାରୁ ଚାଲିଯିବ । କି ଉପାୟରେ ଅନ୍ନକୁ ତା ହାତରୁ ଉଦ୍ଧାର କରିବ ? ଏକାକୀ ମୁଁ ବା କଅଣ କରିପାରେ ? ଯାଏଁ ସୁରଥ ବାବୁଙ୍କୁ ସମସ୍ତ ଘଟଣା କହି ଗୋଟାଏ କିଛି ବ୍ୟବସ୍ଥା କରେଁ ।

( ପ୍ରସ୍ଥାନୋଦ୍ୟତ )

—ରଘୁଅରକ୍ଷିତ—

( ଧୀରପାଣିର ପ୍ରବେଶ )

ଧୀର—ଦେଖିଲୁ, ଚକ୍ର ! କେଡ଼େ ଶକ୍ତିଶାଳୀ ମହାପୁରୁଷ ଆମ୍ଭ ଭଣୋଇ ସାଆନ୍ତ ! ଆଗରୁ ତ ଶୁଣିଥିଲୁ କିମିତି ଏକା ରଥକେ ଶ୍ରୀକ୍ଷେତ୍ରରୁ ଏଠାକୁ ଆସିଥିଲେ । ଏବେ ତ ତାହାଙ୍କର ଅଦ୍ଭୁତ ବଳ ମଧ୍ୟ ପରୀକ୍ଷା କଲୁ। ବର୍ତ୍ତମାନ ମୋ କଥାରେ ବିଶ୍ୱାସ ହେଲା ତ ? ହଉ, ଯାହା ତ ହେବାର ହେଲାଣି, ଏବେ ଅନ୍ନକୁ ତା ସ୍ୱାମୀ ହାତରେ ସମର୍ପି ଦେଲେ ଆମେ ନିଶ୍ଚିନ୍ତ ହେବା ।

ଚକ୍ର—ତୁମେ ନିଶ୍ଚିନ୍ତ ହୋଇ ପାର, କିନ୍ତୁ ମୁଁ ତ ହୋଇ ପାରୁ ନାହିଁ । ମୋର ଯେ ଲକ୍ଷ୍ୟ ସିଦ୍ଧ ହୋଇନାହିଁ । ମୋର ଯେ କେତେ ଦାୟିତ୍ୱ ଅଛି, ତାହା ତୁମେ ବୁଝୁଛ ?

ଧୀର—ଆଉ ସେସବୁ ଭାବନା କାହିଁକି ? ଶାନ୍ତ ହୋ, ଚକ୍ର !

ଚକ୍ର—ଶାନ୍ତ ହେବ, ଭାଇ ! ଚକ୍ର ଯେଉଁ କାର୍ଯ୍ୟରେ ହାତ ଦିଏ, ତାହା ସମାପ୍ତ ନ ହେବା ପର୍ଯ୍ୟନ୍ତ ସେ ସେଥିରୁ ଶାନ୍ତ ହୁଏ ନାହିଁ ।

[ଗମନୋଦ୍ୟତ]

ଧୀର—(ପଥରୋଧ କରି) ଜାଣିଶୁଣି ବିପଦକୁ ବରଣ କର ନା ।

ଚକ୍ର—ବିପଦ ନୁହେଁ, ସମ୍ପଦକୁ ବରଣ କରୁଛି । ମୋର ଭବିଷ୍ୟତ ଉଜ୍ଜ୍ୱଳ କରିବାକୁ ଯାଉଛି । ଗୁଡ଼, ବାଧା ଦିଅ ନା । (ପ୍ରସ୍ଥାନ)

ଧୀର—ମୂର୍ଖ ! ତଥାପି ତୋର ଚୈତନ୍ୟୋଦୟ ହେଲା ନାହିଁ । ହଉ, ବଳେ ଚେତିବୁ ଯେ । ଯାଏଁ, ଅନ୍ନକୁ ତାର ସ୍ୱାମୀ ହାତରେ ଦେଇ ମୋର କର୍ତ୍ତବ୍ୟ କରିଯାଏଁ, ତେଣିକି ଯାହା ଯୋଗ ଥିବ ।

(ପ୍ରସ୍ଥାନ)

—ରଘୁଅରକ୍ଷିତ—

( ଅନ୍ନପୂର୍ଣ୍ଣାର ପ୍ରବେଶ )

ଅନ୍ନ—ଏହି ଘରେ ଜନ୍ମ ମୋର, ଏହି ଘରେ କେତେ ସ୍ନେହ, କେତେ ଆଦରରେ ବଢ଼ିଛି, ଏହି ଘରର ଧୂଳିମାଟିରେ ଖେଳି ମଣିଷ ହୋଇଛି, ଆଜି ଯାକୁ ଛାଡ଼ିଯିବାକୁ ମୋର ତ ଜମାରୁ ମନ ବଳୁ ନାହିଁ, କି ଗୋଡ଼ ଚଳୁ ନାହିଁ ! କେତେ ଦିନର କେତେ କଥା—ବାପାବୋଉଙ୍କ କଥା—ସବୁ ଗୋଟି ଗୋଟି ହୋଇ ମନେ ପଡ଼ି ମନ ଭିତରଟା ଭୁଛା ଘାଣ୍ଟି ଚକଟି ହଉଛି ।

(କାନ୍ଦ କାନ୍ଦ ନୂଆବୋହୂର ପ୍ରବେଶ)

ନୂ:ବୋ—[ଅନ୍ନକୁ ଧରି କାନ୍ଦ କିଛି କ୍ଷଣ ପରେ] ସତେ ଆଜି ଏ ପୁର ଅନ୍ଧାର କରି ଆମକୁ ସବୁ ଭସେଇ ଦେଇ ଚାଲିଯିବ ?

ଅନ୍ନ—ନୂଆବୋହୂ ! ନୂଆବୋହୂ ! ତମମାନଙ୍କୁ ଛାଡ଼ିଯିବାକୁ, ଏ ଘରୁ ଗୋଡ଼ କାଢ଼ିବାକୁ ମନ ଭିତରଟା ଯାହା ହଉଛି ସେକଥା କଅଣ କହିବି, ଯେ ଦିନରାତି କରୁଛନ୍ତି, ସେ ଜାଣନ୍ତି ।

ନୂ:ବୋ—ସତ କହ, ମୋତେ କ୍ଷମା ଦେଇ ଯାଉଛ ତ ?

ଅନ୍ନ—ଛି ! ଫେର ସେହି କଥା ପକାଉଛ କାହିଁକି ? ମୁଁ ତମକୁ କ୍ଷମା କଅଣ ଦେବି ? ତମେ ମୋ ମାଆ ପରି । ଝିଅ କଅଣ ମାଆକୁ କ୍ଷମା ଦିଏ ?

ନୂ: ବୋ—ମୁଁ ତ ମାଆ ପରି କାମ କରିନାହିଁ ; ରାକ୍ଷସୀ ପରି ତମର ସର୍ବନାଶ କରିବାକୁ ଯାଉଥିଲି !

ଅନ୍ନ—ତମର କି ଦୋଷ ? ନୂଆବୋହୂ ! ସବୁ ବିଧାତାର କୂଟ । ମଣିଷ ମଣିଷର କିଛି କରିପାରେ ନାହିଁ । ସେ କଥାଗୁଡ଼ାକ ମନରୁ ପୋଛିଦିଅ, ନୂଆବୋହୂ ! ତମ ଗୋଡ଼ତଳେ ପଡ଼ୁଛି । ତମକୁ ମୋ ରାଣ, ଆଉ ସେ କଥା ପକାଅ ନା ।

—ରଘୁଅରକ୍ଷିତ—

( ଚନ୍ଦ୍ରପାଣିର ପ୍ରବେଶ )

ଚନ୍ଦ୍ର—( କାନ୍ଦ କାନ୍ଦ ) ଅପା ! ଅପା ! ସତରେ ତୁ ମତେ ଛାଡ଼ି ଚାଲିଯିବୁ, ଅପା !

ଅନ୍ନ—( ଚନ୍ଦ୍ରପାଣିକୁ କୋଳକୁ ଟାଣିଆଣି ଅଶ୍ରୁମୁଖରେ ) ଅପାକୁ ତୋର ମନେ ପକେଇବୁ, ନାଁ ପାଶୋର ଦେବୁ କହିଲୁ ?

ଚନ୍ଦ୍ର—ଅପା ! ତତେ ମୁଁ ଦଣ୍ଡେହେଲେ ପାଶୋର ପାରବ ନାହିଁ । ଆଚ୍ଛା, ଅପା ! ତୁ ତ ଚାଲିଯିବୁ, ମୁଁ ଆଉ ଖେଳିବ କାହା ସାଙ୍ଗରେ ?

ଅନ୍ନ—କାହିଁକି ? ନୂଆବୋହୁ, କମଳୀ ଅପା, ବିମଳୀ ଅପା ସାଙ୍ଗରେ !

ଚନ୍ଦ୍ର—ନାଁ, ନାଁ, ତୋ ପରି କଅଣ ସେମାନଙ୍କ ସାଙ୍ଗରେ ଖେଳିବାକୁ ମତେ ସୁଖ ଲାଗେ କି ?

ନୂ: ବୋ—ଆସ, ତମ ଯିବାବେଳ ହେଲାଣି, ତମକୁ ସଜବାଜ କରିଦିଏଁ ।

ଚନ୍ଦ୍ର—ଅପା ! ଚାଲ୍ ମୋ ସଙ୍ଗରେ ଥରେ ଖେଳିବୁ କି, ତା ପରେ ଯିବୁ । ନଇଲେ ତତେ ଜମା ଛାଡ଼ିବି ନାହିଁ ।

ଅନ୍ନ—ତୁ ତ ଅଜଟଟାଏ ! ହେଲେ ତୋର ଯୋଗୁ ସିନା ଆଜି ଏ ସଂସାରରେ ରହିଲି । ହଉ ଚାଲ୍ । ( ସମସ୍ତଙ୍କର ପ୍ରସ୍ଥାନ )

( ରଘୁ ଓ ଧୀରପାଣିର ପ୍ରବେଶ )

ରଘୁ—ଆଉ ବିଳମ୍ବ କରନ୍ତୁ ନାହିଁ । ମତେ ପ୍ରସନ୍ନ ମନରେ ବିଦାୟ ଦିଅନ୍ତୁ । କେତେ ଦିନ ହେଲା ପ୍ରଭୁଙ୍କ ଶ୍ରୀମୁଖ ଦର୍ଶନ ନ କରି ଏ ମନଟା ଭାରି ବ୍ୟାକୁଳ ହେଉଛି ।

ଧୀର—ଆପଣଙ୍କ ଯିବା ସକାଶେ ସମସ୍ତ ଆୟୋଜନ ପ୍ରାୟ ହୋଇ ସାରିଲାଣି । ଆଉ ବେଶୀ ବିଳମ୍ବ ନାହିଁ ଯେ !

ରଘୁ—ମୁଁ ପରା ଆପଣଙ୍କୁ ଅନୁରୋଧ କରିଛି, ଆୟୋଜନର କିଛି ପ୍ରୟୋଜନ ନାହିଁ । ମୋର କୌଣସି ପଦାର୍ଥ ଲୋଡ଼ା ନାହିଁ ! ସେ କଥା ବାରମ୍ବାର ପକାଇ ମୋ ମନରେ କଷ୍ଟ ଦେଉଛନ୍ତି କାହିଁକି ?

—ରଘୁଅରକ୍ଷିତ—

ଧୀର—ହେଉ, ଆପଣଙ୍କର ଯେପରି ଇଚ୍ଛା । ତେବେ ଆପଣ ଟିକିଏ ଏହିଠାରେ ଅପେକ୍ଷା କରନ୍ତୁ । ମୁଁ ଯାଇ ଭିତର ଆଡୁ ଅନ୍ନକୁ ନେଇଆସେ । (ପ୍ରସ୍ଥାନ)

ରଘୁ—ଆହା ! କେତେ ଦିନ ହେଲା ପ୍ରଭୁଙ୍କ ଶ୍ରୀଚରଣ ଦର୍ଶନରୁ ବଞ୍ଚିତ ହେଲଣି । ପ୍ରଭୁ ! ପ୍ରଭୁ !

କିଛି କ୍ଷଣ ପରେ ଧୀରପାଣି, ଅନ୍ନପୂର୍ଣ୍ଣା ଓ ଚନ୍ଦ୍ରପାଣିର ପ୍ରବେଶ, ସମସ୍ତଙ୍କ ଚକ୍ଷୁ ଲୋତକରେ ପୂର୍ଣ୍ଣ ]

ଧୀର—( ଅନ୍ନପୂର୍ଣ୍ଣାର ହସ୍ତକୁ ରଘୁନାଥଙ୍କ ହସ୍ତରେ ଅର୍ପଣ କରି ) ନିଅନ୍ତୁ, ଆପଣଙ୍କ ଧନ ଆପଣ ଗ୍ରହଣ କରନ୍ତୁ ।

ରଘୁ—( ଅନ୍ନପୂର୍ଣ୍ଣାର ହସ୍ତ ଧାରଣ କରିବା )

ଧୀର—ଆସନ୍ତୁ, ଆପଣଙ୍କୁ ଖଣ୍ଡେଦୂର ବଳେଇ ଦେଇ ଆସେଁ ।

ଚନ୍ଦ୍ର—ଅପା ! ଅପା ! ମତେ ପାଶୋରିବୁ ନାହିଁ, ଅପା !

( ଅନ୍ନପୂର୍ଣ୍ଣା ଚନ୍ଦ୍ରପାଣିକୁ କୋଳ କରିବା ଓ ସମସ୍ତେ ଧୀରେ ଧୀରେ ଅଗ୍ରସର ହେଉଥିବା ବେଳେ )

## ଯ ବ ନି କା ପ ତ ନ

—ରଘୁଅରକ୍ଷିତ—

# ପଞ୍ଚମ ଅଙ୍କ

## ପ୍ରଥମ ଦୃଶ୍ୟ

( ସ୍ଥାନ—ନିବିଡ଼ ଅରଣ୍ୟ, ସମୟ—ଦିବା ଅବସାନ ପ୍ରାୟ, ଗଛଗହଳରେ ଗୃହିଆଡ଼ ଅନ୍ଧକାର )

[ ଶବରୀଗଣଙ୍କର ଗୀତ ଓ ନୃତ୍ୟ ]

ଗୀତ

ଦେଖ ସଖି ! ଫୁଲ ଫୁଟି ବଗ ଚହଟେ
ମଧୁ ତାନେ ମଧୁବ୍ରତ ମଧୁରେ ରଟେ ॥
ସୌରଭେ ହୋଇ ଆକୁଳ
ଧାଏଁ ଦେଖ ଅଳିକୁଳ,
ମନ୍ଦେ ବହେ ଗନ୍ଧବହ, ସୁଷମା ଲୁଟେ । ୧ ।
ପୀରତି-ମଦିରା ପାନେ
ଜାଗେ କେତେ ଆଶା ପ୍ରାଣେ,
ପ୍ରାଣବନ୍ଧୁ ଆସିବେ ! ଗୋ ଗୁହିଁଆ ବାଟେ । ୨ ।

[ ଗୀତାନ୍ତେ ଶବରୀଗଣଙ୍କର ପ୍ରସ୍ଥାନ ]

( କେତେ ଜଣ ଗୁପ୍ତ ଘାତକ ସହ ଚକ୍ରପାଣିର ପ୍ରବେଶ )

ଚକ୍ର—ମୁଁ ଯିମିତି କହୁଛି, ତୁମେମାନେ ଠିକ୍ ସେହିପରି କରିବ । ନଚେତ୍ ତୁମକୁ ଗୋଟି ଗୋଟି କରି ହରିକାଠରେ ଠୁଙ୍କେଇବି ।

ଗୁ: ଘା—ହଜୁର ଯିମିତି କହିବେ ସିମିତି କରିବୁ ।

—ରଘୁଅରକ୍ଷିତ—

ଚକ୍ର—ଦେଖ, ସେହି ଲୋକଟା ତା ସ୍ତ୍ରୀକୁ ନେଇ ଏହି ବାଟେ ଗଲାବେଳେ ତୁମେମାନେ ସେହି ଦୁହିଁଙ୍କୁ ଆଗୁଳ ଘେରଯିବ ।

ଗୁ: ଗଣ – ଆଜ୍ଞା ! ଘେରଯିବୁଁ ।

ଚକ୍ର—ସେ ମରଦଟାକୁ ଏକଦମ୍ ଏକା ଗ୍ଟେକେ ଖତମ କରଦେବ; କିନ୍ତୁ ସାବଧାନ ! ଯେ ସ୍ତ୍ରୀଲୋକ ଦେହରେ ଯେମିତି ଆଞ୍ଚ ନ ବାଜେ । ତା ପରେ ସେହି ସ୍ତ୍ରୀଲୋକଟିକୁ ଘେନ ମୋ ପାଖକୁ ଆସିବ ।

ଗୁ: ଗଣ—ଆଜ୍ଞା ! ହଜୁର !

ଚକ୍ର—ଆଉ ଶୁଣ, ମତେ ସେ ଦହେଁ ଚହ୍ନନ୍ତ । ମୁଁ ତମ ସାଙ୍ଗରେ ଯିବ-ନାହିଁ । ଏହିଠାରେ ଗଛଗହଳରେ ଲୁଚ କର ରହୁଛି । ଦେଖ, ସେ ଲୋକଟା ଯାଡ଼କୁ ମୋହିଲାଣି । ଯାଅ ସମସ୍ତେ ଛପିଯାଅ ।

[ଚକ୍ରପାଣି ଓ ଘାତକଗଣ ଲୁଚଯିବା]

( ରଘୁନାଥ ଓ ଅନ୍ନପୂର୍ଣ୍ଣାର ପ୍ରବେଶ )

ଅନ୍ନ—ନାଥ ! ମତେ ଏ ବଣ ବାଟରେଯିବାକୁ ଖୁବ ଡର ମାଡୁଛି; ବାଘଭାଲୁଙ୍କ କୁହାଟରେ ମୋ କାନ ଅତଡା ପଡ଼ିଯାଉଛି । ମୋ ଗ୍ଣୁଡ ଭିତରଟା ଖାଲ ଧୁଡ଼ୁଧୁଡ଼ୁ ହଉଛି ।

ରଘୁ—କିଛି ଭୟ ନାହିଁ, ପ୍ରିୟେ ! ଆମର ଜଗନ୍ନାଥ ଭରସା । ପ୍ରଭୁଙ୍କ ଦୟା ଥିଲେ ବାଘ ଭାଲୁ ଆମମାନଙ୍କର କିଛି କରପାରବେ ନାହିଁ । ତୁମେ ମନେ ମନେ ସେହି ବିପଦବାରଣ ଜଗନ୍ନାଥଙ୍କୁ ସୁମରଣା କର ।

ଅନ୍ନ—( ହଠାତ୍ ପଦଶବ୍ଦ ଶୁଣି ଚମକି ପଡ଼ି ) ନାଥ ! ନାଥ ! (ଭୟରେ ରଘୁନାଥଙ୍କୁ କୁଣ୍ଢାଇ ପକାଇବା )

ରଘୁ—କଅଣ ହେଲା ?

—ରଘୁଅରକ୍ଷିତ—

ଅନ୍ନ—କିଏ ଆମ ଆଡ଼କୁ ଆସିଲା ପରି ଲାଗୁଛି । ଚୋର କି ଷଣ୍ଢ ହେବେ, ପରା !

ରଘୁ—ଅନ୍ନ ! ଡର ନା । ବିପଦଭଞ୍ଜନ ଜଗନ୍ନାଥଙ୍କର ଦୟା ଥିଲେ କେହି ଆମର ଅନିଷ୍ଟ କରିପାରିବେ ନାହିଁ ।

[ ଗୁପ୍ତ ଘାତକମାନେ ହଠାତ୍ ପ୍ରବେଶ କରି ]

ଗୁ: ଗଣ—ଧରରେ ! ବାନ୍ଧରେ ! ମାରରେ !

ଅନ୍ନ—ନାଥ ! ନାଥ ! ରକ୍ଷା କର ! ରକ୍ଷା କର !

ରଘୁ—ନୀଳାଦ୍ରିବିହାରୀ ହରି ଯାହାର ଭରସା, ଚୋର ମନୁଷ୍ୟ ତାର କଣ କରିପାରିବ ନାହିଁ । ବୃଥା ଆଶଙ୍କା କରୁଛ କାହିଁକି ?

୧ମ ଗୁ—ଚୁପ୍ କର । ଚୋର ଭିକାରିଟାର କେଡ଼େ ହିମତ୍ ଦେଖିଲ ?

୨ୟ ଗୁ—ସ୍ୱୀର ଖୁବ ସାହସ ତ ।

ରଘୁ—କିଏ ତୁମେମାନେ ବାବା ?

୩ୟ ଗୁ—ତୋ ଯମ, ତୋ ଜୀବନର ମୃତ୍ୟୁଦେଇ ।

ରଘୁ—କି ଉଦ୍ଦେଶ୍ୟ ତୁମ୍ଭମାନଙ୍କର, ବାବା ?

୪ର୍ଥ ଗୁ—ଆରେ ! ଯେବେ ଭଲଗତି ଅଛି, ତେବେ ସେ ଝିଅଟାକୁ ଛାଡ଼ିଦେ । ନଇଲେ ଅକାରଣରେ ତୋ ପ୍ରାଣଟା ଉଡ଼ିଯିବ ।

ରଘୁ—ବାଃ ! ବେଶ୍ କଥା ତ ? ପ୍ରାଣ ଯିବ ବୋଲି ମୋ ପତ୍ନୀକୁ ଛାଡ଼ିଦେବି ?

୧ମ ଗୁ—ସେ କିଆଁ ତୋ ପତ୍ନୀ ହେବ । ସେ ବାଘର ଘରଣୀ ବାଘ ପାଖକୁ ଯିବ । ତୁଟା ଚୋର ମିରଗୁଣ୍ଡାଏ ।

ରଘୁ—ଧର୍ମକୁ ଡରି କଥା କହ, ବାବା !

୨ୟ ଗୁ—ସ୍ତ୍ରୀକୁ ଛାଡ଼ିଦେବୁ ନା ମରିବୁ ?

ରଘୁ—ନାଁ, ମୁଁ ମୋ ପତ୍ନୀକୁ ଛାଡ଼ିବି ନାହିଁ । ମରିବାର ଥିଲେ ମରିବି ।

୩ୟ ଗୁ—ଆରେ ତତେ ଯମ ଆଖି ପାରିଲାଣି ।
୪ର୍ଥ ଗୁ—( ଅନ୍ୟାନ୍ୟ ଘାତକମାନଙ୍କ ପ୍ରତି ) ଦିଅ' ରେ ! ଦେଖିଲ କାମ କର ।

( ଗୁପ୍ତଘାତକମାନେ ଘେରି ଯାଇ ରଘୁନାଥଙ୍କୁ ଟାଣିବା, ଅନ୍ନପୂର୍ଣ୍ଣା ଭୟରେ "ନାଥ ! ନାଥ !" କହି ରଘୁନାଥଙ୍କୁ କୁଣ୍ଢାଇ ପକାଇବା, ହଠାତ୍ ଜଣେ ଗୌରାଙ୍ଗ ଓ ଜଣେ କୃଷ୍ଣାଙ୍ଗ ଏହିପରି ଦୁଇ ଜଣ କପଟ ଶବର ବେଶଧାରୀ ଜଗନ୍ନାଥ ଓ ବଳଭଦ୍ରଙ୍କର ହସ୍ତରେ ଧନୁଶର ଧରି ପ୍ରବେଶ ଓ ଘାତକମାନଙ୍କ ଉପରକୁ ଶର ନିକ୍ଷେପ, ବାଣ ହତ ଘାତକମାନଙ୍କର ଚିତ୍କାର ଓ ପ୍ରସ୍ଥାନ, ତଥାପି ଶବର ଦୁହିଁଙ୍କର ସେମାନଙ୍କୁ ଲକ୍ଷ୍ୟ କରି ଶର ନିକ୍ଷେପ । ସହସା ଅଦୂରରୁ 'ମରିଗଲି ! ମରିଗଲି !'—ଏହିପରି ଭୟଙ୍କର ଚିତ୍କାର ଶୁଣାଗଲା ।)

ପ୍ର: ଶବର—ଯାଃ ବାଟୋଇ ! ତୁ ଖଲାସ ହୋଇଯାଇଛୁରେ—ଖଲାସ ହୋଇଯାଇଛୁ ! ତୋର ଜାନ ରହିଯିବା ଗଲା ରେ—ରହିଯିବା ଗଲା !
ରଘୁ—( ହାତଯୋଡ଼ି ) କିଏ ଆପଣମାନେ ? ମୋର ପ୍ରଣାମ ଗ୍ରହଣ କରନ୍ତୁ । ଅନ୍ନି ! ଏମାନଙ୍କୁ ପ୍ରଣାମ କର ।

( ରଘୁନାଥ ଓ ଅନ୍ନପୂର୍ଣ୍ଣା ପ୍ରଣାମ କରିବା )

ଦ୍ୱି: ଶବର—ଆରେ ତୁଟା ପାଗଲା ରେ ପାଗଲା ! ଆରେ ! ଆମେ ଶବର ଆଚ୍ଛେ । ଏ ଝାଡ଼ଖଣ୍ଡରେ ଜାନୁଆର ମାରିସେଁ । ଆମକୁ ପରନାମୀ କେନରେ ?
ରଘୁ—ନାଁ, ନାଁ, ଆପଣମାନେ ମୋର ପ୍ରାଣଦାତା—ମୋର ଦେବତା !
ପ୍ର: ଶବର—ଆରେ ! ତୁ ଏ ଜଙ୍ଗଲଟାରେ କେନେ ଯାଇସୁ ?
ରଘୁ—ଶ୍ରୀକ୍ଷେତ୍ରକୁ, ବାବା !
ଦ୍ୱି: ଶବର—ଆରେ ! ତେନେ ବାଘ ଆଛେ; ଭାଲୁ ଆଛେ,—ତତେ ଡର ନାଇଁ ଲାଗସେ ? ତେନେ ନାଇ ଯାଇ ।

—ରଘୁଅରକ୍ଷିତ—

ରଘୁ—ଯିବ ନିଶ୍ଚୟ, ବାବା ! ବାଘ ଖାଉ ବା ଭାଲୁ ଖାଉ, ନୀଳାଦ୍ରି-ନାଥଙ୍କର ଇଚ୍ଛା ।

ପ୍ର: ଶବର—ଆରେ ! କଥା ନାହିଁ ମାନ୍‌ତା କେନ୍‌ରେ ?

ରଘୁ—ମୁଁ ଆପଣଙ୍କ ଆଜ୍ଞାକୁ ଅବଜ୍ଞା କରୁ ନାହିଁ; କିନ୍ତୁ ପ୍ରତିଜ୍ଞା କରିଛି, ଆଉ ଏ ଦେଶର ଯାତ୍ରୀମାନେ ରହିବେ ନାହିଁ । ପ୍ରାଣ ଯିବାର ଥିଲେ ଯିବ ।

ଦ୍ୱି: ଶବର—ଆଚ୍ଛା ! ଆଚ୍ଛା ! ତେବେ ଚାଲ ବାଟୋଇ ! ତତେ ଏ ଝାଡଖଣ୍ଡ୍ ନେଇ ଛାଡ଼ିବୁଁ ।

ରଘୁ—ହଉ, ଆପଣଙ୍କର ଯେପରି ଆଜ୍ଞା !

[ ଅଗ୍ରପଶ୍ଚାତ୍ ଶବରଦ୍ୱୟ, ମଧ୍ୟଭାଗରେ ରଘୁନାଥ ଓ ଅନ୍ନପୂର୍ଣ୍ଣା; ଏହିପରି ଭାବରେ ସମସ୍ତଙ୍କର ଏକ ଦିଗରେ ପ୍ରସ୍ଥାନ ଏବଂ ଅନ୍ୟଦିଗରୁ ଶବରଦ୍ୱୟଙ୍କ ଶରଦ୍ୱାରା ଚକ୍ଷୁବିଦ୍ଧ, ରକ୍ତାକ୍ତବଦନ ଚକ୍ରପାଣିର ଧୀରେ ଧୀରେ ପଥ ଦେଖି ଦେଖି ପ୍ରବେଶ ]

ଚକ୍ର—ଓଃ ! ଓଃ ! କିଏରେ ବର୍ବର ! କିଏରେ ନୃଶଂସ ! ମୋର ସର୍ବନାଶ କରିଦେଲୁ ! ଓଃ ! ପ୍ରାଣରେ କି କଷ୍ଟ ! କି ଯାତନା ! କାହିଁକି ଆସିଲି ? କାହିଁକି ଆସିଲି ? ଓଃ ! ଆରେ ଘାତକମାନେ ! କେଉଁଠି ଅଛ ? ଆସ, ମୋତେ ନେଇଯାଅ । ଧିକ ତୁମମାନଙ୍କୁ ! ତୁମେମାନେ ମୋତେ ଛାଡ଼ି ଚାଲିଗଲ ? ଓଃ ! କୁଆଡେ ଯିବି ? ( ଦୁଇ ହାତରେ ପଥ ଖୋଜିବା ) ପଥ କାହିଁ ? ପ୍ରଭୁ ! ନାଁ ନାଁ, ମୋର ଉପଯୁକ୍ତ ପ୍ରାୟଶ୍ଚିତ୍ତ ହୋଇଛି । ଅନ୍ନ ! ଅନ୍ନ ! ଥରେ ଆଖିରେ ଦେଖି ଯା, ଅନ୍ନ ! ପାପୀ ତା କାର୍ଯ୍ୟର କିପରି ଉପଯୁକ୍ତ ପ୍ରତିଫଳ ପାଇଛି । ରଘୁନାଥ ! ଦେବତା ! ଦେଖିଯାଅ ! ସ୍ୱାର୍ଥାନ୍ଧ ହୋଇ, ପରର ପ୍ରବର୍ତ୍ତନାରେ ପଡ଼ି ତୁମ୍ଭର ସର୍ବନାଶ କରିବାକୁ ଯାଇଥିଲି; କିପରି ଶାସ୍ତି ପାଇଛି । ଆସ, ଦେଖ, ମୋତେ ଉପହାସ କର—ବିଦ୍ରୂପ କର—ତାଳି ମାର ! ଆହା ! (ଦେଖି ହୋଇ ) ଏଇଟା ତ

ବାଟ ପରି ଲାଗୁଛି । ଅନ୍ଧ ଅନ୍ଧ ! ରଘୁନାଥ ! ରଘୁନାଥ ! ଏଇ ବାଟରେ ତ ତୁମେ ଦୁହେଁ ନିଶ୍ଚୟ ଯାଇଥିବ ! ଏଇ ପଥରେ ତ ତୁମ ପଦଧୂଳି ପଡ଼ିଥିବ ! ( ଧୂଳିମସ୍ତକରେ ବୋଳି ) ବାଃ ! ବାଃ ! ତୁମ ପଦଧୂଳି ପାଇଛି ! ତୁମ ଯିବା ବାଟ ପାଇଛି ! ଯାଏଁ, ଏହି ବାଟ ଅନୁସରଣ କରି ଯଦି ତୁମମାନଙ୍କ ଭେଟପାଏଁ ।

(ଗୁରୁଣ୍ଡି ଗୁରୁଣ୍ଡି ପ୍ରସ୍ଥାନ )

---

## ଦ୍ୱିତୀୟ ଦୃଶ୍ୟ

ପଥ

( ବୁଢ଼ିଆ ପ୍ରବେଶ କରି )

ବୁଢ଼ିଆ—ରଙ୍ଗିଆଟା ଏତେ ବେଳଯାଏ ଗଲା କୁଆଡ଼େ ? ଶୁଣିଥିଲି ସୁରଥ ସାଆନ୍ତେ ମନ୍ତ୍ରୀଗାଡ଼ୀ ପାଇବେ ବୋଲି, ତେବେ କଅଣ ବେଲ ଉଣ୍ଡି ଉଣ୍ଡି ତାଙ୍କ ପାଖକୁ ଗଲା ବାହାରି କି ? ତାହାହେଲେ ତ ସେ ଆଗୁଆ ଭଗତକ ମାରି ନବ, ଆଉ ମୁଁ ପଛରେ ଯାଇ ପାଇବି କଅଣ ? ହଉ ଆସୁ; ଏହି ବାଟେ ତ ଫେରିବ, ଯିବ କୁଆଡେ ? ମୁଁ କଅଣ ସହଜରେ ଛାଡ଼ିଦେବି ? ଆଜି ଏହିଠାରେ ଭାଗ ନ ପାଇଲି କାହିଁକି ? ଦେଖ, ତାର କେତେ ସାହସ ! ମତେ ନ କହି, ମୋ ପାଖକୁ ଖବରଟାଏ ବି ନ ପଠେଇ ଲୁଚିକରି ଗୁଲିଗଲା ? ହେଁ ! ସେହି ତ ଜାଣିକରି ଚଲାକ—ଦଶମାସିଆ, ଆଉ ସମସ୍ତେ ଓଲୁ--- ଛଅମାସିଆ ! ( ରଙ୍ଗିଆକୁ ପ୍ରବେଶ କରୁଥିବା ଦେଖି ) କି ରେ ! କୁଆଡେ ଯାଇଥିଲୁ କି ?

ରଙ୍ଗିଆ—(କାନ୍ଦି କାନ୍ଦି ହୋଇ) ଭାଇରେ ! ଆମ ଆଶାଭରସା ସବୁ ଚୂଲିରେ ପଶିଲା । ଆମ କଥା ସରିଲା । ଇମିତି ହବ ବୋଲି କିଏ ଜାଣିଥିଲା ରେ ? ଓହୋଃ ! ହୋଃ ! (କ୍ରନ୍ଦନ)

—ରଘୁ ଅରକ୍ଷିତ—

ବୁଢ଼ିଆ—ସେସବୁ ନବରଙ୍ଗ, ଗାଲୁଆଗିରି, ଠକପଣ ଗୁଡ଼ା । କଅଣ ଆଣିଛୁ ବାହାର କର ।

ରଙ୍ଗିଆ—ଆରେ ! ଆମ କପାଳ ଫାଟିଲାଣିରେ—କପାଳ ଫାଟିଲାଣି ! ଓହୋଃ ! ହୋଃ ! (କ୍ରନ୍ଦନ)

ବୁଢ଼ିଆ—ମନେ କରିଛୁ ଇମିତି ସବୁକେଇ ହେଲେ ମୁଁ ଛାଡ଼ିଦେବି—ନା ? ହେଇଟି ସଫା ସଫା କହିଦେଉଛି—ଦାସେ ଆଉ ଏଣିକି ତୋ ଫିସାଦିଆ ସୁଆଦିଆ କଥାରେ ନ ଭୁଲନ୍ତିରେ ବାବା !

ରଙ୍ଗିଆ—ଆମ ସଂସାର ବୁଡ଼ିଗଲା ରେ—ବୁଡ଼ିଗଲା ! (ପୂର୍ବପରି କ୍ରନ୍ଦନ)

ବୁଢ଼ିଆ—(ଈଷତ୍ ବିରକ୍ତିରେ) କଅଣ କଥାଟା ନ କହି କାହିଁକି ବିର ଦାଣ୍ଡଟାରେ ମାଇକିନିଆଙ୍କ ଭଳି ଇମିତି ସ୍ୱର ଲମ୍ବେଇଛୁ ମ ?

ରଙ୍ଗିଆ—ଆଉ କଅଣ କହିବି ରେ ! ଖାଲି କୁହୁଡ଼ିପହଁରା ହେଲା ସିନା ! ଆହା ! ଏକା ସୁରଥ ସାଆନ୍ତଙ୍କ ଲାଗି ଆମେ ଉଚ୍ଛନ୍ନ ହେଲେଇଁ ରେ—ଉଚ୍ଛନ୍ନ ହେଲେଇଁ !

ବୁଢ଼ିଆ—କାହିଁକି, ସୁରଥ ସାଆନ୍ତଙ୍କର କଅଣ ହେଲା କି ?

ରଙ୍ଗିଆ—ଆଉ ହବ କଅଣ ? ସେ ଆପଣା ସୁରୁଖୁରୁରେ ଖସିଗଲେ, ମଲେଇ ତ ଆମେ । ଆମରି ମୁଣ୍ଡରେ ଚଡ଼କ ପଡ଼ିଲା । ଇଲଗେ ତ ସିପାଇମାନେ ଆସି ଧରିନେଇ ଶୂଳୀ ଦେବେ ରେ !

ବୁଢ଼ିଆ—କାହିଁକି, ଆମେ କି ଦୋଷ କରିଛୁଁ କି ?

ରଙ୍ଗିଆ—ଆରେ ! ମହାଜନ ଘର କଥା ସବୁ ମହାରାଜାଙ୍କ କାନରେ ପଡ଼ିଲାଣି ରେ ! କଥାର ଗୁମର ଫିଟିଗଲାଣି ରେ !

ବୁଢ଼ିଆ—ଏ ! ମହାରାଜା ସେକଥା କମିତି ଶୁଣିଲେ ? କିଏ କହିଲା ?

ରଙ୍ଗିଆ—ହରିପୁରର ପ୍ରଜାଗୁଡ଼ାକ ଏକାଠି ମେଳବାନ୍ଧି ଆସି ମହାରାଜାଙ୍କ ଛାମୁରେ ଗୋଟି ଗୋଟି କରି ସବୁ କଥା ଜଣାଇ ଦେଲେ ରେ !

—ରଘୁଅରକ୍ଷିତ—

ବୁଦ୍ଧଆ—ମହାରାଜା ଶୁଣି କଅଣ କଲେ ?

ରଙ୍ଗିଆ—ଆଉ କରିବେ କଅଣ ? ମହାରାଜା ତ ଏକାବେଳକେ ରାଗି ନିଆଁ ବାଣ। ସାଙ୍ଗେ ସାଙ୍ଗେ ସୁରଥ ବାବୁଙ୍କ ଘରକୁ ପିଆଦା ଦୌଡ଼ିଲେ !

ବୁଦ୍ଧଆ—ସୁରଥ ସାଆନ୍ତଙ୍କୁ ଆଣିଲେ ?

ରଙ୍ଗିଆ—ତାଙ୍କୁ କଅଣ ପାଇଲେ କି ? ସେ ପରା ଆଗରୁ କମିତି ଇସାରା ପାଇ ଘରର ମାଲମତାତକ ଧରି କୁଆଡ଼େ ପଳେଇଲେଣି। ମହାରାଜା ରାଜ୍ୟଟାଯାକ ଦୁଲଆ କଲେ ପାଇଲେ ନାହିଁ । ତାଙ୍କ ମନ ଭାରି ଖରାପ ।

ବୁଦ୍ଧଆ—ସତେ ! ସୁରଥ ସାଆନ୍ତେ ଏବେ ପଳେଇଲେଣି। ଆଚ୍ଛା ସେ ସର୍ଦ୍ଦାର ଗଲା କୁଆଡ଼େ ?

ରଙ୍ଗିଆ—ସେ ବି କୁଆଡ଼େ ଚମ୍ପଟ। ଖାଲି ସେତିକି କି ! ଆଜି ନଅର କଚେରୀକୁ ଯାଇଥିଲି, ଶୁଣିଲି ରଘୁନାଥର ଜଗୁଆଳି ଆଉ ତାଙ୍କ ସାଙ୍ଗ ଦୁହେଁ କଇଦଖାନାରୁ ଖଲାସ ପାଇ ପୁରସ୍କାର ନେଇ ଘରକୁ ଗଲେଣି ।

ବୁଦ୍ଧଆ—ଦେଖିଲୁ, ମୁଁ ପରା ତତେ ମୂଳରୁ ମନା କରୁଥିଲି । ଏବେ ହେଲା ? ମନ ମାନିଲା ?

ରଙ୍ଗିଆ—ହଁ ରେ ! ଲୋଭରେ ପଡ଼ି ତୋ କଥା ନ ମାନିବା ଫଳ ବେଶ ପାଇଲିଣି। ହେଲେ ଆଉ ତ ଉଦ୍ଧାରର ବାଟ ଦିଶୁ ନାହିଁ ରେ ! ଆଜି ଆମକୁ ଧରି ନେବାକୁ ମହାରାଜାଙ୍କ ଶ୍ରୀମୁଖରୁ ହୁକୁମ ହୋଇଛି, ଇଲଗେ ତ ପିଆଦାମାନେ ଆସିଯିବେ ରେ !

ବୁଦ୍ଧଆ—ଓହୋ ! ମୁ ଏବେ କରିବି କଅଣ ? ହେ ..ଧରମଦେବତା ! ହେ ମା ଜାଗୁଲେଇ ! ହେ ମା ମଙ୍ଗଳଚଣ୍ଡି ! ହେ ମା ସର୍ବମଙ୍ଗଳା ! ଏ ମୁଣ୍ଡଟା ରଖ ମା ! ଆଉ କେଭେ ଇମିତି ଖ୍ରୋଟ କାମ କରିବି ନାହିଁ। କାନ ମୋଡ଼ି ହଉଛି, ନାକ ଘଷି ହଉଛି, ଦି ଗାଲରେ

ଗୁପୁଡ଼ା ଖାଉଛୁ । ମହାଜନ ଘରୁ ଯେତେ ଟଙ୍କା ପଇସା ପାଇଛୁ, ସବୁତକ ତୋ ବଳାପୂଜାରେ ଖରଚ କରି ଦେବି ମା !

ରଙ୍ଗିଆ—ଆରେ ! ପଳେଇଆ ରେ ! ଆଜି ରାତାରାତି ପୁଅ ମାଇପକୁ ନେଇ କୁଆଡେ ଜଙ୍ଗଲକୁ ପଳେଇଯିବା । ନଇଲେ ଆଉ ରକ୍ଷା ନାହିଁ ।

ବୁଢ଼ିଆ—ଆରେ ! ମୋ ଦେହ କଅଣ ହୋଇଯାଉଛି ରେ ! ମତେ ଧର !

( ବୁଢ଼ିଆକୁ ଧରି ରଙ୍ଗିଆର ପ୍ରସ୍ଥାନ )

## ତୃତୀୟ ଦୃଶ୍ୟ

### ଶ୍ରୀକ୍ଷେତ୍ରରେ ରଘୁନାଥର କୁଟୀର

( ଅନ୍ନପୂର୍ଣ୍ଣା ମାଳା ଗୁନ୍ଥୁ ଗୁନ୍ଥୁ ଗୀତ ଗାଉଥିଲେ )

ଗୀତ

ଘେନା କି ହେବ ହେ ! ସତେ ପଦେ ଏ କୁସୁମମାଳ । ।
ଭକ୍ତି ପ୍ରୀତି ନ ଜାଣେ ମୁଁ ସ୍ୱଭାବେ ପରା ଅବଳା ।
ଭବସାଗର ଜଳରେ ଭାସେ ପରାଣ ଆକୁଳେ
ଦୟା ବିନା ପ୍ରଭୁ ହେଲେ ବୁଡ଼ିବ ଭେଳା । ୧ ।
ତୁମ୍ଭେ ଗତି ତୁମ୍ଭେ ମୁକ୍ତି ତୁମ୍ଭେ ବିଶ୍ୱ ସୃଷ୍ଟି ସ୍ଥିତି
ରହୁ ଶ୍ରୀଚରଣେ ମତି, ହେ ଚକାଡୋଳା । ୨ ।

ଅନ୍ନ—(ଗୀତାନ୍ତେ) ଆହା କେତେ ସୁଖର ସ୍ଥାନ ଏ ଶ୍ରୀକ୍ଷେତ୍ର ! ସାକ୍ଷାତ୍ ବୈକୁଣ୍ଠପୁରରେ ବାସ କଲା ପରି ମତେ ଲାଗୁଛି । ଏ ସ୍ଥାନରେ

—ରଘୁଅରକ୍ଷିତ—

ଶୋକ ନାହିଁ କି ଶୋଷ ନାହିଁ, ଦୁଃଖ ନାହିଁ କି ଚିନ୍ତା ନାହିଁ; ସବୁବେଳେ ମନ ଆନନ୍ଦରେ ପୂରି ଉଠୁଛି । ଏଠି ସବୁବେଳେ ବସନ୍ତ ପବନ ବହୁଛି, କୋକିଳ ମଧୁର ସ୍ୱରରେ ଗାଉଛି, ହରି-ଧ୍ୱନିରେ ଗୃହଆଡ ଉଚ୍ଛୁଳି ପଡୁଛି । ଏହି ଆନନ୍ଦଧାମରେ ଯେମିତି ଆନନ୍ଦର ହାଟ ବସିଛି । ଧନ୍ୟ ପ୍ରଭୁ ! ଧନ୍ୟ ତୁମ୍ଭ ମହିମା ! (କିଛିକ୍ଷଣ ପରେ) କାହିଁ ? ଏତେବେଳ ହେଲାଣି, ସେ କୁଆଡ଼େ ଗଲେ ? ସକାଳୁ ଠାକୁରଙ୍କ ପାଇଁ ଚନ୍ଦନଖଣ୍ଡ ମାଳା ନେଇ ଯାଇଛନ୍ତି ଯେ ବେଳ ଆସି ଗଡ଼ିବାକୁ ବସିଲାଣି, ଏତେବେଳ ଯାଏ କିଆଁ ଅଇଲେ ନାହିଁ ? ବଡ ଦେଉଳରେ ପଶିଲେ ତାଙ୍କର ତ ବେଳକାଳ, ଚେତାଚୈତନ୍ୟ କିଛି ନ ଥାଏ । ହଉ କେତେ-ବେଳେ ଆସୁଛନ୍ତି ଆସନ୍ତୁ । ମୁଁ ସନ୍ଧ୍ୟାଆଳତି ପାଇଁ ମାଳାତକ ଗୁନ୍ଥିପକାଏଁ । (ଗୀତଗୋବିନ୍ଦରୁ ଦଶାବତାର ଶ୍ଳୋକ ବୋଲି ରଘୁ-ନାଥଙ୍କୁ ପ୍ରବେଶ କରୁଥିବାର ଦେଖି) ହଇହେ ! ଏତେ ବେଳ-ଯାଏଁ କୋଉଁଠିଥିଲ ମ ? ତୁମକୁ କଅଣ ଭୋକ କରୁ ନାହିଁ ?

ରଘୁ—ବଡ଼ ଦେଉଳରେ ଚକାଡୋଳାଙ୍କ ଜଗତମୋହନିଆ ରୂପ, ତାଙ୍କ ସେବାପୂଜା, ବେଶ ଦେଖୁଥିଲେ ଭୋକ କରେ ନାହିଁ, ବେଳକାଳ କିଛି ଜଣାଯାଏ ନାହିଁ, ଅନ୍ନ !

ଅନ୍ନ—ହଁ, ସେ ରୂପର ମହିମା ତ ସେହିପରି । ଗୃହିଁଦେଲେ ଆଖି ଏକା-ବେଳକେ ଲାଖିରହେ । ହଉ, କଅଣ ଆଣିଛ ଦେଲ, ମୁଁ ଯାଇ ବେଇଗି ରନ୍ଧାବଢ଼ା କରିଦିଏଁ । ଦିଓଟି ଖାଇ ଟିକିଏ ଥକ୍କା ମେଣ୍ଟାଅ ଭଲା । ନ ଖାଇ ନ ପିଇ ତମ ଦିହ କଅଣ ଦିଶିଲାଣି ।

ରଘୁ—ଅନ୍ନ ! ମୁଁ ଆଜ ଭିକ୍ଷା ଗୃଉଳ ଆଣି ନାହିଁ । ବେଳ ଗଡ଼ି ଯାଇ-ଥିବାରୁ ଭିକ୍ଷା କରିବାକୁ ଗଲିନାହିଁ, ସିଧା ସିଧା ପଳେଇ ଆସିଛି ।

—ରଘୁଅରକ୍ଷିତ—

ଅନ୍ନ—କାହିଁକି ? କଅଣ ହେଲା କି ?

ରଘୁ—ଅନ୍ନ ! କଅଣ କହିବି ? ତୋ ମାଳା ଲାଗି ହୋଇ ଭୋଗମଣ୍ଡପ ପୂଜାବେଳେ—ଯେତେବେଳେ ଶଙ୍ଖ ଘଣ୍ଟା ବାଜି ଉଠିଲା, ହରି ବୋଲ ଡାକରେ ସବୁ ଆଡ଼ ଉଚ୍ଛୁଳି ପଡ଼ିଲା, ଦିନ ପଣ୍ଡା ନାତ ଠାକୁରଙ୍କୁ ଆଳତି କଲେ, ସେତେବେଳେ—ମନେ ହେଲା ମୁଁ ଯେପରି ବୈକୁଣ୍ଠଧାମରେ ଅଛି, ଜଗମୋହନ ଛାଡ଼ି ଆସିବାକୁ ତିଳେ ସୁଦ୍ଧା ମନ ହେଲା ନାହିଁ । ଆଉ ଭିକ୍ଷା କରିବାକୁ ଇଚ୍ଛା ବି ହେଲା ନାହିଁ ।

ଅନ୍ନ—ତେବେ ତୁମେ ଆଜି ଖାଇବ କଅଣ ?

ରଘୁ—ଆଜି ଦିନଟା ସିମିତି ଉପାସରେ ବିତିଗଲେ ମତେ କିଛି କଷ୍ଟ ହେବ ନାହିଁ । ମୁଁ ଜଗନ୍ନାଥଙ୍କ ଭଜନ ଗାଇ ଗାଇ ଆନନ୍ଦରେ ଦିନଟା କଟାଇଦେବି; କିନ୍ତୁ ତୋ କଥା କଅଣ ହେବ ? ତୁ ଭୋକ ସମ୍ଭାଳି ରହିବୁ କିମିତି ? ଓଃ ! ! କି ଉପାୟ !

ଅନ୍ନ—କଅଣ ହେଲା ? ତୁମେ ଉପାସ ରହି ମୋ ଖାଇବା ପାଇଁ ଚିନ୍ତା କରୁଛ ? ତୁମ ଖାଇବାଠୁଁ ମୋ ଖାଇବାଟା କଅଣ ଏତେ ବଡ଼ ? ନାଥ ! ତୁମ ଗୋଡ଼ଧୁଆ ପାଣି ଟିକକ ପାଇ ମୋର କଅଣ ଦିନଟା କଟିଯିବ ନାହିଁ ଯେ ଏଥିପାଇଁ ଏତେ ଭାବନା ! ହେଲେ ତୁମେ ମୋ ଆଖି ଆଗରେ ଉପାସ ରହିବ ଏହା ସହିବି କିମିତି ? (କାନିରେ ଲୁହ ପୋଛୁ ) ଓଃ ! କି ପୋଡ଼ା କରମ ମୋର ! ମୋର ଏ ଜୀବନ ନ ଯାଇ ରହିଛି କିଆଁ ?

(ଅନ୍ନପୂର୍ଣ୍ଣା ଦୁଃଖରେ କାନ୍ଦି ପୁନରପି କାନିରେ ଲୁହ ପୋଛୁବା—ଏହି ସମୟରେ ଦ୍ୱାରଦେଶରେ ଦୁଇ ଜଣ ସାଧୁ ଡାକିବାର ଶୁଣାଗଲା )

୧ମ ସାଧୁ—ଦାତାଜି ! ଓ ଦାତାଜି ! କେବାଡ଼ ଖୋଲ କର ବାହାର ଆଇଏ । ହାମ୍‌ଲୋକ୍ ମର୍‌ଗୟେ ।

—ରଘୁ ରକ୍ଷିତ—

୨ୟ ସାଧୁ—ଧୂପ୍‌ମେ, ଭୂକ୍‌ସେ ଜାନ ଚଲ୍‌ଜାତା ହେ, ଦାତାଜି !

ରଘୁ—(ଉତ୍କଣ୍ଠିତ ହୋଇ ଶୁଣି) ଅନ୍ନ ! ଅନ୍ନ ! ଅତିଥିମାନେ ଯେ ଦ୍ୱାରରେ ଡାକୁଛନ୍ତି । ଉପାୟ କଅଣ, ଅନ୍ନ ! ନାଁ, ନାଁ, ମୁଁ ଆଗ ଯାଏଁ ।

(ବ୍ୟଗ୍ରତାସହ ପ୍ରସ୍ଥାନ)

ଅନ୍ନ—କଅଣ କରିବି ? ଅତିଥିଙ୍କ ସେବା ହେବ କିପରି ? ସେ ତ ଆଜି ଭିକ ମାଗିବାକୁ ଯାଇ ନାହାନ୍ତି । ଓଃ ! ମତେ ଯେ ବୁଦ୍ଧି ଦିଶୁ ନାହିଁ

(ସାଧୁମାନଙ୍କୁ ପ୍ରବେଶ କରୁଥିବାର ଦେଖି ଅନ୍ତରାଳକୁ ଗମନ)

ରଘୁ—( ଅତିଥିମାନଙ୍କ ସହିତ ପ୍ରବେଶ କରି ) ଆଜି ମୋର ପରମ ସୌଭାଗ୍ୟ; ଆସନ୍ତୁ, ପଦରଜ ପକାଇ ଏ କୁଟୀରକୁ ପବିତ୍ର କରନ୍ତୁ ।

[ ସାଧୁମାନଙ୍କର ଉପବେଶନ ଓ ରଘୁନାଥ ବ୍ୟଜନ କରିବା ]

୧ମ ସା—ଦାତାଜି ! ଦୋ ରୋଜସେ ହାମ୍ ଲୋକ୍ କୁଛ୍ ନେହି ଖାୟା । ଯାଇଏ, ଖାନେ ପିନେକା କୁଛ୍ ପ୍ରବନ୍ଧ କରୋ, ବାବା !

୨ୟ ସା—ବଡ଼ୀ ପ୍ରେମସେ ଆୟାହୁ , ଦାତାଜି !

୧ମ ସା—ଠାକୁର୍ ଜିକା ଆଚ୍ଛା ଆଚ୍ଛା ଭୋଗ ଲଗାଦେଓ, ବାବା !

୨ୟ ସାଧୁ—ବାବାଜି ! କ୍ଷୁଧାର୍ତ୍ତିୟୋଁ କୋ ଭୋଜନ ଦେନେସେ ମହା-ପୁଣ୍ୟ ହୋତା ହେ । ଦାନ୍ କରନେସେ ଧରମ୍ ହୋତା ହେ ।

୧ମ ସାଧୁ—ଠାକୁର୍‌ଜିକା ଗରମ୍ ଗରମ୍ ଖିଚଡ଼ୀ ।

୨ୟ ସାଧୁ—ଆଚ୍ଛା ଆଚ୍ଛା ମାଲପୁଆ ଔର କ୍ଷୀର ଲାଓ ।

୧ମ ସାଧୁ—ଅର୍‌ହର୍‌କା ଡାଲ ଔର୍ କିସମ୍ କିସମ୍ କା ତରକାରି ।

ରଘୁ—(ସ୍ୱଗତ) କଅଣ କହୁଯାଉଛନ୍ତି, ଏ ସବୁ ପଦାର୍ଥ ମୁଁ କାହୁଁ ପାଇବି ? କିଏ ମୋତେ ଦେବ ? ଓଃ, କଅଣ କରିବି ? ଜଗନ୍ନାଥେ !

୨ୟ ସାଧୁ—କ୍ୟା ଦାତାଜି ! ଆପ୍ ଯୋ ବିଲ୍‌କୁଲ୍ ଚୁପ୍ ହୋଗୟେ, କ୍ୟା ଦେନେକୋ ମନ୍ ନେହିଁ ?

—ରଘୁଅରକ୍ଷିତ—

ରଘୁ—ନା, ନାଁ, ଦେବ ଦେବ, ଯାହା ମାଗିବେ ଦେବ ।

୧ମ ସାଧୁ—କ୍ୟା ସଚ୍ଚା ବୋଲ୍‌ତେ ହୋ ସ୍ବା ଝୁଠ୍ ?

ରଘୁ - ସତ୍ୟ ( ସ୍ୱଗତ ) ଏଁ ! ସତ୍ୟ !

୨ୟ ସାଧୁ—ବହୁତ ଆଚ୍ଛା ! ବହୁତ ଆଚ୍ଛା ! ଖୁସିକି ବାତ୍ । ହାମଲୋକ୍ ଅବ୍‌ଭି ଠାକୁରଜୀକୋ ଦର୍ଶନ କେ ଲିୟେ ବାହାର ଜାତାହୁଁ ! ଆପ୍ ଜାଇଏ, ଫୁର୍ତ୍ତିସେ ସବ୍‌କୁଛ ପ୍ରବନ୍ଧ କରୋ । ଥୋଡ଼େ ସମୟକା ବାଦ୍ ହାମଲୋକ୍ ଆକର ପହୁଁଚେଁଗେ ।

[ସାଧୁମାନଙ୍କର ପ୍ରସ୍ଥାନ, ରଘୁ ନିରାଶରେ ଓ ବିଷର୍ଣ୍ଣ ବଦନରେ ଉପବିଷ୍ଟ, କିଛିକ୍ଷଣ ପରେ ଅନ୍ନପୂର୍ଣ୍ଣାର ପ୍ରବେଶ ]

ଅନ୍ନ—ଇମିତି ମୁଣ୍ଡକୁ ତଳକୁ ପୋତି ମୁହଁଟି ଶୁଖେଇ ବସିଛ କାହିଁକି ? କଅଣ ହେଲା କି ? ଅତିଥିମାନେ କଅଣ କହିଲେ କି ?

ରଘୁ—ଅନ୍ନ ! ଅତିଥିମାନେ କ୍ଷୀର, ଖେଚେଡ଼ି, ଅମାଲୁ ଇମିତି କେତେ କଅଣ ଖାଇବାକୁ ବରାଦ କରି ଦେଇଗଲେ । ଏ ସବୁ କାହୁଁ ପାଇବି ଅନ୍ନ !

ଅନ୍ନ—ତୁମେ ସେମାନଙ୍କୁ କଅଣ କହିଲ ?

ରଘୁ—ଦେବ ବୋଲି ସତ୍ୟ କରି ପକାଇଲି । ମୋ ତୁଣ୍ଡରୁ ବାହାରିଗଲା । ଅନ୍ନ ସେତିକି ବେଳୁ ମୁଁ କାଠ ପଥର ହୋଇଗଲିଣି । ମୋତେ ବୁଦ୍ଧି ବାଟ ଦିଶୁନାହିଁ । ମୁଁ କେଉଁଠି ? ଆଉ କ୍ଷୀର ଖେଚଡ଼ି ମାଲପୁଆ କେଉଁଠି ? ମୋ ଭଳି ଅରକ୍ଷିତ ଏସବୁ ପଦାର୍ଥ ପାଇବ କୁଆଡ଼ୁ ? କିନ୍ତୁ ଅନ୍ନ ! ନ ଦେଲେ ତ ଅତିଥିମାନେ ନିରାଶରେ ନିଶ୍ୱାସ ପକାଇ ଫେରିଯିବେ ! ମୋ ବ୍ରତ ଭଗ୍ନ ହବ ! ସତ୍ୟ ଭଙ୍ଗ ହବ !

ଅନ୍ନ—ମଲା ! ଏଇ କଥାକୁ ଏତେ ଭାବୁଛ ?

ରଘୁ—ଭାବିବି କରିବି ନାହିଁ ? ମୁଁ କାହୁଁ ଏସବୁ କଉଡ଼ିଆ ପଦାର୍ଥ ପାଇବି ? ପ୍ରଭୁ ହେ ! ଏ ଦୁଃଖ ଦେଲ କାହିଁକି ? ଗରିବଟା

ଉପରେ ଏତେ ନିଷ୍ଠୁର ହେଉଛ କିଆଁ ? ନାଃ, ଆଉ ସମ୍ଭାଳିପାରୁ ନାହିଁ । ଆଉ ଏ ପ୍ରାଣ ରଖିବି ନାହିଁ । ଏ ନିର୍ଲଜ୍ଜ ଜୀବନରେ କି ଫଳ ? ଅନ୍ନ ! ଅତିଥିମାନେ ଆସିଲେ କହିଦେବୁ—ଏ ଅଧମ ସେମାନଙ୍କର ଅଭିଳାଷ ପୂରଣ କରିବାକୁ ଅସମର୍ଥ ହୋଇ ପ୍ରାଣ-ତ୍ୟାଗ କଲା ।

ଅନ୍ନ—ହଇହେ ! କଣ ଗୁଡ଼ାଏ ବକି ଯାଉଛ ? ଘରେ କିଛି ନାହିଁ ବୋଲି କଅଣ ଅତିଥିସେବା ଆଜି ବନ୍ଦ ହୋଇଯିବ ? କେଉଁ ଦିନ ବନ୍ଦ ହେଲାଣି ଭଲା ?

ରଘୁ—ସବୁ ଦିନ ଭିକ୍ଷା ଗୁଡ଼ିଏ ଥାଏ ବୋଲି ଚଳିଯାଏ, କିନ୍ତୁ ଆଜି ଯେ ସବୁ ଶୂନ୍ୟ ।

ଅନ୍ନ—ଏଥିପାଇଁ ଏତେ ନିରାଶ ହେଉଛ କାହିଁକି ?

ରଘୁ—କଅଣ ଦେଖି ଆଶା ଧରିବି ଅନ୍ନ ? ମୋର କଅଣ ଅଛି ?

ଅନ୍ନ—ମୋ ଦେହରେ ଏତେ ଆସ୍ତୁ ଅଳଙ୍କାର ଥାଉ ଥାଉ ତୁମ ଅତିଥି ସେବା କାମ ଅଚଳ ରହିଯିବ ?

ରଘୁ—କଅଣ ହେଲି ? ତୋ ଦେହ ଅଳଙ୍କାର ବିକି ଖର୍ଚ୍ଚ କରିବି ? ସ୍ୱାମୀ ହୋଇ ଏହା କରିବାକୁ ମୋ ହାତ ଯିବ କିପରି ? ତୋ ଦେହକୁ ଅଳଙ୍କାର ଦିଖଣ୍ଡ ଗଢ଼ି ଦେବା କଥା ତେଣେ ଥାଉ, ତୋ ଧନ, ତୋ ଭୂଷଣ ନେଇ ବିକି ମୋ କାମ ଚଳେଇବି ?

ଅନ୍ନ—ମୋ ଦେହ ଅଳଙ୍କାର କଅଣ ତୁମର ନୁହେଁ ? ନାଥ ! ତୁମେ ତ ମୋର ଧନ, ମୋର ଭୂଷଣ--ମୋର ସବୁ, ତୁମ ଲାଗି ସିନା ଏ ଦାସୀର ଜୀବନ । ( ବେକରୁ ସୁନାମାଳି କାଢ଼ି ) ନିଅ, ଏ ମାଳିଟି ବିକି, ଆଗ ଅତିଥିସେବା କର ତା ପରେ ତୁମେ ଦିଓଟି ଖାଅ । ଯାଅ, ଆଉ ମନା କର ନାହିଁ ।

ରଘୁ—ନାଁ,ନାଁ, ମତେ ଆଉ ସେକଥା କହନା । ପ୍ରାଣ ଗଲେ ମୁଁ ତାହା କରିପାରିବି ନାହିଁ ।

— ରଘୁଅରକ୍ଷିତ—

ଅନ୍ନ — କାହିଁକି ଭଲ ମନା କରୁଛ ? ମୁଁ ଶୁଣିଛି,ପଶ୍ଚିମଦ୍ୱାରପାଖ ଧନପତି ମହାଜନ ଖୁବ ଦୟାବନ୍ତ । ତା ପାଖକୁ ଯାଅ,। ସେ ତୁମ ଦୁଃଖ ଶୁଣିଲେ ନିଶ୍ଚେ ମାଲଟି ରଖି ଟଙ୍କା ଦେବ ।

ରଘୁ — ତୁ କଣ ପାଗଳ ହେଲୁ ? ଅନ୍ନ ! ମୋ ଭଳି ଅରକ୍ଷିତ ମାଗିଖିଆ ହାତରେ ସୁନାରୁପାର ଅଳଙ୍କାର ଦେଖିଲେ ମହାଜନ ଚୋର ବୋଲି ମନେ କରି ମତେ ସିପେଇଦ୍ୱାରା ବନ୍ଧେଇବ ସିନା ! ଫଳରେ ଜେଲ୍ ଯିବି । ଏ ଦୁଃଖଠୁଁ ସେ ଦୁଃଖ ବଳି ପଡ଼ିବ । ମତେ ଆଉ ସେ କଥା କହ ନା । ମୁଁ ଗରିବ, ମରଣ ଛଡ଼ା ମୋର ଅନ୍ୟ ଉପାୟ ନାହିଁ । (ଯିବାକୁ ଉଦ୍ୟତ)

ଅନ୍ନ — (ପଥରୋଧ କରି ) ନାଥ ! ନାଥ ! ମୋ ରାଣ, ମୋ କଥା ଭାଙ୍ଗ ନାହିଁ । ( ରଘୁନାଥର ପାଦ ଧରିବା )

ରଘୁ — ନା ଅନ୍ନ ! ଅତିଥିମାନେ ଏହି କ୍ଷଣି ଆସି ପହଞ୍ଚିଯିବେ । ମୁଁ ଲାଜରେ ମୁହଁ ଦେଖାଇ ପାରିବି ନାହିଁ । ଛାଡ଼, ସେମାନେ ଆସିବା ଆଗରୁ ମୁଁ ଏ ସଂସାର ରୁ ବିଦାୟ ହୋଇଯାଏଁ । ତାଙ୍କ ନିରାଶବାଣୀ ମୋ କାନରେ ନ ପଡ଼ୁ ।

ଅନ୍ନ — (ସ୍ୱଗତ) କଅଣ କରିବି ? ଏ ତ ଜମାରୁ ବୁଝୁନାହାନ୍ତି । ନା, ତେବେ ମୁଁ ଯାଏଁ, ଦେଖେଁ । (ପ୍ରକାଶ୍ୟେ) ନାଥ ! ନାଥ ! ତେବେ ମତେ ଆଜ୍ଞା ଦିଅ, ମୁଁ ଯାଇ ମହାଜନଠୁଁ ଟଙ୍କା ଆଣେ ।

ରଘୁ — ଏ କଅଣ କହୁଛୁ, ଅନ୍ନ ? ମହାଜନ କିଏ ? ତୁ କିଏ ? ତୁ ତ ବଡ଼ନେ ହେଲେ ଏକୁଟିଆ ଦାଣ୍ଡକୁ ବାହାରି ନାହୁଁ । ନା, ନା, ସେ କଥା ହେବ ନାହିଁ । ତୁ କାହାକୁ ଚିହ୍ନୁ ? କାହାକୁ ଜାଣୁ ?

**ଅନ୍ନ**—ଚହେଁ, ନ ଚହେଁ, ପଣ୍ଟର ପଗ୍ଟରକା ଯିବ । ଜାଣେ ନ ଜାଣେ
ଥରେ ଦେଖେଁ ।

ରଘୁ—ଲଜରେ ତ ତୋ ପାଟି ଫିଟିବ ନାହିଁ, ତୁ ଯିବୁ କୁଆଡେ ?

ଅନ୍ନ—ତୁମ ଜୀବନଠାରୁ ମୋ ଲଜ୍ଜା ବଡ ନୁହେଁ, ନାଥ ! ଦଅ, ଅନୁ
ମତ ଦଅ, ମୁଁ ଯାଏ ।

ରଘୁ—ନାଁ, ନାଁ, ମତେ ସେକଥା କହ ନା । ଜାଣି ଶୁଣି ତତେ ପଠାଇବ
କିପରି ?

ଅନ୍ନ—ଘଡ଼ିକ ଭିତରେ ବାହୁଡ଼ି ଆସିବ । ମନା କର ନାହିଁ, ନାଥ ! ତୁମ
ଗୋଡ ଧରୁଛି । ଯେବେ ମନା କରିବ ତେବେ ତୁମ ଆଗରେ
ନଷ୍ଟେଁ ଦାଉଡ଼ି ଦେଇ ପ୍ରାଣ ହରାଇଦେବ । (ପଦାଧାରଣ

ରଘୁ—(କିଛି କ୍ଷଣ ଭାବି) ହଉ ତେବେ ଯା ! କିନ୍ତୁ ମନେ ରଖ, ଘଡ଼ିକ
ଭିତରେ ନ ଫେରିଲେ ମତେ ଆଉ ଦେଖିପାରିବୁ ନାହିଁ ।

(ଅନ୍ନପୂର୍ଣ୍ଣା ପତିଙ୍କ ପଦତଳେ ପ୍ରଣାମ କରି ପ୍ରସ୍ଥାନ କଲେ, ରଘୁନାଥ
ସେହି ଦିଗକୁ କିଛି କ୍ଷଣ ବିସ୍ମିତ ଭାବରେ ଚାହିଁ ରହିଲେ ଓ ପରେ
ବିପରୀତ ଦିଗରେ ପ୍ରସ୍ଥାନ କଲେ । )

---

## ଚତୁର୍ଥ ଦୃଶ୍ୟ

### ଧନପତିର ଧନାଗାର

ଧନପତି—(ଦୀର୍ଘନିଶ୍ୱାସ ନିକ୍ଷେପ କରି) ହାୟରେ କପାଳ ! ଯାହା
ସୌନ୍ଦର୍ଯ୍ୟପିପାସୁ ହୋଇ, ଯାହାର ପ୍ରାପ୍ତି ଆଶାରେ ଧନ, ଜ
ଦାସଦାସୀ, ରାଜ୍ୟ, ପଦମର୍ଯ୍ୟାଦା ସମସ୍ତ ତ୍ୟାଗ କରି ଏଠାକୁ ଆ
ଏତେ କାଳ ଅପେକ୍ଷା କରି ବସିଲି, ତାହାର ସନ୍ଧାନ ଅଦ୍ୟାବ

—ରଘୁଅରକ୍ଷିତ—]

ପାଇଲି ନାହିଁ । ଅଜସ୍ର ଧନ, ବସ୍ତ୍ର, ଅନ୍ନ ଦାନ କଲି, ଦୁଃଖୀ-ରଙ୍କୀଙ୍କ ପାଇଁ ଦିବାରାତ୍ର ଦ୍ୱାର ଉନ୍ମୁକ୍ତ କରି ରଖିଲି; ଭାବିଥିଲି, ଏହି ଉପାୟରେ ହୁଏ ତ ଦିନେ ତାର ଦେଖା ପାଇବି । କିନ୍ତୁ କାହିଁ ? ତା ତ ହେଲା ନାହିଁ । କେତେ ଜଣ ଭିକାରୀଙ୍କୁ ଧନ ଲୋଭ ଦେଖାଇ ଅନୁସନ୍ଧାନ କାର୍ଯ୍ୟରେ ନିଯୁକ୍ତ କଲି; କିନ୍ତୁ କେହି ତ ଏ ପର୍ଯ୍ୟନ୍ତ ତାହାର ସମ୍ବାଦ ଦେଇ ପାରିଲେ ନାହିଁ । ତେବେ ସେ ବୁଢ଼ୀ କଅଣ ଏଠାକୁ ଆସି ନାହାନ୍ତି ? ଚକ୍ରପାଣି ମତେ ମିଥ୍ୟା ଖବର ଦେଇଥିଲା ? ନାଁ, ତାହା କି କଦାପି ସମ୍ଭବ ହୋଇପାରେ ? ବର୍ତ୍ତମାନ ମୋର ଉପାୟ ? (ସହସା ଅନ୍ନପୂର୍ଣ୍ଣାକୁ ଦ୍ୱାରସମ୍ମୁଖ ରାଜ-ପଥରେ ଦେଖି) କିଏ ଏ ଅପୂର୍ବ ଲାବଣ୍ୟମୟୀ ନାରୀ ମୋ ଦ୍ୱାର-ଦେଶରେ ? ଆହା ! କି କମନୀୟ ମୂର୍ତ୍ତି ! କି ଦେବଦୁର୍ଲ୍ଲଭ ସୌନ୍ଦର୍ଯ୍ୟ ! ଏ କଅଣ ? ଏ ଯେ ମୋ ଗୃହମଧ୍ୟକୁ ପ୍ରବେଶ କରୁଛି ! (ଲଜ୍ଜାବନତବଦନା ଅନ୍ନପୂର୍ଣ୍ଣାର ଧୀରେ ଧୀରେ ପ୍ରବେଶ) କିଏ ତୁମେ, ସୁନ୍ଦରି ! ପରିଚୟ ଦିଅ ।

ଅନ୍ନ—ମୁଁ ଜଣେ ସାମାନ୍ୟ ଭିକାରୁଣୀ, ପରିଚୟ ଦେବି କଅଣ ?

ଧନ—ଭିକାରୁଣୀ ? କିଏ କହେ ଭିକାରୁଣୀ ? ଏ ସୌନ୍ଦର୍ଯ୍ୟ କଅଣ ଭିକାରୁଣୀଠାରେ ସମ୍ଭବ ? ଯାହାର ପଦସେବା ଲାଗି ଶତ ଶତ ରାଜପୁତ୍ର ଆଜୀବନ ତପସ୍ୟା କରିବେ, ସେ ଯଦି ଭିକାରୁଣୀ, ତେବେ ରାଜରାଜେଶ୍ୱରୀ କିଏ ?

ଅନ୍ନ—ଭିକାରୀର ସ୍ତ୍ରୀ ଭିକାରୁଣୀ ନ ହୋଇ ଆଉ କଅଣ ହୋଇପାରେ ? ରାଜରାଜେଶ୍ୱରୀ ହେବା ଦିନ ମୋର ଯାଇଛି । ସେକଥା କହି ଲାଭ କଅଣ ? ଛାଡ଼ନ୍ତୁ ସେ କଥା । ବହୁତ ଆଶା କରି ଆପଣଙ୍କ ପାଖକୁ ଆସିଛି, ଅରେ ମୋ ଗୁହାରି ଶୁଣନ୍ତୁ ।

ଧନ—କହ, ଶୁଣି ଏ କର୍ଣ୍ଣ କୃତାର୍ଥ ହେଉ ।

—ରଙ୍ଗଅରକ୍ଷିତ—

ଅନ୍ନ—ନାଁ, ଆପଣ ଆଗ ସତ୍ୟ କରନ୍ତୁ, ମୁଁ ଯାହା କହିବି ଶୁଣିବେ, ଯାହା ମାଗିବି ଦେବେ ।

ଧନ—ସତ୍ୟ କଲି, ସୁନ୍ଦରି ! ତୁମେ ଯାହା କହିବ ଶୁଣିବି, ଯାହା ମାଗିବ ଦେବି । ଯଦି ଆଦେଶ କର ଏ ଜୀବନକୁ ସୁଦ୍ଧା ତୁମ ପାଦତଳେ ଉତ୍ସର୍ଗ କରିପାରେ ।

ଅନ୍ନ—ଶୁଣନ୍ତୁ । ମୋ ଦ୍ୱାରରେ ଦୁଇ ଜଣ ଅଭ୍ୟାଗତ ମହାପ୍ରସାଦ ଖାଇବା ପାଇଁ ଅପେକ୍ଷା କରିଛନ୍ତି । ସ୍ୱାମୀ ମୋର ପଇସା ଅଭାବରୁ ସେମାନଙ୍କର ସେବା କରି ନ ପାରି ଜୀବନ ହରାଇବାକୁ ବସିଛନ୍ତି । ଆପଣ ମତେ ଏ ସଙ୍କଟରୁ ଉଦ୍ଧାର କରନ୍ତୁ । ମୁଁ ବହୁତ କାକୁତି ମିନତି କରି ଘଣ୍ଟାକ ମଧ୍ୟରେ ଟଙ୍କା ଆଣି ଦେବି ବୋଲି ସ୍ୱାମୀଙ୍କ ପାଖରେ ସତ୍ୟ କରି ଆସିଛି । ଏହି ମାଳିଟି ରଖି ମତେ ପାଞ୍ଚୋଟି ଟଙ୍କା ଦିଅନ୍ତୁ । ଆପଣଙ୍କ ଦୟାରୁ ମୋ ସ୍ୱାମୀଙ୍କ ଜୀବନ ରକ୍ଷା ହେଉ, ତାଙ୍କ ଅତିଥିସେବାବ୍ରତ ପୂରଣ ହେଉ ।

ଧନ—କିଏ ତୁମର ସ୍ୱାମୀ, ସୁନ୍ଦରି ?

ଅନ୍ନ—ନାମ ଧରିବି କିପରି ?

ଧନ—ସେ କେଉଁଠି ଥାଆନ୍ତି ?

ଅନ୍ନ—ବଳଗଣ୍ଡି ପାଖରେ, ଖଣ୍ଡେ ଗ୍ରେଟ କୁଡ଼ିଆରେ ।(ଦୀର୍ଘ ନିଶ୍ୱାସ ପକାଇ ଅର୍ଦ୍ଧ ସ୍ୱଗତ) ଆହା ! ତାଙ୍କର ପୂର୍ବ ବିଭବ ଥିଲେ ସେ କି ଆଜି ଏ ଦଶା ଭୋଗୁ ଥାଆନ୍ତେ ?

ଧନ—ତୁମ ସ୍ୱାମୀ କଅଣ ଜଣେ ବଡ ଲୋକ ଥିଲେ ?

ଅନ୍ନ—ସ୍ୱାମୀଙ୍କର ମୋର ନ ଥିଲା କଅଣ ? ସେ ଆପଣଙ୍କ ପରି ଜଣେ ବଡ ମହାଜନଙ୍କ ପୁଅ ଥିଲେ । ତାଙ୍କର ଅମାପ ଧନରତ୍ନ ଥିଲା । ଅଗଣିତ ଦାସଦାସୀ ଥିଲେ । ଇନ୍ଦ୍ରଭୁବନ ପରି ଘରଦ୍ୱାର ଥିଲା, ସବୁ ଯାଇଛି ।

—ରଘୁଅରକ୍ଷିତ—

ଧନ -- କିପରି ଗଲା ?

ଅନ୍ନ—ସେ ବହୁତ କଥା, ସେ ଗତ କଥାଗୁଡ଼ାକ କହି କି ଫଳ ? ମୋହରି ଲାଗି ତାଙ୍କର ସବୁ ସରିଛି । ଆହା ! ମୁଁ ଯଦି—

( ଅଶ୍ରୁମୋଚନ )

ଧନ — ତୁମ ସ୍ୱାମୀଙ୍କ ଘର କେଉଁଠାରେ ?

ଅନ୍ନ — ହରିପୁରରେ ।

ଧନ -- ହରିପୁରରେ ? ତେବେ ତୁମ ସ୍ୱାମୀ କଅଣ କୃଷ୍ଣ ମହାଜନ ପୁତ୍ର ରଘୁନାଥ ? ଆଉ ତୁମେ ଅନ୍ନପୂର୍ଣ୍ଣା ?

ଅନ୍ନ—ଏଁ ! ! ଆପଣ ମୋ ନାଁ ଜାଣିଲେ କିପରି ? କିଏ ଆପଣ ?

ଧନ—କିଏ ? ଅନ୍ନ ! ମୁଁ ପରା ତୁମ ରୂପର ପୂଜାହାରି, ଆଜୀବନ ତୁମ ସୌନ୍ଦର୍ଯ୍ୟର ଉପାସକ, ତୁମ ପ୍ରେମର ଭିକାରି । ମତେ ଚିହ୍ନି ପାରୁନାହଁ ? ଅନ୍ନ ! ଅନ୍ନ ! ଆରାଧ୍ୟା ଦେବୀ ମୋର ! ଏତେ ଦିନେ ଏ ପ୍ରେମ ପାଗଳଟା ଉପରେ ତୁମର ସୁଦୃଷ୍ଟି ପଡ଼ିଲା ! ଅନ୍ନ ! ସୁନ୍ଦରି ! ପ୍ରାଣେଶ୍ୱରି ! ଯେଉଁ ଦିନୁ ତୁମର ଏହି ରୂପଶ୍ରୀ ମୋର ଦୃଷ୍ଟି-ପଥରେ ପଡ଼ିଛି, ସେହି ଦିନୁ ମୁଁ ପରା ଏ ତୁଚ୍ଛ ଜୀବନକୁ ତୁମ ପଦତଳେ ବିକ୍ରୟ କରି ଦେଇଛି । ସେହି ଦିନୁଁ ତୁମେ ମୋର ହୃଦୟ-ସିଂହାସନରେ ଅଧିଷ୍ଠାତ୍ରୀ ଦେବୀ ରୂପେ ଦିବାରାତ୍ର ପ୍ରେମପୁଷ୍ପରେ ଅର୍ଚ୍ଚିତ ହୋଇ ଶୋଭା ପାଉଛ । ଶୁଣ ଅନ୍ନ ! ତୁମକୁ ପାଇବା ପାଇଁ ଆଜୀବନ କେତେ ଚେଷ୍ଟା କରି ଆସିଛି, କେତେ ଘର ଭାଙ୍ଗିଛି, କେତେ ମହାପାପ କରିଛି, କେତେ ଦୁଃଖ ସହିଛି । ତୁମର ଲାଗି ମାନ ଅପମାନ ପ୍ରତି ଭ୍ରୂକ୍ଷେପ ନ କରି, ଧନ, ଜନ, ରାଜ୍ୟ, ପଦମର୍ଯ୍ୟାଦା ସମସ୍ତ ଅକାତରରେ ତ୍ୟାଗ କରି ତୁମରି ଆଶାରେ ଏଠାକୁ ଆସି ଏତେ କାଳ ଚାତକ ପରି ଚାହିଁ ବସିଛି । ତୁମକୁ ନ ପାଇ କେତେ ହାହାକାର, ନୀରବରେ କେତେ ଅଶ୍ରୁପାତ କରିଛି—କେତେ ରାତି ଅନିଦ୍ରାରେ କଟାଇଛି । ଆସ ପ୍ରିୟତମେ ! ମୋ ଅନ୍ଧାର ଘରକୁ

ଆଲୁଅ କର, ମତେ ଇନ୍ଦ୍ରପଦ ଦାନ କର, ତୁମ ରୂପସାଗରରେ ମତେ ଭସାଇ ଦିଅ । ଆସ, ଅରେ ପ୍ରେମାଲିଙ୍ଗନ ଦେଇ ମତେ ଧନ୍ୟ କର । ମୋର ଦଗ୍‌ଧ ପ୍ରାଣକୁ ପ୍ରେମଜଳ ସିଞ୍ଚି ଶୀତଳ କର । ( ଆଲିଙ୍ଗନ କରିବାକୁ ଉଦ୍ୟତ )

ଅନ୍ନ—(ପଛକୁ ଘୁଞ୍ଚିଯାଇ) ଆପଣ ଏପରି ଅଧୀର ହେଉଛନ୍ତି କାହିଁକି ?

ଧନ—ଆଉ ଧୈର୍ଯ୍ୟ ଧରି ପାରୁ ନାହିଁ, ଅନ୍ନ !

ଅନ୍ନ—(ସ୍ୱଗତ) ଓଃ ! କି ବିପଦରେ ପଡ଼ିଲି । ପ୍ରଭୁ ! ପ୍ରଭୁ ! ସ୍ୱାମି ! ସ୍ୱାମି !

ଧନ—ଆସ, ଅନ୍ନ ! ଆଉ ଯେ ବିଳମ୍ବ ସହି ହେଉ ନାହିଁ ।

ଅନ୍ନ—ଆପଣ ଏହି କ୍ଷଣି ସତ୍ୟ କରି ସତ୍ୟ ଲଙ୍ଘିବାକୁ ଯାଉଛନ୍ତି ? ଏହି କଅଣ ଆପଣଙ୍କ ଭଳି ବଡ ଲୋକ ପକ୍ଷରେ ସୁନ୍ଦର ହେଉଛି । ଏହା କଅଣ ଧର୍ମ !

ଧନ—ଅନ୍ନ ! ତୁମେ ତ ମୋର ଧର୍ମ, ମୋର କର୍ମ, ମୋର ସବୁ । ଆଉ ଧର୍ମାଧର୍ମ ମୁଁ ଜାଣେ ନାହିଁ । ମତେ ଆଉ ସେସବୁ କଥା କହ ନାହିଁ ।

ଅନ୍ନ—ମୁଁ ନାରୀ ବୋଲି ଆପଣ ମୋ କଥାକୁ ଘୃଣା କଲେ ?

ଧନ—ନାଁ, ନାଁ, ତୁମେ ମୋ ପ୍ରାଣ, ମୋ ତପସ୍ୟାର ଫଳ, ମୋ ଜୀବନର ଶେଷ ଲକ୍ଷ୍ୟ, ତୁମ କଥାକୁ କି ଏଡ଼ିପାରେ ! କହ, ଯାହା ମାଗିବ, ଦେବି ।

ଅନ୍ନ—ଏହି ମାଳିଟି ରଖି ମତେ ପାଞ୍ଚୋଟି ଟଙ୍କା ଦିଅନ୍ତୁ । ଆପଣଙ୍କ ଦୟାରୁ ମୋ ସ୍ୱାମୀଙ୍କ ପ୍ରାଣରକ୍ଷା ହେଉ ।

ଧନ—ଆଉ କାହିଁକି ? ଭୁଲିଯାଅ ସେସବୁ କଥା । ଗତ ଦୁଃଖଗୁଡ଼ାକ ହୃଦୟରୁ ପୋଛି ଫିଙ୍ଗିଦିଅ, ଅନ୍ନ ! ଆହା ! ଅପାତ୍ରରେ ପଡ଼ି ତୁମ ରୂପ କିପରି ମଳିନ ହୋଇଗଲାଣି । ଅରକ୍ଷିତ ରଘୁଆଟା କି ତୁମ ପତି ହେବାର ଯୋଗ୍ୟ ?

—ରଘୁଅରକ୍ଷିତ—

ଅନ୍ନ—ଓଃ ! ( ସ୍ୱାମୀଙ୍କର ନିନ୍ଦା ଶ୍ରବଣ କରି କାନରେ ହାତ ଦେବା )

ଧନ—ଆସ ଅନ୍ନ ! ମୋର ପୁରୀ ମଣ୍ଡନ କର ।

ଅନ୍ନ – ତେବେ କଅଣ ମାଳଟି ରଖି ପାଞ୍ଚୋଟି ଟଙ୍କା ଦେବେ ନାହିଁ ?

ଧନ—ଦେବି ନାହିଁ ? କିଏ କହେ ନ ଦେବି ବୋଲି ! ତୁମ ରୂପ ତୁଳନାରେ ସାମାନ୍ୟ ପାଞ୍ଚ ଟା ଟଙ୍କା କଅଣ, ଇନ୍ଦ୍ର ସମ୍ପଦ ମଧ୍ୟ ଅତି ତୁଚ୍ଛ । ତୁମ ପାଇଁ ଏ ଧନଭଣ୍ଡାର ସଞ୍ଚିତ କରି ରଖିଛି, ନିଅ ଅନ୍ନ ! ମୋର ସମସ୍ତ ସମ୍ପତ୍ତି ନେଇ ବିନିମୟରେ ମତେ ତୁମ ପ୍ରେମ ଦାନ କର ।

ଅନ୍ନ—ଆପଣଙ୍କ ଧନ ସମ୍ପତ୍ତିରେ ମୋର କି ଲୋଡ଼ା ? ମୁଁ ତ ପାଞ୍ଚୋଟି ଟଙ୍କା ମାଗୁଛି ।

ଧନ—ପାଞ୍ଚ ଟା କାହିଁକି, ଆଦେଶ ଦେଲେ ଶହ ଶହ ଟଙ୍କା ତୁମ ପାଦଙ୍କ ଗୋଡ଼ତଳେ ରଖିଦେଇ ଆସିବି ।

ଅନ୍ନ—ନା, ଆପଣ କାହିଁକି ଯିବେ ? ମୋର ବା ଶହ ଶହ ଟଙ୍କା କଅଣ ହେବ ? ମୁଁ କେବଳ ପାଞ୍ଚୋଟି ଟଙ୍କା କେଉଁଠୁ ସଂଗ୍ରହ କରି ନେଇ-ଯିବାକୁ ତାଙ୍କ ପାଖେ ସତ୍ୟ କରି ଆସିଛି । ଆପଣଙ୍କ ଇଚ୍ଛା ହେଲେ ଦିଅନ୍ତୁ, ନଇଲେ ନାସ୍ତି କରି ଦିଅନ୍ତୁ, ମୁଁ ଆଉ କାହା ଦ୍ୱାରକୁ ଯାଏ ।

ଧନ—ନାଁ, ନାଁ, ମୁଁ ଥାଉଁ ଥାଉଁ ଆଉ କାହା ଦ୍ୱାରକୁ ଯିବ କାହିଁକି ? ( ଟଙ୍କା ତୋଡ଼ା ବାହାର କରି ଅନ୍ନପୂର୍ଣ୍ଣାର ସମ୍ମୁଖରେ ଥୋଇ ) ନିଅ, ଯେତେ ଟଙ୍କା ଇଚ୍ଛା ହେଉଛି ନିଅ ।

ଅନ୍ନ—ମୁଁ କାହିଁକି ନେବି ? ଆପଣ କେବଳ ମୋତେ ପାଞ୍ଚୋଟି ଟଙ୍କା ଦିଅନ୍ତୁ ।

ଧନ—( ତୋଡ଼ାରୁ ପାଞ୍ଚୋଟି ଟଙ୍କା ଅନ୍ନପୂର୍ଣ୍ଣାଙ୍କୁ ଦେଇ ) ଆଉ ନେବ ନାହିଁ, ଅନ୍ନ !

ଅନ୍ନ—ନାଁ, ମୋର ଆଉ ଅଧିକ ଟଙ୍କା ଲୋଡ଼ା ନାହିଁ । ନିଅନ୍ତୁ, ଏ ମାଳଟି ରଖନ୍ତୁ ।

( ଧନପତି ହସ୍ତରେ ମାଳ ଦେବା )

—ଯବନିକା ପତନ—

ଧନ—ଏ କଅଣ କରୁଛ, ଅନ୍ନ ! ମାଲି ମୋର କଅଣ ହେବ ? ପାଞ୍ଚୁଟା ଟଙ୍କା କ ଗୁର !

ଅନ୍ନ—ଆପଣଙ୍କୁ ସାମାନ୍ୟ ହୋଇପାରେ, ଗରିବର ସେ ତାହା କୋଟି-ନିଧି । ମୋତେ ବିଦାୟ ଦିଅନ୍ତୁ; ବହୁତ ବିଳମ୍ବ ହୋଇଗଲାଣି । ତେଣେ ସ୍ୱାମୀ ମୋର ମୋ ବାଟକୁ ଚାହିଁ ବସିଥିବେ । ଆପଣଙ୍କର ଏ ଦୟା ଲାଗି ଜଗନ୍ନାଥେ ଆପଣଙ୍କର ମଙ୍ଗଳ କରିବେ ।

( ପ୍ରସ୍ଥାନୋଦ୍ୟତ )

ଧନ—ଅନ୍ନ ! ଅନ୍ନ ! ଯାଅ ନାହିଁ, ମୋ ମିନତି ରକ୍ଷାକର, ଅନ୍ନ !

ଅନ୍ନ—( ନୀରବରେ ଅଗ୍ରସର ହେବା )

ଧନ—ତେବେ ଏ ଦାସକୁ ତୁମ ସାଙ୍ଗରେ ଯିବାକୁ ଅନୁମତି ଦିଅ ?

ଅନ୍ନ—ନାଁ, କ୍ଷମା କରନ୍ତୁ ।

ଧନ—ପୁନରପି ଆଜ ତୁମ ଦେଖାମିଳିବ ତ ? କହିଯାଅ, କହିଯାଅ ଅନ୍ନ !

ଅନ୍ନ—( ନୀରବରେ ଅଗ୍ରସର ହେବା )

ଧନ—ଶୁଣ, ଅନ୍ନ ! ଯଦି ସନ୍ଧ୍ୟା ପୂର୍ବରୁ ନ ଫେର, ତେବେ ତୁମଦ୍ୱାରରେ ଉପସ୍ଥିତ ହେବି ।

ଅନ୍ନ—(ନୀରବରେ ପ୍ରସ୍ଥାନ କରିବା )

ଧନ—ଆହା ! ଚାଲିଗଲା ! କାହିଁ, କିଛି ତ ପ୍ରତ୍ୟୁତ୍ତର ଦେଇଗଲା ନାହିଁ ? କାହିଁକି ଗୁଣ୍ଡିଦେଲି ? ଆଉ କି ସେ ଆସିବ ? ଓଃ ହୋ ! ସେ ନୟନରେ କି ଦିବ୍ୟ ଜ୍ୟୋତି ! ସେ ଦେହରେ କି ଅପୂର୍ବ ତେଜ ! ସେ ସୌନ୍ଦର୍ଯ୍ୟରେ କି ମାଦକତା ! ମୁଁ ମନ୍ତ୍ରମୁଗ୍ଧ ହୋଇ ରହିଗଲି । ତାକୁ ଧରିବାକୁ ତ ମୋର ସାହସ ହେଲା ନାହିଁ କି ମୋ ହାତ ଉଠିଲା ନାହିଁ । ଧନ୍ୟ ନାରୀ ! ଧନ୍ୟ ତୋର ଶକ୍ତି !

( ପ୍ରସ୍ଥାନ)

# ପଞ୍ଚମ ଦୃଶ୍ୟ

## କୁଟୀରାଭ୍ୟନ୍ତର

[ ଉଦ୍‌ବିଗ୍ନ ଚିତ୍ତ ରଘୁନାଥ ଏକାକୀ ଉପବିଷ୍ଟ ]

ରଘୁ—ଆଉ କେତେ କାଳ ଅପେକ୍ଷା କରି ବସିବି ? ଗୃହୁଁ ଗୃହୁଁ ତ ଆସି ବେଳ ବୁଡ଼ିଲା । କାହିଁ ଅନ୍ନ ତ ଏ ପର୍ଯ୍ୟନ୍ତ ଫେରିଲା ନାହିଁ ? ବୋଧହୁଏ ଟଙ୍କା ନ ମିଳିବାରୁ ଲଜ୍ଜାରେ ଆସୁ ନାହିଁ । କିନ୍ତୁ ମୁଁ ତ ଆଉ ସମ୍ଭାଳି ହୋଇ ରହି ପାରୁନାହିଁ । ଅତିଥିମାନେ କେତେ ବେଳୁଁ ଗଲେଣି; ଏହି କ୍ଷଣି ତ ନିଶ୍ଚେ ଆସି ଡାକିବେ । ଓଃ ! କଅଣ କରିବି ? ମୋର ଅତିଥିସେବା ହୋଇପାରିଲା ନାହିଁ ! ମୋର ବହୁ ଦିନର ବ୍ରତ ଭଗ୍ନ ହେଲା ! ଆହା ! କ୍ଷୁଧାର୍ତ୍ତ ଅତିଥି-ମାନେ ଖାଇବା ଆଶାରେ ଆସି ନିଶ୍ୱାସ ପକାଇ ମୋ ଦ୍ୱାରରୁ ଫେରିଯିବେ ! ଏହା ସହ୍ୟ କରିବି କିପରି ?—ଓଃ ! ଗରିବ ଜୀବନ କେତେ ଦୁଃଖମୟ ! ପ୍ରଭୁ ହେ ! ଏ ଦାସପ୍ରତି କଅଣ ତୁମର କରୁଣା ନାହିଁ ? ହଉ, ତୁମ ଇଚ୍ଛା । ( ଏହି ସମୟରେ ପୂର୍ବୋକ୍ତ ଅତିଥିମାନେ ଦ୍ୱାରଦେଶରେ "ଓ ଦାତାଜୀ ! ଦାତାଜୀ !" ଡାକି-ବାର ଶୁଣି ସସବ୍ୟସ୍ତେ ) ଓଃ ! ଓଃ ! କି ଉତ୍ତର ଦେବି ? ହେ ଜଗନ୍ନାଥେ ! ( ଅତିଥିମାନେ ପୁନରପି ଡାକିବା ) ନାଃ ! ନାଃ ! ଯାଏ, ( ଦ୍ୱାରଦେଶକୁ ଗମନ କରି ଓ ଫେରିଆସି ) କିପରି ମନା କରିଦେବି ? ଏ କଥା ମୁହଁରେ ଉଚ୍ଚାରଣ କରିବି କିପରି ? ଅନ୍ନ ! ଅନ୍ନ ! ନା, ଏ ପ୍ରାଣରେ ଆଉ କି ପ୍ରୟୋଜନ ! ଯାଏଁ ନିଜ ହାତରେ ଏ ତୁଚ୍ଛ ପ୍ରାଣକୁ ଶେଷ କରି ଏ ଦୁଃଖରୁ ପରିତ୍ରାଣ ଲଭ କରେଁ । ଆହା ! ମୋର ଅତିଥିସେବା ଅପୂର୍ଣ୍ଣ ରହିଲା ? ହେ ଅନାଥର ନାଥ ଜଗନ୍ନାଥ !

—ରଘୁଅରକ୍ଷିତ—

( ବିଷନ୍ନ ବଦନରେ ଅନ୍ନପୂର୍ଣ୍ଣାର ପ୍ରବେଶ )

ଅନ୍ନ ! ଅନ୍ନ ! ଟଙ୍କା ! ଟଙ୍କା ! ଆଣି ନାହୁଁ ପରା ! ଦେ, ତେବେ ମତେ ବିଦାୟ ଦେ ।

ଅନ୍ନ—(ଦୀର୍ଘନିଃଶ୍ବାସ ପକାଇ ଗମ୍ଭୀର ସ୍ବରରେ ) ହଁ ଆଣିଛି ।

ରଘୁ—ଆଣିଛୁ ? ବାଃ ! ବାଃ ! ଦେ, ଦେ, ମୁଁ ଆଗଯାଇ ଆନନ୍ଦ ବଜାରରୁ କ୍ଷୀର ଖେଚେଡ଼ି କିଣିଆଣି ଅତିଥିମାନଙ୍କୁ ମନବୋଧ କରି ଖାଇବାକୁ ଦିଏଁ । (ଅନ୍ନ ନିକଟକୁ ଗମନ କରି ଓ ଟଙ୍କା ଗ୍ରହଣ କରି ) ଅନ୍ନ ! ତୋ ମୁହଁ ଏପରି ଶୁଖିଯାଇଛି କାହିଁକି ? ତୋର ଆଖି ଦିଓଟି ଛଳଛଳ କାହିଁ ? କଅଣ ହେଲା ? ତୋତେ କିଏ କଅଣ କହିଛି କି ? ମହାଜନ କଅଣ ଅପମାନ କରି କିଛି କହିଲା ?

ଅନ୍ନ—ସେ ତ ମହାଜନ ନୁହେଁ; ସେ ସେହି ନରରାକ୍ଷସ ।

ରଘୁ—କିଏ ସେ ? ଅନ୍ନ !

ଅନ୍ନ—ଯେ ଆମର ସର୍ବନାଶ କରି ଆମକୁ ଦାଣ୍ଡର ଭିକାରି କରିଛି; ଆମକୁ ଏତେ ଦୁଃଖ ଦେଇଛି ।

ରଘୁ—ଫିଟାଇ କରି କହ, ଅନ୍ନ !

ଅନ୍ନ—ସେ ମହାଜନ ନୁହେଁ; ସେ ସେହି ମନ୍ତ୍ରିପୁଅ ସୁରଥ ।

ରଘୁ—ସୁରଥ ! ସେ ଏଠାରେ କିମିତି ?

ଅନ୍ନ—ପାପୀର ପାପ ଆଶା ଛଡ଼ା ଆଉ କଅଣ ହୋଇପାରେ ?

ରଘୁ—ସତେ ? ଏତେ ଦୂର ? ଆଉ ସେ କଅଣ କହିଲା ?

ଅନ୍ନ—କଅଣ ନ କହିଛି ଯେ ! ସେ ସବୁ ପାପକଥା ତୁଣ୍ଡରେ ଧରିବାର ନୁହେଁ । ମହାପ୍ରଭୁଙ୍କ ଦୟାରୁ, ତୁମ ନାମ ବଳରୁ ଆଜି କାଳସର୍ପ ମୁହଁରୁ ଉଦ୍ଧାର ପାଇଲି । ନଇଲେ ଏତେବେଳକୁ ମୋ ଦଶା କଅଣ ହୋଇଥାଆନ୍ତା କେଜାଣି ?

ରଘୁ—ବ୍ୟସ୍ତ ହୋ ନା, ଅନ୍ନ ! ଜଗନ୍ନାଥେ ଅଛନ୍ତି, ସେସବୁ ବୁଝିବେ ।

—ରଘୁଅରକ୍ଷିତ—

ଅନ୍ନ—ଓଃ ହୋ ! ତା କଥାସବୁ ଭାବିଲା ବେଳକୁ ମୋ ଦେହ ଭିତରଟା ଥରିଯାଉଛି । ସେ ଫେର କହୁଛି—ସନ୍ଧ୍ୟାବେଳକୁ ଆସି ମତେ ନେଇଯିବ ।

ରଘୁ—ନେଇଯିବ ? ଜଗନ୍ନାଥେ କଅଣ ଶ୍ରୀକ୍ଷେତ୍ର ଛାଡ଼ି ଚାଲିଗଲେଣି ! କେବେ ନୁହେଁ । କେବେ ନୁହେଁ । ତୁ ଆଦୌ ମନରେ ଭାବିଲେଣି କର ନା, ଅନ୍ନ ! ଯାଏଁ ଅତିଥିସେବାରେ ବିଳମ୍ବ ହେଉଛି

( ଗମନୋଦ୍ୟତ )

ଅନ୍ନ—ତୁମେ ଚାଲି ଯାଉଛ, ସେ ଯେବେ ସନ୍ଧ୍ୟାବେଳକୁ ଆସେ—ମୁଁ କଅଣ କରିବ ?

ରଘୁ—ତୋ କର୍ତ୍ତବ୍ୟ ତୁ କରିବୁ । ତାକୁ ଉପଯୁକ୍ତ ସମ୍ମାନ ଦେଖାଇବୁ ଆଉ ମହାପ୍ରଭୁଙ୍କୁ ମନପ୍ରାଣ ଦେଇ ଡାକିବୁ ।

( ପ୍ରସ୍ଥାନ )

ଅନ୍ନ—ନାଥ ! ନାଥ ! ଚାଲିଗଲ । ହଉଯାଅ ! ନାଥ ! ଯଦି ତୁମ ପଦତଳେ ମୋର ଭକ୍ତି ଥିବ, ଯଦି ତୁମ ଛଡ଼ା ମୁଁ ଆଉ କାହାରିକୁ ସ୍ୱପ୍ନରେ ସୁଦ୍ଧା ଏ ହୃଦୟରେ ସ୍ଥାନ ଦେଇ ନ ଥିବ, ତେବେ ମୋ ଧର୍ମ ମତେ ରକ୍ଷା କରିବ । ପ୍ରଭୁ ! ପ୍ରଭୁ ! ହେ ଲଜ୍ଜାନିବାରଣ ବାନା ! ଏ ଦାସୀ ତା ଜୀବନ, ନାରୀଧର୍ମ, ପତିସେବା, ସମସ୍ତ ତୁମ ପାଦତଳେ ସମର୍ପଣ କରୁଛି । ରଖ ବା ନ ରଖ ତୁମ ଇଚ୍ଛା ।

—ଉଦ୍ଧୂଅରକ୍ଷିତ—

## ଷଷ୍ଠ ଦୃଶ୍ୟ

### ରଘୁନାଥଙ୍କ କୁଟୀରର ସମ୍ମୁଖଭାଗ

### ସମୟ—ରାତ୍ରିର ପ୍ରଥମ ଯାମ

(ଛୁରିକା ହସ୍ତରେ ଧରି ଧନପତି ବେଶରେ ସୁରଥର ପ୍ରବେଶ)

ସୁରଥ—ସନ୍ଧ୍ୟାବେଳେ ଉପସ୍ଥିତ ହୋଇ ସଙ୍ଗରେ ନେଇ ଆସିବାକୁ କହିଥିଲି, ସୁନ୍ଦରୀ କିଛି ପ୍ରତ୍ୟୁତ୍ତର ନ ଦେଇ ନୀରବରେ ଚାଲି-ଆସିଛି । ମୁଁ ଯେତେ ଥର ପ୍ରେମ-ନିବେଦନ କରିଛି, ତାର ପ୍ରକାଶ୍ୟ ସ୍ୱୀକାର ନ ପାଇଲେ ସୁଦ୍ଧା ଅସମ୍ମତି ତ ପାଇ ନାହିଁ ? ଅନ୍ତ ନିଶ୍ଚୟ ମୋର ପ୍ରେମାଭିଳାଷିଣୀ । ତା ହୋଇ ନ ଥିଲେ ସ୍ୱାମୀକୁ ନ ପଠାଇ ଏକା ମୋ ଦ୍ୱାରରେ ଉପସ୍ଥିତ ହୋଇ ଥାଆନ୍ତା କାହିଁକି ? ମୋ କଥାରେ ପ୍ରତ୍ୟୁତ୍ତର ନ ଦେଇ ଚାଲି ଆସିଥାଆନ୍ତା କାହିଁକି ? ଲଜ୍ଜା ? ସେ ଗୋଟାଏ ଛଳନା ମାତ୍ର । ଦୁର୍ବଳା ଅବଳା ସ୍ୱାମୀ ଭୟରେ ଭୀତା । ତାହାର ସ୍ୱାମୀ ଆମ ଦୁହିଙ୍କ ମିଳନର ପ୍ରତିବନ୍ଧକ । ତାର ପ୍ରତିକାର—ଏହି ଛୁରିକା । ଏହିଥିରେ ସେହି ପ୍ରତିବନ୍ଧକକୁ ଛିନ୍ନ କରିବି, ସେ ବ୍ୟବଧାନ ଦୂର କରିବି । ବାଃ ! ଆଜି କି ଅପୂର୍ବ ସୁଯୋଗ ! କି ଆନନ୍ଦ ! ଏତେ ଦିନେ ପ୍ରାଣର ବାସନା ପୂର୍ଣ୍ଣ ହେବ ! ( ଅଗ୍ରସର ହେଉଥିବା ବେଳେ ବିପରୀତ ଦିଗରୁ ରଘୁନାଥର ପ୍ରବେଶ ) କିଏ ତୁମ୍ଭେ ?

ରଘୁ—ଆପଣ ବୋଧହୁଏ ପଦ୍ମପୁର ରାଜ୍ୟର ମନ୍ତ୍ରିପୁଅ ସୁରଥ ବାବୁ ?

ସୁରଥ—ତୁମ୍ଭେ ମୋ ନାମ ଜାଣିଲ କିପରି ? କିଏ ତୁମ୍ଭେ ?

ରଘୁ—ମୋତେ ଚିହ୍ନିପାରୁ ନାହାନ୍ତି, ସୁରଥ ବାବୁ ! ମୁଁ ପରା ସେହି ଅଧମ ଅରକ୍ଷିତ ରଘୁଆ ? ମୋର ପ୍ରଣାମ ଗ୍ରହଣ କରନ୍ତୁ ।

ସୁରଥ—ଏଁ ! ! (ରଘୁନାଥ ପ୍ରଣାମ କରିବା ବେଳେ ସୁରଥ ହାତରୁ ଛୁରିକା ଖସିପଡ଼ିଲା । ସେ କିଂକର୍ତ୍ତବ୍ୟବିମୂଢ଼ ହୋଇ ଦଣ୍ଡାୟମାନ

ହେଲେ । ପ୍ରାଣରେ ପ୍ରଥମତଃ ଅବସନ୍ନତା ପରେ ଜଡ଼ତା ଅନୁଭବ କରି ରଘୁନାଥଙ୍କର ଆପାଦମସ୍ତକ ନିରୀକ୍ଷଣ କରିବାକୁ ଲାଗିଲେ)

ରଘୁ—ସୁରଥ ବାବୁ ! ଧନ୍ୟ ଆପଣ, ଧନ୍ୟ ଆପଣଙ୍କ ଦୟା । ଆଜି ଆପଣଙ୍କ ଲାଗି ମୋ ଅତିଥିସେବାବ୍ରତ ଅକ୍ଷୁର୍ଣ୍ଣ ରହିଲା । (ନିକଟକୁ ଯାଇ ) ଆସନ୍ତୁ, ଆପଣଙ୍କ ପଦରଜରେ ମୋର କୁଟୀର ପବିତ୍ର ହେଉ ।

ସୁରଥ—(ନୀରବରେ ଦଣ୍ଡାୟମାନ)

ରଘୁ—ଆପଣ ଭୁଲି ହୋଇ ଠିଆହେଲେ କାହିଁକି ? କଅଣ ଆମ୍ଭମାନଙ୍କୁ ପର ଭାବୁଛନ୍ତି ? ଆମ୍ଭେମାନେ କଅଣ ଆପଣଙ୍କର ନୋହୁଁ ? (ସୁରଥର ହାତ ଧରି) ଆସନ୍ତୁ, ଆପଣଙ୍କର ପଦସେବା କରି ଆମ୍ଭେମାନେ ଧନ୍ୟ ହେଉଁ । (ରଘୁନାଥଙ୍କ ସ୍ପର୍ଶରେ ସୁରଥଙ୍କ ପ୍ରାଣ ସ୍ୱର୍ଗୀୟ ଆନନ୍ଦରେ ପୁଲକିତ ହୋଇ ଉଠିଲା ) ଆପଣ ଆସିବେ ବୋଲି କହିଥିବାରୁ ଅନ୍ନ ଆପଣଙ୍କ ଅପେକ୍ଷାରେ ବସିଛି । ଦୟା-କରି କୁଡ଼ିଆ ମଧ୍ୟକୁ ଆସନ୍ତୁ । (ଦ୍ୱାର ନିକଟକୁ ଗମନ କରି) ଅନ୍ନ ! ଅନ୍ନ ! ଅନ୍ନ ! ଦ୍ୱାରଫିଟା, ଅନ୍ନ ! ନେ ତୋର ଅନ୍ନଦାତା ଅତିଥିଙ୍କୁ ସାଦର ସମ୍ଭାଷଣ କରି ଘର ଭିତରକୁ ନେଇ ଯା । ତାଙ୍କର ଉପଯୁକ୍ତ ସତ୍କାର କର ।

[ସହସା ଦ୍ୱାର ଉନ୍ମୁକ୍ତ ହୋଇଗଲା । କୁଟୀରଟି ଦିବ୍ୟ ଜ୍ୟୋତି ଓ ସ୍ୱର୍ଗୀୟ ସୌରଭରେ ପୂରି ଉଠିଲା । ଶ୍ରୀକୃଷ୍ଣଙ୍କ କୋଳରେ ଅନ୍ନପୂର୍ଣ୍ଣା ଉପବିଷ୍ଟା ଥିଲେ, ଊର୍ଦ୍ଧ୍ୱରୁ ପୁଷ୍ପ ବୃଷ୍ଟି ହେଲା ଏବଂ ଅମର ସଙ୍ଗୀତ ତାନରେ ଚତୁର୍ଦ୍ଦିଗ ଝଙ୍କୃତ ହୋଇ ଉଠିଲା ।

ସୁରଥ—(ଏହି ଅପୂର୍ବ ଦୃଶ୍ୟ ଦେଖି ପ୍ରାଣର ଆବେଗରେ) ଅନ୍ନ ! ଅନ୍ନ ! ନାଁ, ନାଁ, ଦେବି ! ଦେବି ! ନାଁ, ନାଁ, ମା ! ! ମା ! ! ଏ ଅଧମ ନରାଧମକୁ କ୍ଷମା କର ମା ! !

(ପଦତଳେ ପତନ)

## ଯ ବ ନି କା

କଟକ ସତ୍ୟବାଦୀ ପ୍ରେସରେ ଶ୍ରୀ ରାଧାନାଥ ରଥଙ୍କ ଦ୍ୱାରା ମୁଦ୍ରିତ, ୧୯୫୧